ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 21/2025 | Page 14 | ₹ 7.00
୫୧ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 175 | ମୂଲ୍ୟ ₹୭/-



## 'ୱାର୍ ୨': ହ୍ରିତିକ୍-ଜୁନିୟର ଏନ୍‌ଟିଆର୍ ଲଢ଼େଇ

'ୱାର୍ ୨' ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଏଥିରେ ଅଭିନେତା ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଅନେକ ଆକ୍ସନ ଦୃଶ୍ୟ ଥିବାର ଦେଖିବାକୁ ମିଳିଛି।

୦୨

୧୪

## ଯୁଦ୍ଧବୀରଙ୍କ ପ୍ରଭାବୀ ବୋଲିଂ

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରି ୩ଉଇକେଟ ହାସଲ କରିଛନ୍ତି ରାଜସ୍ଥାନ ରୟାଲ୍ସର ଯୁଦ୍ଧବୀର ସିଂ ଚରକ।



# ଆଜି ପ୍ରକାଶ ପାଇବ ଯୁକ୍ତ ୨ ପରୀକ୍ଷାଫଳ

**ଭୁବନେଶ୍ୱର, ୨୦।୫ (ସୁଚିସ୍ମିତା ସାହୁ)**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ଅପରାହ୍ନ ୪ଟାରେ ପ୍ରକାଶ ପାଇବ। ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ସିଏଚ୍ଏସ୍ଇ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ରେଜଲ୍ଟ www.results.odisha.gov.in, www.chseodisha.nic.in, www.results.digilocker.gov.in ମାଧ୍ୟମରେ ଜାଣିପାରିବେ। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟକ୍ଷ ପରୀକ୍ଷା ଫଳାଫଳ ଘୋଷଣାର ଏକ ଘଣ୍ଟା ପରେ ସାମ୍ସ ଇ ସ୍ପେସ୍‌ରୁ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟାବୁଲେଶନ ରେଜିଷ୍ଟର ପାଇପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃଆରୀ ୧୫ରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଯୁକ୍ତ୨ ପରୀକ୍ଷା ହୋଇଥିଲା। ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କଳା ବିଭାଗରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ବିଷୟରେ ୫,୭୨୧ ଜଣ ପରୀକ୍ଷା ଦେଇଥିଲେ। ୧,୨୭୬ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ମହଜୁଦ ପାଇଁ ୨୦୫ଟି ହବ୍ ବ୍ୟବସ୍ଥା କରାଯାଇଥିଲା।

# ଜୁନ୍ ୧ ଯାଏ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୨୦।୫ (ସୁଚିସ୍ମିତା ସାହୁ)**

ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି କରାଯାଇଛି। ରାଜ୍ୟରେ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ମଙ୍ଗଳବାର ଆବେଦନ ଅବଧି ଶେଷ ହେଉଥିଲା, ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଥିଲେ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ନାମଲେଖା ଆବେଦନର ଅବଧିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଏପ୍ରିଲ ୧୬ରେ ଆରମ୍ଭ ହୋଇ ମେ ୨୦ ତାରିଖ ଭିତରେ ଶେଷ ହୋଇଥାଏ। ହେଲେ ଏପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ କରି ନ ଥିବାବେଳେ ଅନ୍ୟପଟେ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଶେଷ ହେଉଛି। ଏନେଇ ଅଭିଭାବକ ଏବଂ ଶିକ୍ଷାବିତମାନେ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଫଳରେ ସରକାର ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁମାନେ ସିଏଏଫ୍‌ରେ ଆବେଦନ କରିଛନ୍ତି, ସେମାନେ ମାର୍କଶିଟ୍ ଅପ୍‌ଲୋଡ୍ କରିପାରିବେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସିଲେକ୍ସନ ଡେଡ୍‌ଲାଇନ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ଆସନ୍ତା ଜୁନ ୧ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ଏଥିସହିତ ଯୁକ୍ତ ୨ ପରୀକ୍ଷାରେ ରଖିଥିବା ନିଜର ମାର୍କ ମଧ୍ୟ ଜୁନ ୧ ତାରିଖ ସୁଦ୍ଧା ଅପଲୋଡ୍ କରିପାରିବେ।

**ଆଜିର ସମ୍ପାଦକୀୟ**

**ସହରୀ ବନ୍ୟା**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନଙ୍କୁ ଧରିବା ପରିବର୍ତ୍ତେ ଖବରଦାତାମାନଙ୍କୁ ଗିରଫ କରୁଛନ୍ତି।
**-ଜୟରାମ ରମେଶ, କଂଗ୍ରେସ ନେତା**



ଜମ୍ମୁ-କଶ୍ମୀରସ୍ଥିତ ପୁଞ୍ଛ ସେକ୍ଟର ଏଲ୍‌ଓସି ନିକଟରେ ଠାବ ହୋଇଥିବା ପାକିସ୍ତାନୀ ସେନାର ଗୁଳିଗୋଳା ଓ ମୋର୍ଟାର ଶେଲ୍ ଦେଖାଉଛନ୍ତି ଜଣେ ଭାରତୀୟ ଯବାନ।

# ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ, ୨୦।୫ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୧ରୁ ପରୀକ୍ଷା ଆରମ୍ଭ ହୋଇ ୧୦ରେ ଶେଷ ହେବ। ପ୍ରଥମ ଦିନ ଜୁଲାଇ ୧ରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ଅଲଟରନେଟିଭ ଇଂଲିଶ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ଜୁଲାଇ ୪ରେ ଗଣିତ, ଜୁଲାଇ ୭ରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ଜୁଲାଇ ୮ରେ ଟିଏଲଭି ପ୍ରାକ୍ଟିକାଲ, ଜୁଲାଇ ୯ରେ ବିଜ୍ଞାନ ଏବଂ ଜୁଲାଇ ୧୦ରେ ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସି, ଭୋକେଶନାଲ ଟ୍ରେଡ୍ ଥିଓରି ପରୀକ୍ଷା ହେବ। ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀମାନେ ସମାନ ପ୍ରଶ୍ନପତ୍ର ଓ ଗୋଟିଏ ସିଟିଂରେ ପରୀକ୍ଷା ଦେବେ। ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏ ହେବ। କେବଳ ଗଣିତ ବିଷୟ ୧୧ଟା ୪୫ରେ ସରିବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ସପ୍ଲିମେଣ୍ଟାରି ପରୀକ୍ଷା ଜୁନ୍ ୩୦ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ହେବ। ପ୍ରଥମ ଦିନ ଜୁନ୍ ୩୦ରେ ଗୃହ ବିଜ୍ଞାନ, ଜୁଲାଇ ୧ରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ଜୁଲାଇ ୩ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ଜୁଲାଇ ୪ରେ ଗଣିତ, ଜୁଲାଇ ୬ରେ ଗୃହ ବିଜ୍ଞାନ ପ୍ରାକ୍ଟିକାଲ, ୭ରେ ଇଂଲିଶ, ୮ରେ ପେଣ୍ଟିଂ ଥିଓରି, ୯ରେ ବିଜ୍ଞାନ ଏବଂ ୧୦ ତାରିଖରେ ହିନ୍ଦୀ, ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ।

# କ୍ୟାବିନେଟ୍‌ରେ ମନ୍ତ୍ରୀଙ୍କୁ ଗୁରୁତ୍ୱ

**ରାଜ୍ୟ ସରକାର କ୍ୟାବିନେଟ୍‌ରେ ଢାଞ୍ଚାଗତ ପରିବର୍ତ୍ତନ ଆଣିଛନ୍ତି। ଏଥିରେ ମନ୍ତ୍ରୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ସଚିବମାନଙ୍କୁ ଦୂରେଇ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏବେ ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କୌଣସି ପ୍ରସ୍ତାବ କ୍ୟାବିନେଟ୍‌ରେ ଆଗତ ହୋଇପାରିବ ନାହିଁ। ୫ ଦିନ ପୂର୍ବରୁ କ୍ୟାବିନେଟ୍ ବୈଠକର ଦିନ ଧାର୍ଯ୍ୟ ହେବା ସହ ୨ ଦିନ ପୂର୍ବରୁ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଯିବ। କ୍ୟାବିନେଟ୍ ହଲ୍‌ରେ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ବ୍ୟତୀତ ଅନ୍ୟ କୌଣସି ସଚିବ ଉପସ୍ଥିତ ରହିବେ ନାହିଁ। ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବମାନଙ୍କୁ ଉପସ୍ଥିତ ରହିବାକୁ ଅନୁମତି ମିଳିପାରେ। ଗଣତନ୍ତ୍ରରେ ଅମଲା ନୁହନ୍ତି, ବରଂ ନିର୍ବାଚିତ ସରକାର ଲୋକଙ୍କ ନିକଟରେ ଉତ୍ତରଦାୟୀ ହୋଇଥିବାରୁ ମନ୍ତ୍ରୀମାନଙ୍କୁ ସେମାନଙ୍କ କ୍ଷମତା ପ୍ରୟୋଗର ସୁଯୋଗ ପ୍ରଦାନ କରାଯାଇଥିବା କୁହାଯାଉଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସମୀକ୍ଷକମାନେ ସ୍ୱାଗତ କରିଛନ୍ତି।**

## ସଚିବଙ୍କୁ ବୈଠକ ମନା

**ଭୁବନେଶ୍ୱର, ୨୦।୫ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ସଚିବମାନଙ୍କ କ୍ଷମତାରେ ଅଙ୍କୁଶ ଲଗାଇଛନ୍ତି। ଏଣିକି କ୍ୟାବିନେଟ୍ ବୈଠକରେ ସଚିବମାନେ ଉପସ୍ଥିତ ରହିପାରିବେ ନାହିଁ। ନିଜ ବିଭାଗର ପ୍ରସ୍ତାବ ମନ୍ତ୍ରୀମାନେ ହିଁ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରିବେ। ସରକାର କ୍ୟାବିନେଟ୍ ଢାଞ୍ଚାରେ ପରିବର୍ତ୍ତନ କରିବା ସହ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଣିକି କ୍ୟାବିନେଟ୍ ବୈଠକ ବସିବାର ୫ ଦିନ ପୂର୍ବରୁ ତାରିଖ ଚୂଡ଼ାନ୍ତ ହେବ। ୩ ଦିନ ପୂର୍ବରୁ ଏଜେଣ୍ଡା ଫାଇନାଲ ହୋଇଯିବା ସହ କ୍ୟାବିନେଟ୍ ବୈଠକକୁ ୨ ଦିନ ଥିବ ମନ୍ତ୍ରୀମାନଙ୍କ ନିକଟରେ ଫାଇଲ୍ ପହଞ୍ଚିଯିବ। ଏହି ନିଷ୍ପତ୍ତି ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଏନେଇ ସବୁ ବିଭାଗର ସଚିବଙ୍କ ପାଖକୁ ଚିଠି ଲେଖାଯାଇଛି।

ସଂସଦୀୟ ବ୍ୟାପାର ସଚିବ ସବୁ ବିଭାଗକୁ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ଏଣିକି କୌଣସି ପ୍ରସ୍ତାବ କ୍ୟାବିନେଟ୍‌କୁ ଆସିପାରିବ ନାହିଁ। ପୂର୍ବ ସରକାର ଅମଳରେ ମନ୍ତ୍ରୀମାନେ ଶେଷ ସମୟରେ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ପାଉଥିବାବେଳେ କ'ଣ ସବୁ ପ୍ରସ୍ତାବ ରହିଛି ସେକଥା ଜାଣିପାରୁ ନ ଥିଲେ। ହେଲେ ଏଥର କ୍ୟାବିନେଟ୍ ବୈଠକର ସେହି ପୁରୁଣା ଢାଞ୍ଚା ପରିବର୍ତ୍ତନ କରାଯିବା ସହ ଆଇଏଏସ୍ ଅଫିସରଙ୍କ ପତିଆରା ହ୍ରାସ କରିଦିଆଯାଇଛି। କ୍ୟାବିନେଟ୍ ଏଜେଣ୍ଡାଗୁଡିକ ଏଣିକି ମନ୍ତ୍ରୀମାନେ ଉପସ୍ଥାପନ କରିବାକୁ ଥିବାବେଳେ ସେଥିରେ ଥିବା ପ୍ରସ୍ତାବ ସମ୍ପର୍କରେ ସଚିବମାନେ କ୍ୟାବିନେଟ୍ ରୁମ୍‌ରେ ନ ବସି ତା'ର ପାଖ ରୁମ୍‌ରେ ବସି ଜାଣିବେ। ଆବଶ୍ୟକ ହେଲେ ବିଭାଗୀୟ ସଚିବ କ୍ୟାବିନେଟ୍ ବୈଠକ ଚାଲିଥିବା ରୁମ୍‌କୁ ଯାଇପାରିବେ। କ୍ୟାବିନେଟ୍‌ରେ ପ୍ରସ୍ତାବଗୁଡିକ ଉପରେ ମୋହର ବାଜିବା ପରେ ତାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ମନ୍ତ୍ରୀମାନଙ୍କ ଦାୟିତ୍ୱ। ଏହାସହ କ୍ୟାବିନେଟ୍ ବୈଠକ ବସିବାର ୩ଟି କାର୍ଯ୍ୟଦିବସ ପୂର୍ବର ସନ୍ଧ୍ୟା ୫ଟା ଭିତରେ ଏଜେଣ୍ଡା ନ ପାଇଲେ ଆଉ ଗ୍ରହଣ କରାଯିବ ନାହିଁ। ଯଦି ୩ ଦିନ ପୂର୍ବର ଦିବସରେ ଛୁଟି ପଡୁଥାଏ ତେବେ ତା'ର ଆଉ ଗୋଟିଏ ଦିନ ଆଗରୁ ଏଜେଣ୍ଡା ପ୍ରଦାନ କରିବାକୁ ବାଧ୍ୟ। ଯଦି କୌଣସି ସଚିବଙ୍କୁ ଏଜେଣ୍ଡା ବାବଦରେ କିଛି ମତାମତ ନେବାକୁ କୁହାଯାଏ ତେବେ ସେ ଆସି ଦେଇପାରିବେ। ନ ହେଲେ ସେମାନଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କ୍ୟାବିନେଟ୍‌ର ମର୍ଯ୍ୟାଦା ଏବଂ ବ୍ୟବସ୍ଥାର ଉଲ୍ଲଂଘନ ଗତ ସରକାର ସମୟରେ ହେଉଥିଲା। ଯେଉଁ ବିଭାଗର ଯେଉଁ ବିଷୟ ଚର୍ଚ୍ଚାକୁ ଆସିବ ସେହି ମନ୍ତ୍ରୀ ହିଁ ଉପସ୍ଥାପନ କରିବେ। ଗଣତନ୍ତ୍ରରେ ରାଜନୈତିକ ନେତାଙ୍କ ଭୂମିକାକୁ ଗୌଣ କରାଯାଇଥିଲା ବୋଲି ସେ କହିଛନ୍ତି। ବିଜେଡି ବିଧାୟକ କଳିକେଶ ସିଂଦେଓ କହିଛନ୍ତି, ସରକାର ନିଜର ମାର୍କେଟିଂ କରିବା ବନ୍ଦ କରି ଲୋକଙ୍କ କାମ କରନ୍ତୁ। ଏନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ☞ପୃଷ୍ଠା-୪

# ମୁମ୍ବାଇରେ ୨ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ

**ମୁମ୍ବାଇ/ଭୁବନେଶ୍ୱର (ବନ୍ଦନା ସେଠୀ), ୨୦।୫**



ହଂକଂ, ସିଙ୍ଗାପୁର ଓ ଥାଇଲାଣ୍ଡରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ଏହି ଘାତକ ଭୂତାଣୁ ଭାରତ ପାଇଁ ଚିନ୍ତାଜନକ ହୋଇଛି। ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ୨ କୋଭିଡ୍ ରୋଗୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଜଣେ ୫୯ ବର୍ଷୀୟା ମହିଳା ମୁଖ କର୍କଟ ରୋଗରେ ପୀଡ଼ିତ ଥିବାବେଳେ ଅନ୍ୟ ଜଣେ ନାବାଳକ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ସ୍ଥିତି ଗମ୍ଭୀର ରହିଥିଲା ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କୋଭିଡ୍ ମହାମାରୀ ଯୋଗୁ ଦୁହିଁଙ୍କ ମୃତ୍ୟୁ ଘଟି ନ ଥିବାରୁ ଆତଙ୍କିତ ନ ହେବାକୁ କୁହାଯାଇଛି। ଦେଶରେ ବର୍ତ୍ତମାନ ୨୫୭ ସକ୍ରିୟ ମାମଲା ଥିବାବେଳେ ସଂକ୍ରମିତଙ୍କ ମଧ୍ୟରୁ ୧୬୪ ଜଣ ମେ' ୧୨ ପରେ ଚିହ୍ନଟ ହୋଇଛନ୍ତି।

## ଓଡ଼ିଶାରେ ନାହାନ୍ତି ନୂଆ ଆକ୍ରାନ୍ତ, ସତର୍କତା ପାଇଁ ପରାମର୍ଶ

ଦେଶରେ ବଢୁଥିବା କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏକାଧିକ ରୋଗରେ ଆକ୍ରାନ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ନୂଆ କୋଭିଡ୍ ମାମଲା ଠାବ ହୋଇନାହିଁ। କେହି ସଂକ୍ରମିତ ହୋଇଥିବା ଜଣାପଡ଼ିଲେ ତାଙ୍କର ଜେନୋମ୍ ସିକ୍ୱେନ୍ସିଂ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ବିଶେଷକରି ବହୁବିଧ ରୋଗରେ ଆକ୍ରାନ୍ତ ଲୋକେ ସାବଧାନ ରହିବା ପାଇଁ ସେ କହିଛନ୍ତି। କିଡ୍‌ନୀଜନିତ ରୋଗୀଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ଏବେ ବ୍ୟାପିଥିବା କୋଭିଡ ଓମିକ୍ରନ୍ ସବ୍‌ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୱେନ୍ସ ପାଇଁ ପଠାଯିବ। ତେବେ ଏପର୍ଯ୍ୟନ୍ତ କେନ୍ଦ୍ରରୁ ଏନେଇ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନ ଥିବା ସୂଚନା ଦିଆଯାଇଛି।

# ୪/୫ ଦିନରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ, ୨୦।୫ (ପି.ଟି.)**

ଆଗାମୀ ୪ରୁ ୫ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର କହିଛି। ଏଥିପାଇଁ ପାଗ ଅନୁକୂଳ ରହିଛି। ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚୁଥିବାବେଳେ ଏଥର ସପ୍ତାହେ ପୂର୍ବରୁ ପହଞ୍ଚିବା ଆଶା କରାଯାଉଛି। ମେ' ୨୭ରେ ମୌସୁମୀ କେରଳ ଛୁଇଁପାରେ ବୋଲି ଆଇଏମ୍‌ଡି ପୂର୍ବରୁ ପୂର୍ବାନୁମାନ କରିଥିଲା। ମୌସୁମୀ ଆସନ୍ତା ୪ରୁ ୫ ଦିନ ମଧ୍ୟରେ କେରଳ ଛୁଇଁଲେ ୨୦୦୯ ପରେ ଏହା ପ୍ରଥମ ଘଟଣା ହେବ। ସ୍ୱାଭାବିକ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଏବଂ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହା ଉତ୍ତର-ପଶ୍ଚିମ ଭାରତରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରି ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଫେରିଯାଇଥାଏ। ଚଳିତବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତ ମାସରେ ପୂର୍ବାନୁମାନ କରିଥିଲା। ଗତ ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟରର ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତକୁ ସ୍ୱାଭାବିକ ବୃଷ୍ଟିପାତ ବିବେଚନା କରାଯାଇଥାଏ। ୯୦ ପ୍ରତିଶତରୁ କମ୍ ବୃଷ୍ଟିପାତକୁ ବର୍ଷାଭାବ ଏବଂ ୯୦ରୁ ୯୫ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ଧରାଯାଇଥାଏ। ସେହିପରି ୧୦୫ରୁ ୧୧୦ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ ଅଧିକ ଏବଂ ୧୧୦ ପ୍ରତିଶତରୁ ଅଧିକ ବର୍ଷା ହେଲେ ଏହାକୁ ଅତ୍ୟଧିକ ବୃଷ୍ଟିପାତ ବିବେଚନା କରାଯାଏ।

# ଲୁଟ୍ ପାଇଁ ୭ ମାସରେ ୨୫ ବିବାହ

**ଭୋପାଳ, ୨୦।୫**

ଅନୁରାଧା ପାଶ୍ୱାନ (୨୩) ନାମ୍ନୀ ଜଣେ ଯୁବତୀ ଗତ ୭ ମାସ ମଧ୍ୟରେ ବିଭିନ୍ନ ସହରର ୨୫ରୁ ଅଧିକ ଯୁବକଙ୍କୁ ବିବାହ କରି ସେମାନଙ୍କଠାରୁ ଟଙ୍କା, ସୁନାଗହଣା ଆଦି ଲୁଟି ଫେରାର ହୋଇଯାଉଥିଲେ। ମଙ୍ଗଳବାର ରାଜସ୍ଥାନ ପୋଲିସ ତାଙ୍କୁ ମଧ୍ୟପ୍ରଦେଶର ଭୋପାଳରୁ ଗିରଫ କରିଛି। ଅନେକ ରାଜ୍ୟ ପୋଲିସର ୱାଣ୍ଟେଡ୍ ଲିଷ୍ଟରେ ଲୁଟେରା କନ୍ୟା ଭାବେ ଅନୁରାଧାଙ୍କର ନାଁ ରହିଥିଲା। ପ୍ରତ୍ୟେକ ଥର ସେ କୌଣସି ନୂତନ ସହରରେ ନିଜ ନୂଆ ନାଁ ସହ ଅଲଗା ଅଲଗା ଲୋକଙ୍କୁ ଟାର୍ଗେଟ କରୁଥିଲେ।

ପୋଲିସର ସୂଚନା ଅନୁଯାୟୀ, ଅନୁରାଧାଙ୍କୁ ଏହି କାର୍ଯ୍ୟରେ ଏକ ଗ୍ୟାଙ୍ଗ୍ ସାହାଯ୍ୟ କରୁଥିଲା। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଅନୁରାଧାଙ୍କ ବିବାହ ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବା ସହ ସମ୍ଭାବ୍ୟ ବର ଏବଂ ତାଙ୍କ ପରିବାରକୁ ଅନୁରାଧାଙ୍କ ଫଟୋ ଏବଂ ପ୍ରୋଫାଇଲ ଦେଖାଉଥିଲେ। ବିବାହ କରାଇବା ପାଇଁ ମଧ୍ୟସ୍ଥି ଭାବେ ଉକ୍ତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ବର ପକ୍ଷଙ୍କଠାରୁ ୨ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଏହାପରେ ରୀତିନୀତି ଅନୁଯାୟୀ ଅନୁରାଧାଙ୍କ ବିବାହ ହେଉଥିଲା। ବିବାହର ଅଳ୍ପ କିଛିଦିନ ପର୍ଯ୍ୟନ୍ତ ଅନୁରାଧା ଜଣେ ଆଦର୍ଶ ବୋହୂ ଭାବେ ଶ୍ୱଶୁର ଘରେ ସମସ୍ତଙ୍କର ହୃଦୟ ଜିଣୁଥିଲେ। ତେବେ ଠିକଣା ଦେଖି ସେ ଖାଦ୍ୟରେ ନିଦ ବଟିକା ମିଶାଇ ଶ୍ୱଶୁର ଘର ଲୋକଙ୍କୁ ବେହୋସ୍ କରୁଥିଲେ ଏବଂ ଘରର ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା, ନଗଦ ଏବଂ ମୂଲ୍ୟବାନ୍ ଜିନିଷ ପତ୍ର ନେଇ ଫେରାର୍ ହୋଇଯାଉଥିଲେ।



ଅନୁରାଧା ପାଶ୍ୱାନ

ଅନୁରାଧାଙ୍କଠାରୁ ଠକାମିର ଶିକାର ହୋଇଥିବା ରାଜସ୍ଥାନର ସୱାଇ ମାଧୋପୁର ନିବାସୀ ବିଷ୍ଣୁ ଶର୍ମା ଗତ ୩ରେ ଏହି ଲୁଟେରା କନ୍ୟାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୱାଇ ମାଧୋପୁର ପୋଲିସ ଅନୁରାଧାଙ୍କୁ ଧରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ମୁତାବକ ଜଣେ କନ୍‌ଷ୍ଟେବଲଙ୍କୁ ନକଲି ବର ଭାବେ ପ୍ରସ୍ତୁତ କରାଯାଇଥିଲା। ସମ୍ଭାବ୍ୟ ବର ଭାବେ କନ୍‌ଷ୍ଟେବଲ ଜଣକ ଭୋପାଳରେ ବିଭିନ୍ନ ମଧ୍ୟସ୍ଥିଙ୍କ ସହ ଯୋଗାଯୋଗ କରିଥିଲେ। ଜଣେ ମଧ୍ୟସ୍ଥି ତାଙ୍କୁ ଅନୁରାଧାଙ୍କ ଫଟୋ ଦେଖାଇଥିଲେ ଏବଂ ବିବାହ ପାଇଁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାପରେ ପୋଲିସ ଅନୁରାଧା ଓ ତାଙ୍କୁ ସହାୟତା କରୁଥିବା ବିବାହ ଠକେଇ ଗ୍ୟାଙ୍ଗ୍‌ର କେତେଜଣ ସଦସ୍ୟଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ନ୍ୟାୟିକ ସେବା ପରୀକ୍ଷା ଦେଇପାରିବେନି ସଦ୍ୟ ଆଇନ ସ୍ନାତକ

ନୂଆଦିଲ୍ଲୀ,୨୦।୫ (ପି.ଟି.)

ଆଇନରେ ସଦ୍ୟ ସ୍ନାତକ ଡିଗ୍ରୀ ହାସଲ କରିଥିବା ପ୍ରାର୍ଥୀ ଆଇନ ସେବା ପରୀକ୍ଷା ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ପ୍ରବେଶିକା ସ୍ତରର ପଦବୀ ପାଇଁ ଆବେଦନ ନିମନ୍ତେ ଅନ୍ୟୁନ ୩ ବର୍ଷ ଓକିଲାତି ବୃତ୍ତି ବାଧ୍ୟତାମୂଳକ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଭାବୀ ବିଚାରପତିମାନଙ୍କ ପାଇଁ କୋର୍ଟରୁମ୍ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ସଦ୍ୟ ଆଇନ ସ୍ନାତକଙ୍କୁ ନିଯୁକ୍ତି ଦେଲେ ଅନେକ ସମସ୍ୟା ସୃଷ୍ଟି କରିବ ବୋଲି ଅନେକ ହାଇକୋର୍ଟ ପୂର୍ବରୁ ଦର୍ଶାଇଛନ୍ତି। ନ୍ୟାୟିକ ଦକ୍ଷତା ଏବଂ ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ କୋର୍ଟରୁମ୍‌ରେ ବ୍ୟାବହାରିକ ଅଭିଜ୍ଞତା ଜରୁରୀ ବୋଲି ରାୟ ଘୋଷଣା ବେଳେ ସିଜେଆଇ କହିଛନ୍ତି। ଅଲ୍ ଇଣ୍ଡିଆ ଜଜ୍ ଆସୋସିଏଶନ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

### ସ୍ପେନ୍‌ରେ ମୋବାଇଲ ନେଟ୍‌ୱର୍କ ବିଭ୍ରାଟ

ମାଡ୍ରିଡ୍, ୨୦।୫

ସ୍ପେନ୍‌ର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ପ୍ରମୁଖ ମୋବାଇଲ ଫୋନ୍ ନେଟ୍‌ୱର୍କଗୁଡ଼ିକ ଅଚାନକ ଡାଉନ୍ ହୋଇଯିବାରୁ ଅନେକ ଘଣ୍ଟା ପର୍ଯ୍ୟନ୍ତ ଲୋକେ କଲ୍, ମେସେଜ୍ ଏବଂ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଥିଲେ। ସ୍ପେନ୍‌ର ସବୁଠାରୁ ବଡ଼ ଟେଲିକମ୍ କମ୍ପାନୀ ଟେଲିଫୋନିକା ସମେତ ଅନ୍ୟ ନେଟ୍‌ୱର୍କ ପ୍ରଦାନକାରୀ ସିଷ୍ଟମଗୁଡ଼ିକ ଅଚଳ ହୋଇଯାଇଥିଲା। ଟେଲିଫୋନିକା ଦ୍ୱାରା ନେଟ୍‌ୱର୍କ ଅପ୍‌ଗ୍ରେଡ୍ କରାଯାଉଥିବାରୁ ଏହି ସମସ୍ୟା ଉପୁଜିଥାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶ ଯେ, ୪ ସପ୍ତାହ ତଳେ ୟୁରୋପର ଅନେକ ଦେଶ ସମେତ ସ୍ପେନ୍‌ରେ କିଛି ଘଣ୍ଟା ପାଇଁ ବିଜୁଳି ବିଭ୍ରାଟ ଦେଖାଦେଇଥିଲା, ଯେଉଁଥିରେ ଅଧିକାଂଶ ଅଞ୍ଚଳ ବ୍ଲାକ୍‌ଆଉଟ ହୋଇଯାଇଥିଲା।

# ମହିଳାଙ୍କ ସୁରକ୍ଷା ଦାୟିତ୍ୱ ନିର୍ଦ୍ଦିଷ୍ଟ ଅଫିସରଙ୍କୁ ଦିଅ

### ଘରୋଇ ହିଂସାକୁ ନେଇ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୦।୫(ପି.ଟି.)



ଦେଶରେ ଘରୋଇ ହିଂସା ଆଇନ ଅଣାଯିବାର ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମହିଳାମାନଙ୍କ ପ୍ରତି ଘରୋଇ ହିଂସା ଅତି ସାଧାରଣ ଅପରାଧ ଭାବେ ରହିଆସିଛି। ଏଥିରୁ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ମହିଳା ଓ ଶିଶୁ ବିକାଶ ବିଭାଗର ଜିଲା ଓ ତାଲୁକ ସ୍ତରର ନିର୍ଦ୍ଦିଷ୍ଟ ଅଫିସରଙ୍କୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷା ଅଫିସର ଭାବେ ଦାୟିତ୍ୱ ଦେବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହିଂସା ଆଇନ ଅନୁଯାୟୀ ଉକ୍ତ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ଭାବେ ନାମିତ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ମହିଳା ଓ ଶିଶୁ/ସାମାଜିକ କଲ୍ୟାଣ ବିଭାଗର ସଚିବମାନେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି।

ଧାରା ୧୧ ଅନୁଯାୟୀ ଉକ୍ତ ଅଫିସରମାନେ ଆଇନର ବ୍ୟବସ୍ଥା, ସେବାରେ ପ୍ରଭାବୀ ସମନ୍ୱୟ ଏବଂ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର କରିବେ। ଯେଉଁ ଅଞ୍ଚଳରେ ସୁରକ୍ଷା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ, ୬ ସପ୍ତାହ ମଧ୍ୟରେ ତାହା ସମ୍ପୂର୍ଣ୍ଣ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ସେବା ପ୍ରଦାନକାରୀ, ସହାୟକ ଗ୍ରୁପ୍ ଏବଂ ଆଶ୍ରୟ ଗୃହ ଉପଲବ୍ଧ କରାଇବା ରାଜ୍ୟ ସରକାର ସୁନିଶ୍ଚିତ କରିବେ। ଏହି ଉଦ୍ଦେଶ୍ୟରେ ରାଜ୍ୟଗୁଡ଼ିକ ଶେଲ୍ଟର ହୋମ୍ ଚିହ୍ନଟ କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଘରୋଇ ହିଂସା ଆଇନରେ ମହିଳାମାନେ ମାଗଣା ଆଇନଗତ ସହାୟତା ଓ ପରାମର୍ଶ ପାଇବା ଅଧିକାର ରହିଛି। ଏନେଇ ସେମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରାଇବା ଦିଗରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସମସ୍ତ ସଦସ୍ୟ ସଚିବ କାର୍ଯ୍ୟ କରିବାକୁ ଜାତୀୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ପରାମର୍ଶ ଦେବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ମହିଳା ଆଇନ ସହାୟତା କିମ୍ବା ପରାମର୍ଶ ପାଇଁ ରାଜ୍ୟ ଆଇନସେବା କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୁଅନ୍ତି, ସେମାନଙ୍କୁ ତୁରନ୍ତ ତାହା ଯୋଗାଇଦେବାକୁ ଆଇନରେ ଗ୍ୟାରେଣ୍ଟି ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି।

ସାରା ଦେଶରେ ମହିଳା ଘରୋଇ ହିଂସା ଆଇନ ଅଧୀନରେ ଥିବା ଭିତ୍ତିଭୂମି ଏବଂ ପୀଡ଼ିତାଙ୍କୁ ଉପଯୁକ୍ତ ଆଇନ ସେବା ଯୋଗାଇଦେବା ବ୍ୟବସ୍ଥା ମଧ୍ୟରେ ରହିଥିବା ବ୍ୟାପକ ତାରତମ୍ୟ ଦୂର କରାଯିବା ପାଇଁ ନିବେଦନ କରି 'ୱି ଦି ୱମେନ୍ ଅଫ୍ ଇଣ୍ଡିଆ' ନାମକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଆଇନ ସତ୍ତ୍ୱେ ଘରୋଇ ହିଂସା ଜାରି ରହିଥିବା ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ଶୋଭା ଗୁପ୍ତା ଅଦାଲତଙ୍କୁ ଜଣାଇଥିଲେ।

### ଭାରତୀୟ ଏଜେଣ୍ଟଙ୍କୁ ଚିହ୍ନଟ ପାଇଁ ଜ୍ୟୋତିଙ୍କୁ ବ୍ୟବହାର କରୁଥିଲା ଆଇଏସ୍‌ଆଇ



ଜ୍ୟୋତି ମାଲହୋତ୍ରା

ନୂଆଦିଲ୍ଲୀ,୨୦।୫

ଭାରତୀୟ ଗୁପ୍ତ ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ସହାୟତା କରୁଥିଲେ ବୋଲି ସନ୍ଦେହ କରାଯାଉଛି। ଆଇଏସ୍‌ଆଇ ଅଫିସରଙ୍କ ସହ ଜ୍ୟୋତିଙ୍କର ହ୍ୱାଟ୍ସଆପ୍‌ରେ କୋଡ୍ ୱାର୍ଡରେ ବାର୍ତ୍ତା ବିନିମୟ ହେଉଥିଲା। ୫ ଦିନିଆ ପୋଲିସ ହାଜତରେ ଥିବା ଜ୍ୟୋତିଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ଗୋଇନ୍ଦା ବ୍ୟୁରୋ ଏବଂ ହରିୟାଣା ପୋଲିସର ମିଳିତ ଟିମ୍ କରୁଥିବା ଜେରାରୁ ଏହା ଜଣାପଡ଼ିଛି। ଅଲି ହାସନ ନାମକ ଆଇଏସ୍‌ଆଇ ଅଫିସରଙ୍କ ସହ ଜ୍ୟୋତିଙ୍କ ହ୍ୱାଟ୍ସଆପ୍ ଚାଟ୍ ସାମନାକୁ ଆସିଛି। ଭାରତର ଗୁପ୍ତ ଅଭିଯାନ ସମ୍ପର୍କରେ ସେମାନଙ୍କ ମଧ୍ୟରେ କୋଡେଡ୍ ବାର୍ତ୍ତାଳାପ ହେଉଥିଲା। ଗୋଟିଏ ବାର୍ତ୍ତାରେ ହାସନ ଜ୍ୟୋତିଙ୍କୁ ପଚାରିଛନ୍ତି, ଅଟ୍ଟାରୀ ସୀମାକୁ ଯାଇଥିବାବେଳେ ସ୍ୱତନ୍ତ୍ର ପ୍ରୋଟୋକଲ ପାଇଥିବା କୌଣସି ଗୁପ୍ତ ଏଜେଣ୍ଟଙ୍କୁ ଦେଖିଛନ୍ତି କି? ସେଭଳି କୌଣସି ପ୍ରୋଟୋକଲ ଅଫିସରଙ୍କୁ ଦେଖି ନ ଥିବା ଜ୍ୟୋତି ଉତ୍ତର ଦେଇଥିଲେ। ଗୁପ୍ତ ଏଜେଣ୍ଟଙ୍କୁ ଠାବ କରିବାକୁ ହେଲେ କିଏ ପ୍ରୋଟୋକଲ ପାଇଛି, ତାହା ଜାଣିବା ଆବଶ୍ୟକ ବୋଲି ହାସନ ସୂଚନା ଦେଇଥିଲେ। ତେବେ ସେମାନେ ସେହି ବୋକା ନ ଥିଲେ ବୋଲି ଜ୍ୟୋତି ଉତ୍ତର ଦେଇଥିଲେ। 'ପ୍ରୋଟୋକଲ' ଏବଂ 'ଅନ୍‌କଭର ଏଜେଣ୍ଟ' ଭଳି ଶବ୍ଦରୁ ଆଇଏସ୍‌ଆଇ ଜ୍ୟୋତିଙ୍କଠାରୁ ଭାରତୀୟ ଗୋଇନ୍ଦା ସମ୍ପର୍କିତ ତଥ୍ୟ ହାସଲ କରିବାକୁ ଉଦ୍ୟମ ଚଳାଇଥିବା ସ୍ପଷ୍ଟ ହୋଇଛି, ଯାହାକୁ ନେଇ ତଦନ୍ତକାରୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

# ମାସ ଶେଷ ସୁଦ୍ଧା ସୀମାରୁ ସୈନ୍ୟ ପ୍ରତ୍ୟାହାର



ଅପରେଶନ ସିନ୍ଦୂରବେଳେ ନିୟନ୍ତ୍ରଣ ରେଖାରେ ମୁତୟନ ଭାରତୀୟ ସେନାର ଫ୍ରଣ୍ଟଲାଇନ୍ ଯବାନ।

ନୂଆଦିଲ୍ଲୀ,୨୦।୫

ଭାରତୀୟ ଓ ପାକିସ୍ତାନୀ ସେନା ମଧ୍ୟରେ ୪ ଦିନର ସଂଘର୍ଷ ପରେ ଅସ୍ତ୍ରବିରତି ଜାରି ରହିଥିବାବେଳେ ମେ' ଶେଷ ସୁଦ୍ଧା ସୀମାରୁ ସୈନ୍ୟ ପ୍ରତ୍ୟାହାର କରିନେବା ପାଇଁ ଉଭୟ ଦେଶ ରାଜି ହୋଇଛନ୍ତି। ପାକସ୍ତାନର ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ଏହି ସୂଚନା ଦେଇଛନ୍ତି।

ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନ ଏହାର ଜବାବ ଦେବାକୁ ଯାଇ ଭାରତର ଉତ୍ତର ଓ ପଶ୍ଚିମ ସୀମାନ୍ତ ରାଜ୍ୟର ଜନବସତି ଓ ସାମରିକ ସ୍ଥଳକୁ ଟାର୍ଗେଟ କରିବାରୁ ସଂଘର୍ଷ ହୋଇଥିଲା। ୪ ଦିନର ଏହି ସଂଘର୍ଷରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ୧୦ ତାରିଖରେ ଦୁଇ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା।

ମେ' ଶେଷ ସୁଦ୍ଧା ସୀମାରୁ ସୈନ୍ୟମାନଙ୍କୁ ସଂଘର୍ଷ ପୂର୍ବବର୍ତ୍ତୀ ସ୍ଥାନକୁ ଫେରାଇ ନିଆଯିବ ବୋଲି ପାକିସ୍ତାନର ବରିଷ୍ଠ ସୁରକ୍ଷା ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଗଣମାଧ୍ୟମକୁ କହିଛନ୍ତି। ନିୟନ୍ତ୍ରଣ ରେଖାରୁ ଅତିରିକ୍ତ ସୈନ୍ୟ ଓ ଯୁଦ୍ଧାସ୍ତ୍ର ପର୍ଯ୍ୟାୟକ୍ରମେ ଫେରାଇ ନିଆଯିବା ଲାଗି ସହମତ ହୋଇଛି। ଏହି ସମସ୍ତ କାର୍ଯ୍ୟ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ କେତେକ ସାମାନ୍ୟ ପ୍ରସଙ୍ଗ ଯୋଗୁ ବିଳମ୍ବିତ ହେଉଥିବା ପାକ୍ ଅଫିସର କହିଛନ୍ତି।

# ଲିପା ଉପତ୍ୟକାର ସାମରିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଛି ଭାରତୀୟ ସେନା

ନୂଆଦିଲ୍ଲୀ,୨୦।୫

ଭାରତର ଅପରେଶନ ସିନ୍ଦୂର ସାମରିକ ଅଭିଯାନ ବେଳେ ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଲିପା ଉପତ୍ୟକାରେ ଥିବା ପାକିସ୍ତାନର ସାମରିକ ଭିତ୍ତିଭୂମିକୁ ସେନା ସମ୍ପୂର୍ଣ୍ଣ ଧ୍ୱଂସ କରିଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଧ୍ୱଂସସ୍ଥଳକୁ ପୁନଃନିର୍ମାଣ କରିବା ପାଇଁ ପାକିସ୍ତାନକୁ ୮ରୁ ୧୨ ମାସ କିମ୍ବା ତା'ଠାରୁ ଅଧିକ ସମୟ ଲାଗିଯିବ ବୋଲି ବିଶ୍ୱାସ କରାଯାଉଛି। ଭାରତୀୟ ସେନା ଅନ୍ୟୁନ ୩ଟି ପୋଷ୍ଟ, ଗୁଳିଗୋଳା ଡିପୋ, ଇନ୍ଧନ ଭଣ୍ଡାର, ବନ୍ଧୁକ ନିର୍ମାଣ କାରଖାନା ଆଦିକୁ ଧ୍ୱଂସ କରିଥିଲା। ପାକିସ୍ତାନୀ ସେନା ଭାରତୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଡ୍ରୋନ୍, ମିଶାଇଲ୍ ସମେତ ଓଜନଦାର ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ ମଧ୍ୟ କୌଣସି କ୍ଷତି କରିପାରି ନ ଥିଲା।

ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଆକାଶଦୀପ ରାଡାର ସିଷ୍ଟମ୍ ବହୁତ ବଢ଼ିଆ କାମ କରିଥିବାବେଳେ ଶତ୍ରୁପକ୍ଷରୁ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବାରେ ଆମ ଏୟାର ଡିଫେନ୍ସ ସିଷ୍ଟମ୍ ସଫଳ ହୋଇଥିଲା। ଫଳରେ ଆମ ସାମରିକ ଭିତ୍ତିଭୂମି ଅକ୍ଷୁଣ୍ଣ ଥିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିବା ଅନ୍ୟ ଜଣେ ସେନା ଅଧିକାରୀ କହିଛନ୍ତି। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚିନାର କର୍ ନେତୃତ୍ୱରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନୀ ସେନାର ୬୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୬ ଜଣ ଆହତ ହୋଇଛନ୍ତି। ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନର ଜବାବରେ ଭାରତୀୟ ସେନା ୩ ଗୁଣ ଅଧିକ ଆକ୍ରମଣ କରିଥିଲା। ମେ' ୭ ରାତିରେ ପିଓକେର ମୁଜାଫରାବାଦ ନିକଟରେ ଭାରତୀୟ ସେନାର ଆକ୍ରମଣ ଏତେ ଶକ୍ତିଶାଳୀ ଥିଲା ଯେ ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱ ଦେବା ପାଇଁ ପିଓକେର ୭୫ତମ ଇନ୍‌ଫାଣ୍ଟ୍ରି ବ୍ରିଗେଡ୍ ସୈନ୍ୟମାନଙ୍କୁ କହିଥିଲା। ଏକ ମସ୍‌ଜିଦ ମଧ୍ୟରେ ଆତ୍ମଗୋପନ କରିଥିବା ପାକ୍ ସେନା କମାଣ୍ଡର ସୈନ୍ୟମାନଙ୍କୁ ଜୀବନ ବଞ୍ଚାଇବା ପାଇଁ ବାର୍ତ୍ତା ଦେଇଥିଲେ ବୋଲି ଅବରୋଧିତ ଯୋଗାଯୋଗରୁ ଜଣାପଡ଼ିଛି।

# ୱାକ୍‌ଫ ଆଇନ ଧର୍ମନିରପେକ୍ଷ

### ସୁପ୍ରିମକୋର୍ଟରେ ଯୁକ୍ତି ରଖିଲା କେନ୍ଦ୍ର

ନୂଆଦିଲ୍ଲୀ,୨୦।୫ (ପି.ଟି.)

ୱାକ୍‌ଫ (ସଂଶୋଧନ) ଆଇନ ଯଥାର୍ଥ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟରେ ଯୁକ୍ତି ରଖିଛନ୍ତି। ଏହି ଆଇନ ଆନ୍ତରିକ ଭାବେ ଧର୍ମନିରପେକ୍ଷ। ସାମ୍ବିଧାନିକତାର ସମ୍ଭାବନା ଦର୍ଶାଇ ଏହାକୁ ସ୍ଥଗିତ ରଖାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଜଣାଇଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବାଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠକୁ ମେହେଟ୍ଟା କହିଥିଲେ, କୋର୍ଟରେ ଏଭଳି ପ୍ରସଙ୍ଗ ପୂର୍ବରୁ ଉଠିଥିଲା। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ବେଳେ ଆଇନ ୱାକ୍‌ଫ ପ୍ରଶାସନର ଧର୍ମନିରପେକ୍ଷ ଦୃଷ୍ଟିକୋଣ ଚାହେଁ। ଆଇନକୁ ସ୍ଥଗିତ ରଖିବା ପାଇଁ କୌଣସି ଗମ୍ଭୀର ଜାତୀୟ ଜରୁରୀ ଅବସ୍ଥା ସୃଷ୍ଟି ହୋଇନାହିଁ ବୋଲି ମେହେଟ୍ଟା କହିଥିଲେ। ଆଇନର ସ୍ଥାୟୀ ବ୍ୟବସ୍ଥା ଅନୁଯାୟୀ, ସାମ୍ବିଧାନିକ ଅଦାଲତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବୈଧାନିକ ବ୍ୟବସ୍ଥାକୁ ସ୍ଥଗିତ ନ ରଖି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଅନ୍ତରୀଣ ନିର୍ଦ୍ଦେଶନାମା ପାଇଁ ଖଣ୍ଡପୀଠ ଆଇନର ୩ଟି ପ୍ରସଙ୍ଗ ଉପରେ ବିଚାରକରିବାକୁ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ତାହା ହେଲା 'ୱାକ୍‌ଫ ବାଏ ୟୁଜର' ସ୍ୱୀକୃତି ହଟାଇବାକୁ ଥିବା ଧାରା ୩(ଆର୍), ୱାକ୍‌ଫ ଘୋଷିତ ହୋଇଥିବା ସମ୍ପତ୍ତିରୁ ସରକାରୀ ସମ୍ପତ୍ତିକୁ ବାଦ୍ ଦେବା ପାଇଁ ଧାରା ୩ସି'ରେ ରହିଥିବା ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ସୀମିତ ଅଣମୁସଲମାନ ପ୍ରତିନିଧିତ୍ୱକୁ ନେଇ କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲ୍ ଓ ରାଜ୍ୟ ୱାକ୍‌ଫ ବୋର୍ଡ ଗଠନ। ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏହାକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ସରକାର ବିରୋଧ କରିଥିଲେ।

## ବର୍ଷା ବିଭ୍ରାଟ

# କର୍ଣ୍ଣାଟକ, ତାମିଲନାଡୁରେ ୮ ମୃତ

### କେରଳର ୪ ଜିଲାକୁ ରେଡ୍ ଆଲର୍ଟ

ବେଙ୍ଗାଲୁରୁ/ଚେନ୍ନାଇ, ୨୦।୫



ବେଙ୍ଗାଲୁରୁର ଏକ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଗାମୀ ୨୪ ଘଣ୍ଟାରେ ଲଗାଣ ବର୍ଷା ପାଇଁ କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳର ବିଭିନ୍ନ ଜିଲାକୁ ଆଲର୍ଟ ଜାରି କରାଯାଇଛି। ବର୍ଷା ପ୍ରକୋପରେ କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି। ସହରର ସିଲ୍କ ରୋଡ୍ ଜଙ୍କସନ୍, ହୋସୁର ରୋଡ୍, ବିଟିଏମ୍ ଲେ ଆଉଟ୍ ଆଦି ସ୍ଥାନ ଜଳମଗ୍ନ ହୋଇଯାଇଛି। ସହରର ଅଧିକାଂଶ ସ୍ଥାନରେ ଜଳବନ୍ଦୀ ସ୍ଥିତି ଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ କର୍ଣ୍ଣାଟକରେ ବର୍ଷାଜନିତ ମୃତ୍ୟୁ ମାମଲା ବଢ଼ି ୫ରେ ପହଞ୍ଚିଛି। ବେଙ୍ଗାଲୁରୁରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ତାମିଲନାଡୁର ଅନେକ ସ୍ଥାନରେ ଝଡ଼ବର୍ଷା ହୋଇଛି। ମେ ୨୬ ପର୍ଯ୍ୟନ୍ତ ତାମିଲନାଡୁର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ପ୍ରବଳ ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାମିଲନାଡୁରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବୁଧବାର ପର୍ଯ୍ୟନ୍ତ ଉତ୍ତର କେରଳର ୪ ଜିଲା କାସରଗୋଡ଼, କନ୍ନୁର, ୱାୟନାଡ ଏବଂ କୋଝିକୋଡ଼କୁ ଆଇଏମ୍‌ଡି ରେଡ୍ ଆଲର୍ଟ ଜାରି କରିଛି।

## ଫୁର୍‌ସତ୍

# ସବୁଠୁ ଶକ୍ତିଶାଳୀ ଗାଁ

### ବାଉନ୍ସରଙ୍କ ହବ୍ ଭାବେ ପରିଚିତ

ନୂଆଦିଲ୍ଲୀ



ଦକ୍ଷିଣ ଦିଲ୍ଲୀ ଉପକଣ୍ଠସ୍ଥିତ ଛତ୍ରପୁର ଅଞ୍ଚଳରେ ଥିବା ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଦେଶର ରାଷ୍ଟ୍ରୀୟ ରାଜଧାନୀରେ ଥିବା ନାଇଟ୍ କ୍ଲବ୍‌ଗୁଡ଼ିକରେ କାର୍ଯ୍ୟରତ ବାଉନ୍ସରଙ୍କ ଏକ ବଡ଼ ଅଂଶ ଏହି ଗ୍ରାମରୁ ଆସିଥାଏ। ତେଣୁ ଏହି ଗ୍ରାମକୁ ବାଉନ୍ସରଙ୍କ ହବ୍ ଭାବେ ମଧ୍ୟ କୁହାଯାଇଥାଏ।

ସ୍ଥାନୀୟ ମଲ୍ଲଯୋଦ୍ଧା ବିଜୟ ତନ୍‌ୱର ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଅସୋଲା-ଫତେହପୁର ବେରି ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ୍ୟ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏକ ଜାତୀୟ ଗଣମାଧ୍ୟମକୁ ବିଜୟ କହିଛନ୍ତି, ସେ ଅସୋଲା-ଫତେହପୁର ବେରି ଗ୍ରାମରୁ ପ୍ରଥମ ବାଉନ୍ସର ଥିଲେ। ପରେ ଗାଁର ଅନ୍ୟ ଯୁବକମାନେ ମଧ୍ୟ ତାଙ୍କ ପଥ ଅନୁସରଣ କରିବା ଆରମ୍ଭ କରିଥିଲେ। ଏବେ ଗାଁର ୩୦୦ରୁ ଅଧିକ ମଲ୍ଲଯୋଦ୍ଧା ଦିଲ୍ଲୀର ବିଭିନ୍ନ କ୍ଲବ୍ ଏବଂ ବାର୍‌ଗୁଡ଼ିକରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ହିଁ ଧନ, ସ୍ୱାସ୍ଥ୍ୟ ହିଁ ଧନ। ଏହି ଉକ୍ତି ଗାଁର ମୂଳମନ୍ତ୍ର ଭାବେ ପରିଣତ ହୋଇଛି। ଗ୍ରାମର ଯୁବପିଢ଼ି ବ୍ୟାୟାମ ଏବଂ କସରତ କରି କେବଳ ସୁସ୍ଥ ରହୁନାହାନ୍ତି ବରଂ ସେମାନେ ବାଉନ୍ସର ଭାବେ କାର୍ଯ୍ୟ କରି ଭଲ ଅର୍ଥ ମଧ୍ୟ ରୋଜଗାର କରୁଛନ୍ତି। ଫଳରେ ଅସୋଲା-ଫତେହପୁର ଗ୍ରାମରେ ଅନେକ ପରିବାରର ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ବିଜୟ କହିଛନ୍ତି।

ଏହି ଗ୍ରାମର ଯୁବକମାନେ ସ୍ଥାନୀୟ ଆଖଡ଼ାରେ କଠୋର ତାଲିମ ନେଇଥାନ୍ତି, ଯେଉଁଠାରେ ସେମାନେ ପ୍ରତିଦିନ ଅନେକ ଶହ ପୁସ୍-ଅପ୍, ସିଟ୍-ଅପ୍ ଏବଂ କୁସ୍ତି ଅଭ୍ୟାସ କରନ୍ତି। ପିଢ଼ି ପରେ ପିଢ଼ି ଧରି ଏଠାରେ ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଚାଲିଆସୁଥିବା ଶୃଙ୍ଖଳିତ ଜୀବନଶୈଳୀ ଅସୋଲା-ଫତେହପୁର ବେରି ଗ୍ରାମକୁ ଦେଶର ଶକ୍ତିଶାଳୀ ଗ୍ରାମ ଭାବେ ପରିଚୟ ଦେଇଛି। ଗାଁରେ ମଦ୍ୟପାନ ଏବଂ ତମାଖୁ ସେବନ ଉପରେ ବାରଣ ରହିଛି। ସେହିପରି ଗାଁର ଯୁବପିଢ଼ିମାନେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ନିଜ ନିଜର ଶାରୀରିକ ତାଲିମ ପାଇଁ ଅନେକ ଘଣ୍ଟା ସମୟ ଦେଇଥାନ୍ତି।

# 'ୱାର୍ ୨': ହୃତିକ୍-ଜୁନିୟର ଏନ୍‌ଟିଆର୍ ଲଢ଼େଇ

### ଟିଜର ଆଉଟ୍

ମୁମ୍ବାଇ



ଚଳିତ ବର୍ଷର ଯଶରାଜ୍ ଫିଲ୍ମସ୍‌ର ବହୁ ପ୍ରତୀକ୍ଷିତ ଫିଲ୍ମ 'ୱାର୍ ୨'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ଟିଜରରେ ଆକ୍ସନ ଦୃଶ୍ୟ ଭରପୂର ରହିଛି। ଟିଜରରେ ଅଭିନେତା ହୃତିକ୍ ରୋଶନ ଏବଂ ସାଉଥ୍ ଷ୍ଟାର୍ ଜୁନିୟର ଏନ୍‌ଟିଆର୍ ମଧ୍ୟରେ ଲଢ଼େଇ ହେଉଥିବା ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟିଜରଟି ଜୁନିୟର ଏନ୍‌ଟିଆର୍‌ଙ୍କ ଏକ ଡାଏଲଗ୍‌ରୁ ଆରମ୍ଭ ହେଉଛି, ଯେଉଁଥିରେ ସେ କହିଛନ୍ତି, ଅନେକ ଦିନ ହେବ ସେ କବୀର ଅର୍ଥାତ୍ ହୃତିକ୍‌ଙ୍କ ଗତିବିଧିକୁ ନଜରରେ ରଖିଛନ୍ତି। ଟିଜରର ପ୍ରଥମ ଦୃଶ୍ୟରୁ ଜଣାପଡ଼ିଛି, ହୃତିକଙ୍କ ସହ ଜୁନିୟର ଏନ୍‌ଟିଆର୍‌ଙ୍କ ପୁରୁଣା ଶତ୍ରୁତା ରହିଛି ଏବଂ ସେ ହୃତିକଙ୍କଠାରୁ ପ୍ରତିଶୋଧ ନେବାକୁ ଚାହୁଁଛନ୍ତି। ୧ ମିନିଟ ୩୪ ସେକେଣ୍ଡର ଏହି ଟିଜରରେ ହୃତିକ୍ ଏବଂ ଜୁନିୟର ଏନ୍‌ଟିଆର୍ ପରସ୍ପର ସହ ବିଭିନ୍ନ ସ୍ଥାନରେ ଲଢୁଥିବାର ଦେଖିବାକୁ ମିଳିଛି। ଫାଇଟିଂ ସିନ୍ ସମୟରେ ଉଭୟଙ୍କର ଲୁକ୍‌କୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ସେହିପରି ଏହି ଟିଜରରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଗ୍ଲାମରସ୍ ଅନ୍ଦାଜ ମଧ୍ୟ ଦେଖିବାକୁ ମିଳିଛି। ସେ ହୃତିକ୍‌ଙ୍କ ସହ ରୋମାନ୍ସ କରୁଥିବାର ନଜରକୁ ଆସିଛନ୍ତି। 'ୱାର୍ ୨'ର ଟ୍ରେଲର ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ଅୟନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ଅଗଷ୍ଟ ୧୪ରେ ମୁକ୍ତିଲାଭ କରିବ।




# ୧୫୦ ଗ୍ରାମ ହେରୋଇନ ଜବତ, ଜଣେ ଗିରଫ

**ମଙ୍ଗୁଳି-ଜଗତପୁର,୨୦।୫ (ମାନସ ସାମଲ):** କଟକ ଅବକାରୀ ବିଭାଗ ହେରୋଇନ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ମାଲଗୋଦାମ ଥାନା ଯୋବ୍ରା ଅଞ୍ଚଳର ରାକେଶ ନାୟକ। ତାଙ୍କ ନିକଟରୁ ୧୫୦ଗ୍ରାମର ହେରୋଇନ ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ହେରୋଇନର ଆନୁମାନିକ ମୂଲ୍ୟ ୧୬ଲକ୍ଷ ଟଙ୍କା ହେବ। ଜଣେ ଯୁବକ ବାଇକ୍‌ରେ ହେରୋଇନ ଧରି ଜଗତପୁର ନିମପୁର ଅଞ୍ଚଳରେ ବିକ୍ରି କରିବାକୁ ବୁଲୁଥିବା ଖବର ପାଇ କଟକ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଅବକାରୀ ବିଭାଗ ଟିମ୍ ନିମପୁର ନିକଟସ୍ଥ ଜୟ ମଙ୍ଗଳା ସାହିରାସ୍ତାରେ ଯାଞ୍ଚ କରି ଯୁବକଙ୍କୁ ଗିରଫ କରିଥିଲା।

# ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ ଚୂଡ଼ାନ୍ତ

**ଭୁବନେଶ୍ୱର,୨୦।୫ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ-୨୦୨୫କୁ ଚୂଡ଼ାନ୍ତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନ୍ୟାନ୍ୟ କ୍ଷେତ୍ର ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା' ଦୃଷ୍ଟିଭଙ୍ଗୀ ନେଇ ଓଡିଶାରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ବିକାଶ କରାଯିବ। ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ରକୁ ଏପରି ଆକର୍ଷଣୀୟ କରାଯିବ, ଯେପରି ପର୍ଯ୍ୟଟକ ଭାରତକୁ ଆସିବା କଥା ଚିନ୍ତା କଲେ, ପ୍ରଥମେ ଓଡ଼ିଶା କଥା ତାଙ୍କ ମନକୁ ଆସିବ। ଓଡିଶାର ସମସ୍ତ ୩୦ଟି ଜିଲାରେ ଏହି ଦୁଃସାହସିକ ପର୍ଯ୍ୟଟନର ସମ୍ଭାବନା ଥିବା ସ୍ଥାନଗୁଡ଼ିକର ମ୍ୟାପିଙ୍ଗ କରାଯାଇ ଏଗୁଡିକର ବିକାଶ କରାଯିବ। ସାତକୋଶିଆରେ ରାଫ୍ଟିଙ୍ଗ ଓ ହୀରାକୁଦ ଉପରେ ହଟ୍ ଏୟାର ବେଲୁନ ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ପର୍ଯ୍ୟଟନ ସୁବିଧାର ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପର୍ଯ୍ୟଟନସ୍ଥଳୀ ଲୋକପ୍ରିୟ ହେବା ସହିତ ଏହା ରାଜ୍ୟର ଯୁବଶକ୍ତି ପାଇଁ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପଛୁଆ ବର୍ଗଙ୍କ ଉନ୍ନତି ନେଇ ସରକାରଙ୍କ ନିଷ୍ପତ୍ତି ପରେ ବିଜେଡି, କଂଗ୍ରେସ ହତାଶ: ମନମୋହନ

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

## ମେଡିକାଲ, ଟେକ୍ନିକାଲ , ସ୍କିଲ୍ କ୍ଷେତ୍ରର ଶିକ୍ଷାନୁଷ୍ଠାନରେ ମିଳିବ ୧୧.୨୫% ସ୍ଥାନ ସଂରକ୍ଷଣ




ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ନିତ୍ୟାନନ୍ଦ ଗଣ୍ଡ।

୨୦୨୪ ନିର୍ବାଚନ ବେଳେ ସଂକଳ୍ପପତ୍ରରେ ଭାଜପା ପଛୁଆ ବର୍ଗଙ୍କ ଉନ୍ନତି ସମ୍ପର୍କରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ଏବେ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଭାଜପା ରାଜ୍ୟରେ ସରକାର ଗଠନ କରିବାର ମାତ୍ର ୧୧ ମାସରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଇଁ ଐତିହାସିକ ନିଷ୍ପତ୍ତି ନେଇଛି। ହେଲେ ରାଜ୍ୟରେ ପଛୁଆ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏବେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଏବଂ କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହି ସଂରକ୍ଷଣ ଲାଗୁକରିବା ପାଇଁ ବିଜେଡି ଓ କଂଗ୍ରେସକୁ କିଏ ମନା କରିଥିଲା, ଯେତେବେଳେ ସେମାନେ ରାଜ୍ୟରେ ଶାସନରେ ରହିଥିଲେ। ବିଜୁବାବୁ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ ଯିଏ ପଛୁଆ ବର୍ଗଙ୍କ ସଂରକ୍ଷଣ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଯେତେବେଳେ ମଣ୍ଡଳ କମିଶନ ରିପୋର୍ଟ ସଂସଦରେ ଆଗତ ହୋଇଥିଲା ସେତେବେଳେ ବିରୋଧୀ ଦଳର ନେତା ଦାୟିତ୍ୱରେ ଥିବା ରାଜୀବ ଗାନ୍ଧୀ ଏହାକୁ ବିରୋଧ କରିଥିଲେ। ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବାରୁ ରାଜ୍ୟର ଉଭୟ ବିରୋଧୀ ଦଳ ଏବେ ହତାଶ ହୋଇପଡ଼ିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ନିକଟରେ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ସରକାର ନିଷ୍ପତ୍ତି ନେଇସାରିଛନ୍ତି। ଉଚ୍ଚଶିକ୍ଷା, ଗଣଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସବୁ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣକୁ କ୍ୟାବିନେଟ୍ ମୋହର ମାରିସାରିଛି। ଚାକିରି ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅଛି। ହେଲେ ସବୁ ସଂରକ୍ଷଣ ମିଶି ୫୦%ରୁ ଅଧିକ ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଶୁଣାଇଛନ୍ତି। ଏଣୁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ପାଇଁ ୨୨.୫, ଅନୁସୂଚିତ ଜାତି ୧୬.୨୫, ଦିବ୍ୟାଙ୍ଗ ୫ ଓ ସୈନ୍ୟବାହିନୀ ପରିବାର ପାଇଁ ୧% ସଂରକ୍ଷଣ ଦେଉଛନ୍ତି। ୫୦%ରୁ କମ୍ ନିୟମ ଆଧାରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହାକୁ ବିରୋଧୀ ଦଳ ସହ୍ୟ କରିପାରୁନାହାନ୍ତି। ବିଜେଡି ରାଜ୍ୟରେ ୨୪ ବର୍ଷ ଏବଂ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ସର୍ବାଧିକ ସମୟ ଶାସନ କରିବା ସତ୍ତ୍ୱେ ପଛୁଆବର୍ଗଙ୍କ ପାଇଁ କୌଣସି କାର୍ଯ୍ୟ କରି ନ ଥିଲେ। ଉଭୟ ବିଜେଡି ଓ କଂଗ୍ରେସର ଓବିସି ସମାଜ ପାଇଁ ଆଦୌ ନିଷ୍ଠା ନାହିଁ। ରାଜ୍ୟ ଭାଜପା ସରକାରଙ୍କ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ପ୍ରାରମ୍ଭିକ ଭାବେ ସଂରକ୍ଷଣ ଘୋଷଣା ପରେ ସତେ ଯେମିତି ବିଜେଡି ଓ କଂଗ୍ରେସର ମୁଣ୍ଡ ଖରାପ ହୋଇଯାଇଛି। ଭାଜପା ସ୍ପଷ୍ଟ କରିବାକୁ ଚାହେଁ, ମେଡିକାଲ, ଟେକ୍ନିକାଲ ଏବଂ ସ୍କିଲ୍ କ୍ଷେତ୍ରର ଶିକ୍ଷାନୁଷ୍ଠାନଗୁଡିକରେ ପ୍ରାରମ୍ଭିକ ଭାବେ ୧୧.୨୫% ସ୍ଥାନ ସଂରକ୍ଷଣ ଦେବାକୁ ପ୍ରତିଶ୍ରୁତିବଦ୍ଧ। କଂଗ୍ରେସ ଏବଂ ବିଜେଡି ରାଜ୍ୟର ଜନସାଧାରଣଙ୍କୁ ବୋକା ଭାବି ଯେଉଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ସେଥିରୁ ଦୂରେଇ ରହିବାକୁ ମନମୋହନ କହିଛନ୍ତି।

# ବିଜେଡି ଆନ୍ଦୋଳନ ଡାକରାରେ ଭାଜପାର ରେସ୍‌ପଣ୍ଡ ଦେଖି ଆମେ ଖୁସି: ଅରୁଣ

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଆମେ ଖୁସି ଭାଜପା ବିଜେଡିର ଡାକରାକୁ ରେସ୍‌ପଣ୍ଡ କରିଛି। ୧୯୯୦ ମସିହାରେ ଯେତେବେଳେ ମଣ୍ଡଳ କମିଶନ ଲାଗୁ ହେଲା ଭାଜପା ସେତେବେଳେ କମଣ୍ଡଲୁ ଧରି ବାହାରି ଯାଇଥିଲା। ୧୯୯୦ରୁ ୨୦୨୫ ଏହିପରି ମୋଟ୍ ୩୫ ବର୍ଷ ହେବ ଭାଜପା କେବେହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ କଥା ଚିନ୍ତା କରିନାହିଁ। କେନ୍ଦ୍ରରେ ଦୀର୍ଘ ୧୧ ବର୍ଷ ଧରି କ୍ଷମତାରେ ରହିଥିଲେ ମଧ୍ୟ ଆମ୍ବେଦକରଙ୍କୁ ତାଚ୍ଛଲ୍ୟ କରିଛନ୍ତି। ତାଙ୍କ ଦଳର ମୁଖିଆ କହିଥିଲେ, ମହିଳା, ପୁରୁଷ ଏବଂ ଛୁଆ ଏହିଭଳି ୪ଟି ଜାତି ଅଛନ୍ତି। ଆଉ କିଛି ଜାତି ନାହିଁ। ତାଙ୍କର ଜଣେ ମନ୍ତ୍ରୀ କହିଲେ, ଜାତି ବ୍ୟବସ୍ଥା ହେଲେ ଦେଶ ଭୁଶୁଡ଼ି ପଡ଼ିବ। ଯେଉଁ ଦଳ ଏଭଳି ସବୁ ମନ୍ତବ୍ୟ ଦେଉଥିଲେ ସେମାନେ ଏବଂ ତାଙ୍କ ସହ ମେଣ୍ଟରେ ଥିବା ଦଳଗୁଡିକ କିପରି ଜାତିଭିତ୍ତିକ ଜନଗଣନା ହେବା ସହ ଏସ୍‌ସି, ଏସ୍‌ଟି, ଓବିସିଙ୍କ ସାମାଜିକ ନ୍ୟାୟ ବ୍ୟବସ୍ଥା ସପକ୍ଷରେ ଆସିଲେ। କେନ୍ଦ୍ର ସରକାର ଯେତେବେଳେ ଚାପରେ ପଡ଼ି ଜାତିଭିତ୍ତିକ ଜନଗଣନା ନେଇ ଘୋଷଣା କରିଛନ୍ତି ସେହି ସମୟରେ ଓଡ଼ିଶା ସରକାର ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ନେଇ ଘୋଷଣା କରିଛନ୍ତି। ହେଲେ ବିଜେଡିର ଦାବି ହେଉଛି, ସରକାରୀ ସିଟ୍‌ଗୁଡ଼ିକ ଯାହା ଖାଲି ପଡୁଛି ସେଠାରେ ସଂରକ୍ଷଣ ଦେବାର ଆବଶ୍ୟକତା କ'ଣ ରହିଛି। ମେଡିକାଲ, ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ସଂରକ୍ଷଣ ଦିଆଯାଉ। କ୍ୟାବିନେଟ୍ ପଳାଇଲା ଏମାନେ ସଂରକ୍ଷଣ ଦେଲେନାହିଁ। ଗୋଟିଏ ଶିକ୍ଷା ବର୍ଷ ମଧ୍ୟ ପଳାଇଲେଣି, ଏବେ ଦେବେ ଯେଉଁ କଥା କହୁଛନ୍ତି କେବେ ଦେବେ। ଯାହା ହେଲେ ବି ବିଜେଡି ପକ୍ଷରୁ ଆନ୍ଦୋଳନ ଡାକରା ପରେ ଭାଜପାର ସବୁ ନେତା ଏକାଠି ବସି ଖବରଦାତା ସମ୍ମିଳନୀ କଲେ ବୋଲି ଅରୁଣ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ବୈଠକ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ମୁଖ୍ୟମନ୍ତ୍ରୀ: ବିଜେଡି

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

## ପୋଲାଭରମ ପ୍ରସଙ୍ଗ

ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ରେ ବୈଠକ ବସିବ। ଏହି ଅବସରରେ ଓଡ଼ିଶା ସରକାର ତାଙ୍କ ପକ୍ଷ ରଖିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲାର ଅନ୍ୟୂନ ୨୦୦ ଗ୍ରାମ ଜଳମଗ୍ନ ହେବ ଓ ହଜାର ହଜାର ଆଦିବାସୀ ସେମାନଙ୍କ ଭିଟାମାଟି ହରାଇବେ। ପୋଲାଭରମ ପ୍ରକଳ୍ପକୁ ଆରମ୍ଭରୁ ବିଜେଡି ବିରୋଧ କରିଆସୁଛି। ସରକାରରେ ଥିବାବେଳେ ଓ ଏବେ ବିରୋଧୀ ଦଳରେ ଥାଇ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ବିଜେଡି ଲଢ଼େଇ କରିଆସୁଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ବର୍ଷେ ପୂରିବାକୁ ଯାଉଥିବାବେଳେ ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ପଦୁଟିଏ କହିନାହାନ୍ତି ବୋଲି ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବୀ କହିଛନ୍ତି, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକ୍‌କୁ ବଢ଼ାଇ ଦିଆଯାଇଛି। ଏହି ପ୍ରକଳ୍ପ କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡ଼ିଶାର ମାଲକାନଗିରି ଜିଲା ଉପରେ କ'ଣ ପ୍ରଭାବ ପଡିବ ତା'ର ଆକଳନ କରାଯାଇ ନ ଥିଲା। ତେଣୁ ୨୦୦୭ରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପ କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ହେଲେ କେନ୍ଦ୍ର ସରକାର ପୋଲାଭରମ ପ୍ରକଳ୍ପ ଲାଗି ଅର୍ଥ ରାଶି ପ୍ରବଳ ମାତ୍ରାରେ ଯୋଗାଇ ଦେଇଛନ୍ତି। ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ କିଛି ପଦକ୍ଷେପ ନିଅନ୍ତୁ ବୋଲି ଦେବୀ କହିଛନ୍ତି।









## ଆଇବି ମୁଖ୍ୟ ତପନ ଡେକାଙ୍କ କାର୍ଯ୍ୟକାଳ ପୁଣି ବର୍ଷେ ବଢ଼ିଲା

ନୂଆଦିଲ୍ଲୀ,୨୦।୫ : ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ କାର୍ଯ୍ୟକାଳକୁ ଆଉ ଗୋଟିଏ ବର୍ଷ ବୃଦ୍ଧି କରାଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ୧୯୮୮ ବ୍ୟାଚ୍‌ର ହିମାଚଳପ୍ରଦେଶ କ୍ୟାଡର ଆଇପିଏସ୍ ଅଫିସର ଡେକାଙ୍କ କାର୍ଯ୍ୟକାଳ ୨୦୨୬ ଜୁନ୍ ପର୍ଯ୍ୟନ୍ତ ବଢ଼ାଇବା ପ୍ରସ୍ତାବକୁ ଅନୁମୋଦନ କରିଥିବା କାର୍ମିକ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାପୂର୍ବରୁ ୨୦୨୪ରେ ତାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଯାଇଥିଲା।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଅଜନ୍ତା ସର୍କସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ଣ ୪ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟକ 'ମାଗୁଣିର ଶଗଡ଼', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଶ୍ରୀ ସ୍ୱପ୍ନେଶ୍ୱର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଚନ୍ଦନଯାତ୍ରା ଅବସରରେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିର ପରିସର, ହରିଦାସପୁର, ନହରକଣ୍ଟା, ସମୟ: ରାତି ୧୧ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ହାଟ ପାର୍ଶ୍ୱ ମେଳଣ ପଡ଼ିଆ, ସମୟ: ରାତି ୧୧ଟା।

### କଟକ
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବର ପ୍ରଥମ ଦିବସ, ସ୍ଥାନ: ବାରାପାଳ, ରୁପସା, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବିଦାୟକାଳୀନ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ଅପରାହ୍ଣ ୫ଟା।
- ଉପନ୍ୟାସ ଓ ଔପନ୍ୟାସିକ କାର୍ଯ୍ୟକ୍ରମ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

### ଭଦ୍ରକ
- ବାର୍ଷିକ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୁରିଗାଁ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜିଲା ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ସକାଳ ୯ଟା୩୦।

### ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ରବି ଧାନ କିଣା ଶୁଭାରମ୍ଭ, ସ୍ଥାନ:ଚିତ୍ରଡ଼ା ଲ୍ୟାମ୍ପସ, ମୋରଡ଼ା ବ୍ଲକ,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଗୋକୁଳ ମିଶନ ପ୍ରତିବାଦ ନେଇ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦଳା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

### ବ୍ରହ୍ମପୁର
- ଅପରେଶନ ସିନ୍ଦୁରର ସଫଳତା ନେଇ ତ୍ରିରଙ୍ଗା ଯାତ୍ରା,ସ୍ଥାନ: ଲାଞ୍ଜିପଲୀ,ସମୟ: ଅପରାହ୍ଣ ୩ଟା।

### ଗଞ୍ଜାମ
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆରୁ ଆରମ୍ଭ, ସମୟ: ଅପରାହ୍ଣ ୪ଟା।

### କେନ୍ଦ୍ରାପଡ଼ା
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଚାମୁଣ୍ଡାଇ, ସମୟ: ସକାଳ ୭ଟା।

### ରାୟଗଡ଼ା
- ରବି ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ମୁନିଗୁଡା ଆରଏମସି ଗୋଦାମ ପରିସର ଏବଂ ବିଷମ କଟକ ବ୍ଲକ୍ ଗଜବାହାଲ ଆରଏମସି ଗୋଦାମ ପରିସର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ଣ ୧୦ଟା।

### କୋରାପୁଟ
- ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ, ସ୍ଥାନ: ବାଲଡ଼ା, ସମୟ: ସକାଳ ୮ଟା।
- ଗଙ୍ଗା ମା'ଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ, ଯାତ୍ରା ସମାପ୍ତ, ସ୍ଥାନ: ସେମିଳିଗୁଡା, ସମୟ: ପୂର୍ବାହ୍ଣ ୧୧ଟା।
- ନାଗେଶ୍ୱରି ପାହାଡ, ଗୁମ୍ଫା ସମସ୍ୟା ସମାଧାନ ନେଇ ସମନ୍ୱୟ ବୈଠକ, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ଣ ୧୧ଟା।
- ଦିଶା ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ଣ ୧୧ଟା।

### ମାଲକାନଗିରି
- ଆମ୍ବାଗୁଡା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଆମ୍ବାଗୁଡା, ସମୟ: ପୂର୍ବାହ୍ଣ ୧୧ଟା।

### ସମ୍ବଲପୁର
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।

### ରାଉରକେଲା
- କବିତା ଆସର, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ମୀନାକ୍ଷୀ ଫାଉଣ୍ଡେଶନର ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଆଦର୍ଶ ସାହିତ୍ୟ ଘର, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ଜିଲା ପରିଷଦର ସପ୍ତମ ବୈଠକ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।

### କଳାହାଣ୍ଡି
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ଣ ୧୦ଟା।

### ଦେବଗଡ଼
- ଦେବଗଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗଦାନ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା,ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି , ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ କମିଟି ତରଫରୁ ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ପ୍ରାଥମିକ ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ପାକ୍ସ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ବୀରମହାରାଜପୁର ଭାଜପା ମଣ୍ଡଳ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ସକାଳ ୯ଟା ୫୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୧।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ କାର୍ଯ୍ୟହାନି ଓ ପ୍ରାପ୍ତିରେ ନୈରାଶ୍ୟହେତୁ ମନ ବିଷାଦିତ ରହିବ। ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ଜୀବନ ହସଖୁସିରେ କଟିବ। ଶିଳ୍ପ, ବାଣିଜ୍ୟ, ପରିବହନରେ ଶିଥିଳତା ଦେଖାଦେଲେ ମଧ୍ୟ ଲାଭ କିଛି ଉଣା ହେବନି। ନିଜର ସମ୍ପର୍କୀୟ ବ୍ୟକ୍ତି ବିଶେଷଙ୍କ ଅନାଦର ଭାବ ମନରେ ଭାବାନ୍ତର ସୃଷ୍ଟି କରିପାରେ।

**ବୃଷ** ଏକାଦଶସ୍ଥ ଶୁକ୍ର ଆପଣଙ୍କ ସମସ୍ତ ସୁଖାଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଚନ୍ଦ୍ରଙ୍କ ସ୍ଥିତି ଏବଂ ମଙ୍ଗଳଙ୍କ ଦୃଷ୍ଟିରୁ କର୍ମକ୍ଷେତ୍ର ଶାନ୍ତିପ୍ରଦ ହୋଇ ନ ପାରେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଯୋଗାଯୋଗ ଓ ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ମିଥୁନ** ରବି ଦ୍ୱାଦଶରେ ରହିଥିବାରୁ ପ୍ରିୟଜନଙ୍କ ଚକ୍ଷୁଶୂଳର କାରଣ ହେବାର ସୂଚନା ରହିଛି। ସରକାରୀ ସ୍ତରରେ କୌଣସି ସମସ୍ୟା ହେତୁକ ଧନହାନିର ଆଶଙ୍କାକୁ ଏଡି ହେବ ନାହିଁ। ପ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବାର ବହୁତ ସମ୍ଭାବନା ରହିଛି। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହୋଇପାରନ୍ତି।

**କର୍କଟ** କର୍ମାଧିପ ରାଶିରେ ରହିଥିବାରୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଅଶାନ୍ତ ରଖିପାରନ୍ତି। ଅଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅର୍ଥର ଅଭାବ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରି ନେବାର ପ୍ରଯତ୍ନ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି।

**ସିଂହ** ବୁଧ ଭାଗ୍ୟସ୍ଥାନରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସାହାଯ୍ୟରୁ ଉପକୃତ ହେବେ। ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ପଛେଇ ଯାଇପାରନ୍ତି। ସଭାସମିତିରେ ପ୍ରିୟଜନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଜମିଜମା, କଚେରି ମାମଲା, ପରିବହନ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି।

**କନ୍ୟା** ଧନସ୍ଥାନ ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ଜ୍ଞାନର ଗରିମାରେ ସମ୍ମାନିତ ହେବେ। ଖର୍ଚ୍ଚଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିବେ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ିମୋଟର, ଯାନ୍ତ୍ରିକଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ଶନି ଓ ଗୁରୁଙ୍କ ଶୁଭପ୍ରଭାବ ଋଣମୋଚନ, ସତ୍‌ସଙ୍ଗର ସାନ୍ନିଧ୍ୟ, ଆଧ୍ୟାତ୍ମିକ ପରିବେଶର ସୁଯୋଗ ପ୍ରଦାନ କରିବ। ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। କର୍ମକ୍ଷେତ୍ରରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧିପାଇବାର ସୂଚନା ରହିଛି।

**ବିଛା** ଭାଗ୍ୟାଧିପ ଚନ୍ଦ୍ର ଦେବଗୁରୁଙ୍କ ଦୃଷ୍ଟିରୁ ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସଫଳତା ମିଳି ନ ପାରେ। ତଥାପି ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମର ପୁନରୁଦ୍ଧାର କରିପାରନ୍ତି। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରି ପାଇବାର ଆଶା ରହିଛି। ବନ୍ଧୁଙ୍କର ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମନସ୍ତାପ କରିପାରନ୍ତି।

**ଧନୁ** ରାଶିପ୍ରତି ଶନିଙ୍କ ଦୃଷ୍ଟି ପ୍ରତ୍ୟେକ କ୍ଷେତ୍ରରେ ଅଯଥା ଅଶାନ୍ତ ବାତାବରଣର ପରିସ୍ଥିତି ସୃଷ୍ଟି କରିପାରେ। ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ମାନସିକ ସୁସ୍ଥତା ଅଭାବରୁ ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ଅବଶ୍ୟ ବୈଷୟିକ ସୁଖସମୃଦ୍ଧି ଓ ବନ୍ଧୁମିଳନଜନିତ ମନ ନିୟନ୍ତ୍ରିତ ରହିପାରେ।

**ମକର** କର୍ମାଧିପ ଶୁକ୍ର ଆପଣଙ୍କୁ ସମସ୍ତ ସୁଖ, ସୌଭାଗ୍ୟ ପ୍ରଦାନ କରିବାର ପରିବେଶରେ ରଖିପାରନ୍ତି। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର ବୃଦ୍ଧି କାରଣରୁ ଚିନ୍ତା କରିବେ। ପ୍ରତୀକ୍ଷାର ଅବସାନ ଘଟିବ ଏବଂ କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**କୁମ୍ଭ** ରବିଙ୍କ ଶୁଭ ସଂସ୍ଥାନରୁ ପାରିବାରିକ କ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଦୁଶ୍ଚିନ୍ତାର କାରଣ ହେବ। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ପ୍ରଶଂସିତ ଓ ପୁରସ୍କୃତ ହୋଇପାରନ୍ତି।

**ମୀନ** ରାଶିରେ ତିନୋଟି ପାପଗ୍ରହ ଥିବାରୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ କଷ୍ଟକର ହୋଇପାରେ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିପାରନ୍ତି। ବ୍ୟବସାୟ,ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ।

ଆଜି ମେ ୨୧ ତାରିଖ, ଆତଙ୍କବାଦ ନିରୋଧୀ ଦିବସ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ଜ୍ୟେଷ୍ଠ କୃଷ୍ଣ ନବମୀ ବୁଧବାର। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୯ମି. ଗତେ ଘ. ୦୮.୨୮ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଳଦ ଟାଏ ନା ଟୋପାଏ ଦୁହଁ।**

ବଳଦ କ୍ଷୀର ଦିଏନି। ସେଥିନିମନ୍ତେ ଯେତେ ଚେଷ୍ଟା କଲେ ବି ସକଳ ଚେଷ୍ଟା ନିଷ୍ଫଳ ହୋଇଥାଏ। ଅସମ୍ଭବ ବିଷୟ ପାଇଁ ଅନୁରୋଧ। ଯେଉଁଟା ସମ୍ପୂର୍ଣ୍ଣ ଅସମ୍ଭବ, ସେଠି ସମ୍ଭବତା ପାଇଁ ଅଯଥା ଚେଷ୍ଟା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହା ସରିଲେ ବେଦି ମୁହଁ ପୋଡ଼ା।**

ବାହାଘର ବେଳେ ବେଦୀର ଆବଶ୍ୟକତା ପଡ଼ିଥାଏ। ଯେଉଁଥିପାଇଁ ତାର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ସାଧାରଣତଃ ବେଦି ଉପରେ ହାତଗଣ୍ଠି ପଡ଼ିବା ସହ ବିବାହର ନାନାଦି କର୍ମମାନ ଅନୁଷ୍ଠିତ ହୋଇଥାଏ। ପରନ୍ତୁ ବାହାଘର ସରିଲା ପରେ ବେଦିର ଗୁରୁତ୍ୱ କମିଯାଇଥାଏ। ସମୟକ୍ରମେ ତାହା ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ୨୭% ସଂରକ୍ଷଣ ଦାବି

ଭୁବନେଶ୍ୱର,୨୦।୫
(ରବିନାରାୟଣ ଜେନା)




ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ମଶାଲ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ ମିଶ୍ର)

ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ପଛୁଆ ବର୍ଗ (ଓବିସି) ଛାତ୍ରୀଛାତ୍ରଙ୍କ ପାଇଁ ୨୭% ସଂରକ୍ଷଣ ଦାବିରେ ମାଷ୍ଟର କ୍ୟାଣ୍ଟିନଠାରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉଦିତ କହିଥିଲେ, ଓବିସି ଏବଂ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କୁ ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଏହି ବର୍ଗର ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷାରେ ଆଇନ ପ୍ରଦତ୍ତ ସଂରକ୍ଷଣ ଉଲଙ୍ଘନ କରାଯାଉଛି। ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକରେ ଏସ୍‌ସି/ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁଙ୍କୁ ଉପଯୁକ୍ତ ସୁଯୋଗ ମିଳୁନାହିଁ। ଓଡ଼ିଶାରେ ଓବିସି-ଏସ୍‌ଇବିସି ସମୁଦାୟ ଜନସଂଖ୍ୟାର ୫୪% ହୋଇଥିଲେ ବି ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଦୌ ସଂରକ୍ଷଣ ଦିଆଯାଉନାହିଁ। ସରକାର ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭% ସଂରକ୍ଷଣ ଘୋଷଣା ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

## କଲବଲ କରିବ ଖରା, ଗୁଳୁଗୁଳି

ଭୁବନେଶ୍ୱର, ୨୦।୫
(ଅନୁରାଧା ମହାରଣା)

ରାଜ୍ୟରେ ଖରା ଓ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରୁଛି। ଅନ୍ୟପଟେ କାଁ ଭାଁ କେତେକ ଜିଲାରେ ବର୍ଷା ହେଉଥିବାବେଳେ ବଜ୍ରପାତ ଓ ଝଡ଼ ପବନ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଆସନ୍ତା ୬ରୁ ୭ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବୁଧବାର ୧୧ ଜିଲାରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ବିଭାଗ ପୂର୍ବାନୁମାନ କରିଛି। ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼ ଆଦି ଜିଲାକୁ ଏନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଘଡ଼ଘଡ଼ି ଓ ବିଜୁଳି ପାଇଁ ୮ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଗଜପତି ଆଦି ରହିଛି। ଅପରାହ୍ଣ କିମ୍ବା ସନ୍ଧ୍ୟାରେ ଏହିସବୁ ଜିଲାର କିଛି ସ୍ଥାନରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସୂଚନା ଥାଉକି, ମଙ୍ଗଳବାର ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ସମ୍ବଲପୁରରେ ୪୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଅନୁଗୋଳରେ ୪୦.୧, ଟିଟିଲାଗଡ଼ରେ ୪୦.୫, ହୀରାକୁଦ ଓ ବଲାଙ୍ଗୀରରେ ୪୦.୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା।




ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ପ୍ରଥମ ପୃଷ୍ଠାରୁ...

## କ୍ୟାବିନେଟ୍‌ରେ ମନ୍ତ୍ରୀଙ୍କୁ ...

କୌଣସି ମନ୍ତ୍ରୀ କେତେ ଖର୍ଚ୍ଚ ହେବ, ଯେଉଁ ଏଜେଣ୍ଡା ଆସିବ ତା'ର କ'ଣ ସବୁ ଆଇନ ଲାଗୁ ହେବ ସେନେଇ କିଛି ଅବଗତ ଅଛନ୍ତି କି? ସବୁ କିଛି ଅଫିସରମାନଙ୍କ ଉପରେ ନିର୍ଭର କରିବ। ଅଫିସରମାନେ ଗୁମାସ୍ତା ଭଳି କାର୍ଯ୍ୟ ତୁଲାନ୍ତି। ବିନା ଗୁମାସ୍ତାରେ ମାଲିକ କ'ଣ କରିପାରିବ। ଯଦି ଅଫିସରମାନଙ୍କୁ ତଡ଼ିବେ ତା' ହେଲେ ତ କ୍ୟାବିନେଟ୍ ବୈଠକ ହୋଇପାରିବ ନାହିଁ। କେଉଁମାନେ ସବୁ କିଛି ଲେଖିକି ରଖିବେ ବୋଲି ସହଦେବ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଗତ ବିଜେଡି ସରକାର ସମୟରେ କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପର୍ଯ୍ୟନ୍ତ ମଧ୍ୟ ମନ୍ତ୍ରୀମାନେ ଏଜେଣ୍ଡା ସମ୍ପର୍କରେ କିଛି ଜାଣିପାରୁ ନ ଥିଲେ। ସବୁକିଛି ସେହି ସମୟରେ ବିଭାଗୀୟ ସଚିବମାନେ ହିଁ ତୁଲାଉଥିଲେ। ଗୋଟିଏ କପ୍ ଚା' ପିଇବା ସମୟ ଭିତରେ ହିଁ କ୍ୟାବିନେଟ୍ ବୈଠକ ଶେଷ ହୋଇଯାଉଥିଲା। ଗୋଟିଏ ଏଜେଣ୍ଡା ଲାଗି ୫ ମିନିଟ୍ ସମୟ ମଧ୍ୟ ଆଲୋଚନା ପାଇଁ ଦିଆଯାଉ ନ ଥିଲା ବୋଲି ତତ୍କାଳୀନ ସରକାରରେ ଏକାଧିକ ଥର ମନ୍ତ୍ରୀ ହୋଇଥିବା ଜଣେ ନେତା ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ବ୍ୟବସ୍ଥାରେ ହଠାତ୍ ପରିବର୍ତ୍ତନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### ଜାତୀୟ/ଅନ୍ତର୍ଜାତୀୟ

## ଅସୀମ ମୁନିରଙ୍କୁ ଫିଲ୍ଡ ମାର୍ଶାଲ କଲା ପାକିସ୍ତାନ

ଇସ୍‌ଲାମାବାଦ, ୨୦।୫

ପାକିସ୍ତାନର ସେନାମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ଦେଶର ସର୍ବୋଚ୍ଚ ସାମରିକ ପଦବୀ 'ଫିଲ୍ଡ ମାର୍ଶାଲ' ଭାବେ ପଦୋନ୍ନତି ଦିଆଯାଇଛି। ମଙ୍ଗଳବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂଘୀୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୨ ନଭେମ୍ବରରୁ ସେନାମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିବା ମୁନିର ପାକିସ୍ତାନ ଇତିହାସର ଦ୍ୱିତୀୟ ଫିଲ୍ଡ ମାର୍ଶାଲ ହୋଇଛନ୍ତି। ପୂର୍ବରୁ ୧୯୫୯ରେ ଆୟୁବ ଖାନ୍‌ଙ୍କୁ ପାକିସ୍ତାନୀ ସେନାର ଏହି ସର୍ବୋଚ୍ଚ ପଦବୀ ମିଳିଥିଲା। ପାକିସ୍ତାନରେ ଭାରତୀୟ ସେନାର ଅପରେଶନ ସିନ୍ଦୂର ଏବଂ ଉଭୟ ଦେଶ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିର ଠିକ୍ ପରେ ମୁନିରଙ୍କୁ ଏହା ପଦୋନ୍ନତି ଦିଆଯାଇଛି। ପାକିସ୍ତାନୀ ସେନାର ଭାଙ୍ଗିପଡ଼ିଥିବା ମନୋବଳକୁ ବଢ଼ାଇବା ପାଇଁ ମୁନିରଙ୍କୁ ସମ୍ମାନିତ କରାଯାଇଥିବା ନେଇ ଆକଳନ କରାଯାଉଛି। ପ୍ରକାଶ ଯେ, ପାକିସ୍ତାନରେ ଫିଲ୍ଡ ମାର୍ଶାଲ ହେଉଛି ଏକ ଆନୁଷ୍ଠାନିକ ପଞ୍ଚତାରକା ପଦବୀ। ଯୁଦ୍ଧରେ ଅସାଧାରଣ ନେତୃତ୍ୱ ଏବଂ ସଫଳତାକୁ ସୂଚିତ କରିବା ପାଇଁ ସେନା ମୁଖ୍ୟଙ୍କୁ ଏହି ପଦବୀରେ ସମ୍ମାନିତ କରାଯାଇଥାଏ। ଫିଲ୍ଡ ମାର୍ଶାଲଙ୍କୁ ସେନା ମୁଖ୍ୟଙ୍କଠାରୁ ଅତିରିକ୍ତଦରମାଏବଂସୁବିଧାମିଳିଥାଏ।

## ବହୁଦଳୀୟ ପ୍ରତିନିଧି ମଣ୍ଡଳୀରେ ୟୁସୁଫ୍ ପଠାନଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ

ନୂଆଦିଲ୍ଲୀ,୨୦।୫

ଭାରତର ଆତଙ୍କବାଦ ନିରୋଧୀ ବାର୍ତ୍ତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଗଠିତ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀରେ ତୃଣମୂଳ କଂଗ୍ରେସ ସଦସ୍ୟ ୟୁସୁଫ୍ ପଠାନଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀଙ୍କୁ ସ୍ଥାନିତ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଟିଏମ୍‌ସି ନେତୃତ୍ୱ ସହ ପରାମର୍ଶ ନ କରି କେନ୍ଦ୍ର ସରକାର ୟୁସୁଫ୍‌ଙ୍କୁ ପ୍ରତିନିଧି ମଣ୍ଡଳୀରେ ନେଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକଙ୍କ ଉପସ୍ଥିତି କେବଳ ଆତଙ୍କବାଦ ବିରୋଧରେ ପଶ୍ଚିମବଙ୍ଗର ଦୃଢ଼ ଆଭିମୁଖ୍ୟର ପ୍ରତିଫଳନ କରିବ ନାହିଁ ବରଂ ବିଶ୍ୱ ଦରବାରରେ ଭାରତର ସାମୂହିକ ସ୍ୱରକୁ ଦୃଢ଼ କରିବ ବୋଲି ଦଳ କହିଛି। ସୂଚନାଯୋଗ୍ୟ, ଜେଡିୟୁ ଏମ୍‌ପି ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ବିଭିନ୍ନ ଦେଶ ଯିବାକୁ ଥିବା ପ୍ରତିନିଧି ଦଳରେ ୟୁସୁଫ୍ ପଠାନ ସ୍ଥାନ ପାଇବାରୁ ଟିଏମ୍‌ସି ବିରୋଧ କରିଥିଲା। ୟୁସୁଫ୍ ନିଜଆଡୁ ପ୍ରତିନିଧି ଦଳରୁ ଓହରିଯାଇଥିବା ଦଳ କହୁଥିବାବେଳେ ସେ କୌଣସି ମନ୍ତବ୍ୟ ଦେଇ ନ ନାହାନ୍ତି।

## ଏଭରେଷ୍ଟ ଚଢ଼ିବାରେ ସିଆଇଏସ୍‌ଏଫ୍‌ରୁ ପ୍ରଥମ

ନୂଆଦିଲ୍ଲୀ, ୨୦।୫

ସିଆଇଏସ୍‌ଏଫ୍‌ର ୫୬ ବର୍ଷର ଇତିହାସରେ ସବ୍ ଇନ୍ସପେକ୍ଟର ଗୀତା ସାମୋତା (୩୫) ପ୍ରଥମ ଥର ପାଇଁ ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟରେ ଚଢ଼ିଛନ୍ତି। ଗୀତା ସୋମବାର ସଫଳତାର ସହ ୮,୮୪୯ ମିଟର ଉଚ୍ଚତା ବିଶିଷ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଥିଲେ। ଏହାର କେତେକ ଫଟୋକୁ ସିଆଇଏସ୍‌ଏଫ୍ ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ଗୀତା ୨୦୧୧ରେ ସିଆଇଏସ୍‌ଏଫ୍‌ରେ ସାମିଲ ହୋଇଥିଲେ। ସମ୍ପ୍ରତି ସେ ସିଆଇଏସ୍‌ଏଫ୍‌ର ଉଦୟପୁର ଏୟାରପୋର୍ଟ ୟୁନିଟ୍‌ରେ ନିୟୋଜିତ ଅଛନ୍ତି।



ଗୀତା ସାମୋତା

## ବୈଜ୍ଞାନିକ ଏମ୍. ଆର୍. ଶ୍ରୀନିବାସନ୍‌ଙ୍କ ପରଲୋକ



ଚେନ୍ନାଇ, ୨୦।୫

ଭେଟେରାନ୍ ଆଣବିକ ବୈଜ୍ଞାନିକ ତଥା ପରମାଣୁ ଶକ୍ତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ଏମ୍. ଆର୍. ଶ୍ରୀନିବାସନ୍‌ଙ୍କର ମଙ୍ଗଳବାର ଚେନ୍ନାଇସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ତାଙ୍କୁ ୨୦୧୫ରେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ୧୯୫୫ରେ ଡିପାର୍ଟମେଣ୍ଟ ଅଫ୍ ଆଟମିକ ଏନର୍ଜିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୭ରେ ପରଣାଣୁ ଶକ୍ତି ଆୟୋଗର ଅଧ୍ୟକ୍ଷ ଭାବେ ସେ ନିଯୁକ୍ତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି।

**ବିଜେପୁର ବ୍ଲକ ଅଧକ୍ଷ ପଦ ହରାଇଲେ ମୋତିରାମ ସାହୁ**

ବରଗଡ଼,୨୦।୫ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ବିଜେପୁର ପଞ୍ଚାୟତ ସମିତିରେ ମଙ୍ଗଳବାର ବ୍ଲକ ଅଧକ୍ଷ ପଦବୀକୁ ନେଇ ଅନାସ୍ଥା ଭୋଟ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ମୋତିରାମ ସାହୁଙ୍କୁ ପଦ ହରାଇବାକୁ ପଡ଼ିଛି। ବ୍ଲକ ଅଧକ୍ଷ ଅନାସ୍ଥା ଭୋଟ୍ ପାଇଁ ୪୮ଜଣଙ୍କ ମତାଧିକାର ରହିଥିଲା। ସେମାନଙ୍କ ମଧ୍ୟରୁ ୨୩ ସମିତି ସଭ୍ୟ, ୨୩ ସରପଞ୍ଚ ଏବଂ ସ୍ଥାନୀୟ ବିଧାୟକ ଏବଂ ଲୋକ ସଭା ସଦସ୍ୟ ଥିଲେ। ଭୋଟ ବେଳେ ସ୍ଥାନୀୟ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ସନତ କୁମାର ଗଡ଼ତିଆଙ୍କ ସମେତ ୩୨ଜଣ ଉପସ୍ଥିତ ଥିବାବେଳେ ଅଧକ୍ଷଙ୍କ ସମେତ ଅନ୍ୟ ୧୬ଜଣ ଏଥିରେ ଅଂଶଗ୍ରହଣ କରି ନ ଥିଲେ।

# ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ, ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ଜାରି

ପୁରୀ,୨୦।୫
(ଅଜିତ୍ କୁମାର ମହାନ୍ତି)

ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରା ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଗିରଫ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ପୁରୀ ଝିଅ ପ୍ରିୟଙ୍କା ସେନାପତିଙ୍କୁ ନେଇ ବିଭିନ୍ନ ଚର୍ଚ୍ଚା ଲାଗି ରହିଛି। ଜ୍ୟୋତିଙ୍କୁ ପୁରୀ ବୁଲାଇବାରେ ସହଯୋଗ କରିଥିବା ପ୍ରିୟଙ୍କା ଏବେ ପୋଲିସ ସ୍କାନରରେ ରହିଛନ୍ତି। ଗତ ୪ ଦିନ ହେବ ପୋଲିସ ପ୍ରିୟଙ୍କାଙ୍କୁ ଜେରା କରୁଥିବାବେଳେ ଦିନକୁଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଜ୍ୟୋତି ଓ ପ୍ରିୟଙ୍କା ଏକାଠି ପୁରୀରେ ବୁଲାବୁଲି କରୁଥିବା ସହ ଏକ ହୋଟେଲରେ ଖାଉଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସେହିପରି ଜ୍ୟୋତି, ପ୍ରିୟଙ୍କା ଏବଂ କୋଲକାତାର ଜଣେ ବ୍ଲଗର୍ ଏକାଠି କୋଲକାତା ଓ କଶ୍ମୀରରେ ବୁଲୁଥିବା ବେଳର ଭିଡିଓ ମଧ୍ୟ ଭାଇରାଲ୍ ହେବାରେ ଲାଗିଛି। ଏସବୁ ଭିଡିଓ ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏଥିସହ ପ୍ରିୟଙ୍କାଙ୍କ ସଫେଇ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ପୋଲିସ ପକ୍ଷରୁ ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ଓ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। ୨୦୨୪ ସେପ୍ଟେମ୍ବର ୨୧ରେ ଜ୍ୟୋତି ପୁରୀ ଆସି ଶ୍ରୀମନ୍ଦିର ସମେତ ବେଳାଭୂମି ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିଥିଲେ। ସେ କେଉଁ ଉଦ୍ଦେଶ୍ୟ ନେଇ ପୁରୀ ଆସିଥିଲେ ତା'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଇତିମଧ୍ୟରେ ଜ୍ୟୋତି ପୁରୀରେ ରହିଥିବା ହୋଟେଲ ସମ୍ପର୍କରେ ସୂଚନା ମିଳିଛି। ଜ୍ୟୋତି ବଡ଼ଦାଣ୍ଡସ୍ଥିତ ମାର୍କେଟ୍ ଛକ ନିକଟସ୍ଥ ଜଗନ୍ନାଥବଲ୍ଲଭ ଭକ୍ତ ନିବାସର ୨୦୩ ନମ୍ବର କୋଠରିରେ ରହିଥିଲେ ବୋଲି ଜଣାପଡ଼ିଛି। ଜ୍ୟୋତି ପୁରୀ ଆସିଥିବା ସମୟରେ ତାଙ୍କ ବାନ୍ଧବୀ ପ୍ରିୟଙ୍କା ତାଙ୍କୁ ବୁଲିବାରେ ସହାୟତା କରିଥିଲେ। ତେଣୁ ତାଙ୍କର ଲିଙ୍କ୍ ଥିବା ସନ୍ଦେହରେ ପୋଲିସ ପ୍ରିୟଙ୍କାଙ୍କୁ ପଚରାଉଚରା ଜାରି ରଖିଛି। କେନ୍ଦ୍ର ଓ ରାଜ୍ୟର ଗୋଇନ୍ଦା ବିଭାଗ, ହରିୟାଣା ପୋଲିସ ସମେତ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସହ ଯୋଗସୂତ୍ର ରକ୍ଷା କରି ପ୍ରିୟଙ୍କାଙ୍କୁ ଜେରା କରୁଛି ପୁରୀ ପୋଲିସ।

ବିଶେଷକରି ପୁରୀର କେଉଁ କେଉଁ ସ୍ଥାନକୁ ଜ୍ୟୋତି ଯାଇଥିଲେ, କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି କି ନାହିଁ, ଜ୍ୟୋତିଙ୍କ ସହ ପ୍ରିୟଙ୍କା କଶ୍ମୀର, ପାକିସ୍ତାନର କର୍ତ୍ତାରପୁର ସହିତ ଅନ୍ୟ କେଉଁ ସ୍ଥାନକୁ ଯାଇଛନ୍ତି ଏବଂ ଏଥିପାଇଁ କିଏ ପ୍ରିୟଙ୍କାଙ୍କୁ ଅର୍ଥ ଯୋଗାଇଛି ସେ ସମସ୍ତ ଘଟଣାର ତଦନ୍ତ ଜାରି ରହିଛି। ଏହାରି ମଧ୍ୟରେ ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଅନେକ ଭିଡିଓ ଡିଲିଟ୍ କରାଯାଇଥିବା ଜଣାପଡ଼ିଛି।

ଶ୍ରୀଜଗନ୍ନାଥବଲ୍ଲଭ ଭକ୍ତ ନିବାସର ମ୍ୟାନେଜର ଦିଲୀପ ଦେ କହିଛନ୍ତି, ଗତ ବର୍ଷ ସେପ୍ଟେମ୍ବର ୨୧ରେ ଜ୍ୟୋତି ଆସି ୨୦୩ ନମ୍ବର ରୁମ୍‌ରେ ରହିଥିଲେ। ଯାତ୍ରା ଧାମ ନାମକ ଏକ ଅନ୍‌ଲାଇନ ଆପ୍‌ରେ ଗୋଟିଏ ରୁମ୍ ବୁକ୍ କରିଥିଲେ। ସେପ୍ଟେମ୍ବର ୨୩ ଯାଏ ତାଙ୍କର ରୁମ୍ ବୁକ୍ ଥିଲା। ସେମାନେ ୨ ଜଣ ଆସିଥିଲେ। ହେଲେ ସେପ୍ଟେମ୍ବର ୨୨ ସନ୍ଧ୍ୟାରେ ସେ ରୁମ୍ ଛାଡ଼ି ଦେଇଥିଲେ। ୨ଜଣଙ୍କ ଆଧାରକାର୍ଡ ଆମେ ରଖିଥିଲୁ। ତାଙ୍କର ୨୧ ତାରିଖ ଚେକ୍ ଇନ୍ ଥିଲା, ହେଲେ ସେ ୧୨ଟା ପରେ ଆସିଥିଲେ। ସେ ରହିବା ଭିତରେ ତାଙ୍କ ପାଖକୁ କୌଣସି ବ୍ୟକ୍ତି ଆସି ନ ଥିଲେ। ତାଙ୍କର ବ୍ୟବହାର ଭଲ ଥିଲା। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ନ ଥିଲା। ତେବେ ପ୍ରିୟଙ୍କା ସେନାପତିଙ୍କୁ ମୁଁ ଜାଣିନାହିଁ। ଜ୍ୟୋତି ପାକିସ୍ତାନ ଗୁପ୍ତଚର ଭାବେ ଗିରଫ ହେବା ପରେ ପୁରୀ ପୋଲିସ୍ ପକ୍ଷରୁ ଏକ ଟିମ୍ ଆସି ଆମକୁ ପଚରାଉଚରା କରିଛନ୍ତି। ଆମେ ପୋଲିସକୁ ସମସ୍ତ ତଥ୍ୟ ଦେଇଛୁ। ଏ ନେଇ ପୁରୀ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି, ସବୁ ଦିଗକୁ ନେଇ ଯାଞ୍ଚ କରୁଛୁ। ତଦନ୍ତ ଶେଷ ହେବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯାଇପାରିବ। ବିଭିନ୍ନ ସୁରକ୍ଷା ଏଜେନ୍ସି ସହ ପୋଲିସ ଯୋଗାଯୋଗରେ ଅଛି। ଯାହା ବି ସୂଚନା ମିଳୁଛି, ତାହାକୁ ପରସ୍ପର ମଧ୍ୟରେ ଶେୟାର କରାଯାଉଛି। ହରିୟାଣା ପୋଲିସ, ଗୋଇନ୍ଦା ସଂସ୍ଥା ସହ ଅନ୍ୟ କେନ୍ଦ୍ରୀୟ ସଂସ୍ଥାର ଯୋଗାଯୋଗରେ ରହିଛୁ। ସମସ୍ତ ଦିଗରୁ ତଦନ୍ତ ଚାଲିଛି। ପୁରୀ ୟୁଟ୍ୟୁବର ପ୍ରିୟଙ୍କାଙ୍କ ସୋସିଆଲ ମିଡିଆରେ ଶ୍ରୀମନ୍ଦିରର ଏକ ଡ୍ରୋନ୍ ଭିଡିଓ ଅପଲୋଡ୍ ହୋଇଥିଲା। ଏହାର ତଦନ୍ତ ଜାରି ରହିଛି। ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ, ବ୍ୟାଙ୍କ ଆକାଉଣ୍ଟ ପୋଲିସ ଯାଞ୍ଚ ଜାରି ରଖିଛି। ପ୍ରିୟଙ୍କା ଓ ତାଙ୍କ ପରିବାର ଲୋକେ ଯାଞ୍ଚରେ ସହଯୋଗ କରୁଛନ୍ତି। ପ୍ରିୟଙ୍କାଙ୍କ ଲିଙ୍କ୍ ରହିଛି କି ନାହିଁ ତାହା ତଦନ୍ତ ଶେଷ ହେବା ପରେ ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି।

## ୟୁଟ୍ୟୁବର ଜ୍ୟୋତି-ପ୍ରିୟଙ୍କା ଲିଙ୍କ୍



ପ୍ରିୟଙ୍କା ସେନାପତିଙ୍କ ସହ ଜ୍ୟୋତି ମାଲହୋତ୍ରା।

# ବିଜେଡି ଟ୍ରକ୍ ଲଗାଇ ସବୁ କାଗଜପତ୍ର ବୋହିନେଇଛି: ମନମୋହନ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଟଙ୍କା ଫେରସ୍ତ ପ୍ରସଙ୍ଗ

### ନିଜ କାନ୍ଧରୁ ଯୁଆଳି ନ ଖସାଇ, ଦାୟିତ୍ୱ ତୁଲାନ୍ତୁ ସରକାର: ଅରୁଣ

ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ପୁଣି ଥରେ ତେଜିଛି ରାଜନୀତି। ରାଜ୍ୟରେ ଲକ୍ଷାଧିକ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଦୀର୍ଘବର୍ଷ ଧରି ସେମାନଙ୍କ ଟଙ୍କା ଫେରସ୍ତ ପାଇବାକୁ ଅପେକ୍ଷାକରି ରହିଛନ୍ତି। ହେଲେ ଏନେଇ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇପାରି ନାହିଁ। ପୂର୍ବ ସରକାର ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରୁ ଚିଟ୍‌ଫଣ୍ଡ କାଗଜପତ୍ର ବୋହିନେଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତିକ୍ରିୟା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ମନମୋହନ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବେ ବୋଲି ପୂର୍ବ ବିଜେଡି ସରକାର କର୍ପସ ଫଣ୍ଡ ତିଆରି କଲେ ଏହାପରେ କମିଶନ ବସାଇଲେ ହେଲେ ଟଙ୍କା ଫେରାଇଲେନାହିଁ। ଭାଜପା ସରକାର କାଗଜପତ୍ର ଯୋଗାଡ କରୁଛି। ପୂର୍ବ ସରକାର ଟ୍ରକ୍ ଲଗାଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସବୁ କାଗଜପତ୍ର ବୋହିନେଇଯାଇଛି। ଯେଉଁଦିନ ତାଙ୍କ ସରକାର ସବୁ କାଗଜପତ୍ର ପାଇଯିବ ଏହାପରେ ସଙ୍ଗେ ସଙ୍ଗେ ନୀତିଗତ ନିଷ୍ପତ୍ତି ନେଇ ଯେଉଁମାନେ ହଜାରେ କିମ୍ବା ୫୦୦ ଟଙ୍କା ରଖିଛନ୍ତି ସେମାନଙ୍କୁ ମଧ୍ୟ କ୍ଷତିପୂରଣ ମିଳିବ। ରାଜ୍ୟର ଜଣେ ହେଲେ କ୍ଷତିଗ୍ରସ୍ତ ଏଥିରୁ ବଞ୍ଚିତ ହେବେ ନାହିଁ। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ନେଇ ଭାଜପା ନିର୍ବାଚନୀ ସଂକଳ୍ପପତ୍ରରେ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ନିଶ୍ଚୟ ପାଳନ କରିବ ବୋଲି ସେ କହିଛନ୍ତି।

ମନମୋହନଙ୍କ ପ୍ରତିକ୍ରିୟାର ଜବାବରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଭାଜପା ଶାସନକୁ ଆସିବା ପରେ ସବୁ କଥାରେ ୨୪ ବର୍ଷ କଥା କହୁଛି। ତେବେ ଏମାନେ ସରକାରକୁ କାହିଁକି ଆସିଲେ। ନିଜ କାନ୍ଧରୁ ଜୁଆଳି ଖସାଇଦେଇ ଅନ୍ୟ ଉପରକୁ ଠେଲିଦେବା ଠିକ୍ ନୁହେଁ। କାଗଜପତ୍ର ବାହାର କରିବା ସରକାରଙ୍କ ଦାୟିତ୍ୱ। ନିଜ କାନ୍ଧରୁ ଜୁଆଳି ନ ଖସାଇ ସରକାର ଦାୟିତ୍ୱ ନିର୍ବାହ କରନ୍ତୁ। ଏମାନେ କ'ଣ ସବୁ ପ୍ରତିଶ୍ରୁତି ଦେଇଥିଲେ କେତେ ପାଳନ କରିଛନ୍ତି ତା'ର ଉତ୍ତର ରଖିସାରନ୍ତୁ ତା'ପରେ ଅନେକ ପ୍ରଶ୍ନ ରହିଛି ସେମାନଙ୍କୁ ନିଶ୍ଚୟ ପଚରାଯିବ ବୋଲି ଅରୁଣ କହିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

KESHAV MEMORIAL ENGINEERING COLLEGE
(Unit of Keshav Memorial Technical Educational Society)Affiliated to Osmania University, Approved by AICTE, New Delhi.Survey No. 35, Kachavanisingaram (V), Ghatkesar (M), Medchal - Malkajgiri District.
Ph. no: 040-29560274, www.kmec.in
WANTED EXPERIENCED
PROFESSORS, ASSOCIATE PROFESSORS, ASSISTANT PROFESSORS IN CSE, CSE (AI ML) Departments.
Salary as per AICTE norms. Interested (and eligible) candidates can send their resumes to resumes@kmec.in by 25th May, 2025. Ph: 9000206010
Secretary


# ଓଡ଼ିଶାରେ ନ୍ୟାୟିକ ଭିତ୍ତିଭୂମିର ବିକାଶ ପାଇଁ ୭.୬୪ କୋଟି ମଞ୍ଜୁର

ନୂଆଦିଲ୍ଲୀ,୨୦।୫

ଓଡ଼ିଶାରେ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଚଳିତ ଆର୍ଥିକ ବର୍ଷ ନିମନ୍ତେ ୭.୬୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଙ୍ଗଳବାର କହିଛନ୍ତି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ଦ୍ୱାରା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ଏସ୍)ରେ ଏହି ଅର୍ଥ ମଞ୍ଜୁର ହୋଇଛି। ଏହି ଅର୍ଥ ବ୍ୟୟରେ ରାଜ୍ୟର ନ୍ୟାୟିକ ଭିତ୍ତିଭୂମିରେ ଉନ୍ନତି ହେବ। କୋର୍ଟରୁମ୍‌ଗୁଡ଼ିକର ସୁବିଧା ବଢ଼ାଯିବା ସହ ଡିଜିଟାଇଜେଶନକୁ ବ୍ୟାପକ କରାଯିବ ଏବଂ ମୋଟାମୋଟି ଭାବେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଫଳରେ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ମିଳିପାରିବ ବୋଲି ମେଘୱାଲ କହିଛନ୍ତି।

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୨୦।୫(କାର୍ତ୍ତିକ ସାହୁ)

## ଜୁନ୍ ୩୦ରେ ପରବର୍ତ୍ତୀ ଶୁଣାଣି

### ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠରେ ମଙ୍ଗଳବାର ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ବାବଦରେ ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଜୁନ୍ ୩୦ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ନଭେମ୍ବରରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନାହାନ୍ତି। ୨୦୨୨ ଡିସେମ୍ବର ୧୪ରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଏହି ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ଅଛନ୍ତି। ଅସ୍ଥାୟୀ କୁଳପତି ଅଢ଼େଇ ବର୍ଷ ହେବ ଦାୟିତ୍ୱରେ ରହିଲେଣି। ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚ ଶିକ୍ଷା ବିଭାଗ ସ୍ଥାୟୀ କୁଳପତି ନିଯୁକ୍ତି ନିମନ୍ତେ ୨୦୨୪ ଜୁନ୍ ୧୩ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସୂଚନା ଅଧିକାରରେ ଉଚ୍ଚଶିକ୍ଷା ବିଭାଗର ଜନ ସୂଚନା ଅଧିକାରୀଙ୍କ ୨୦୨୫ ଏପ୍ରିଲ ୮ରେ ଦେଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ସେହି ବିଜ୍ଞପ୍ତି ଆଧାରରେ ସରକାର ଏଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ମୟୂରଭଞ୍ଜ ଭଳି ଜନଜାତି ଅଧ୍ୟୁଷିତ ଜିଲାରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟରେ ଅଢ଼େଇ ବର୍ଷରୁ ଅଧିକ ସମୟ ସ୍ଥାୟୀ କୁଳପତି ନ ଥିବା ସରକାରଙ୍କ ଚରମ ଅବହେଳାକୁ ଦର୍ଶାଉଛି ବୋଲି ଆବେଦନକାରୀ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଆବେଦନରେ ପ୍ରାର୍ଥନା କରି ହାଇକୋର୍ଟଙ୍କ ହସ୍ତକ୍ଷେପ କାମନା କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।


SHRE HEALTH CARE HOSPITAL
Athagarh, Cuttack
URGENTLY REQUIRED
G.N.M. Nurse
with good Salary & Boarding Lodging Free. Kindly Contact & Submitted Bio-Data immediately.
Contact
7381588664 / 9437654025

ନାଭାଲ କିଣ୍ଡରଗାର୍ଟେନ୍, ଆଇଏନ୍‌ଏସ୍ ଚିଲିକା
ନାଭାଲ ବେସ୍, ଆଇଏନ୍‌ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା-୭୫୨୦୩୭
ଇମେଲ୍: navalkindergarten@gmail.com
ଏନ୍‌କେଜି ଚିଲିକାରେ ଶିକ୍ଷକଙ୍କ ପାଇଁ ଖାଲିସ୍ଥାନ ଉପଲବ୍ଧ
୧. ବାଲ୍‌ବାଟିକା ଶିକ୍ଷକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯେଉଁମାନଙ୍କୁ ଏନ୍‌କେଜି ଚିଲିକାଠାରେ ୦୫ ଜୁନ୍, ୨୦୨୫ ଦିନ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ତଥା ପ୍ରାକ୍ଟିକାଲ କ୍ଲାସ୍ ଡେମନଷ୍ଟ୍ରେଶନ୍ ଜରିଆରେ ଚୟନ କରାଯିବ।
୨. ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ୦୩ ଜୁନ୍, ୨୦୨୫ ସୁଦ୍ଧା navalkindergarten@gmail.comରେ ସେମାନଙ୍କର ରିଜ୍ୟୁମ୍ ପଠାଇପାରନ୍ତି। ଯୋଗ୍ୟତା ମାନଦଣ୍ଡ ନିମ୍ନ ଅନୁଯାୟୀ ଅଟେ:

| କ୍ରମିକ | ଜରୁରୀ ଯୋଗ୍ୟତା |
|---|---|
| (କ) | (i) ବୟସ ସୀମା: ୦୧ ଜୁଲାଇ, ୨୦୨୫ ସୁଦ୍ଧା ୨୧ରୁ ୫୦ ବର୍ଷ<br>(ii) ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଅତି କମ୍‌ରେ ୫୦% ମାର୍କ ସହିତ ନର୍ସରି ଶିକ୍ଷକ ଶିକ୍ଷା/ ପ୍ରାକ୍-ବିଦ୍ୟାଳୟ ଶିକ୍ଷା/ ପ୍ରାରମ୍ଭିକ ଶୈଶବ ଶିକ୍ଷା କାର୍ଯ୍ୟକ୍ରମରେ ୦୨ ବର୍ଷର ଡିପ୍ଲୋମା କିମ୍ବା ନିୟମିତ ପାଠ୍ୟକ୍ରମ ଭାବେ ବି.ଇଡି. ସମ୍ପୂର୍ଣ୍ଣ। |
| | ବାଞ୍ଛନୀୟ ଯୋଗ୍ୟତା |
| (ଖ) | ଇଂରାଜୀରେ ଉତ୍ତମ ଯୋଗାଯୋଗ ଦକ୍ଷତା ଏବଂ ହିନ୍ଦୀରେ କଥାବାର୍ତ୍ତା କରିବାର ସାମର୍ଥ୍ୟ |

CBC 10702/11/0007/2526


# ଛେଳି ଖାଇଦେବାରୁ ବାଘକୁ ମାରିଦେଲେ



ଜବତ ହୋଇଥିବା ବାଘଛାଲ, ଗିରଫ ୩ ଅଭିଯୁକ୍ତ।

ଗଣିଆ,୨୦।୫
(ସନ୍ତୋଷ କୁମାର ପ୍ରଧାନ)

## ବାଘଛାଲ ସହ ବନ୍ଧୁକ ଜବତ: ୩ ଗିରଫ

ଜଣେ ବ୍ୟକ୍ତିଙ୍କ ଛେଳିକୁ ଏକ କଲରାପତରିଆ ବାଘ ଖାଇ ଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିଓ ତାଙ୍କ ସହଯୋଗୀମାନେ ସେହି ବାଘକୁ ଜାଲ ବିଛାଇ ବିଦ୍ୟୁତ୍ କରେଣ୍ଟ ଲଗାଇ ହତ୍ୟା କରିଥିଲେ। ଗତ ୫ ମାସ ତଳେ ଏହି ଘଟଣା ଘଟିଥିଲା। ହେଲେ ସେହି ବାଘର ଛାଲ ବିକ୍ରି ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ ଯୋଜନା କରୁଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା। ନୟାଗଡ଼ ବନଖଣ୍ଡ ଗଣିଆ ବନାଞ୍ଚଳ ନଛିପୁର ବିଟ୍ ହାଉସ ଅଧୀନ ଖଳିସାହି ଓ କାଟପଲ୍ଲୀ ଗ୍ରାମରୁ ବନବିଭାଗ ତ୍ରିନାଥ ପ୍ରଧାନ (୫୨), କାଟପଲ୍ଲୀ ଗ୍ରାମର ବିଦ୍ୟାଧର ନାୟକ (୨୪) ଓ ରାମଚନ୍ଦ୍ର ଦଳବେହେରା (୨୪)ଙ୍କୁ ଗିରଫ ସହ ବାଘ ଛାଲ, ଦେଶୀ ବନ୍ଧୁକ, ଜାଲ, ଗୁଳି ଓ ଭୁଜାଲି ଜବତ କରିଛି।

# ବାଲେଶ୍ୱରରେ ଇଏସ୍‌ଆଇ ହସ୍ପିଟାଲ ଖୁବ୍‌ଶୀଘ୍ର

## କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ପ୍ରତାପ

ବାଲେଶ୍ୱର, ୨୦।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ର ଶ୍ରମ, ନିଯୁକ୍ତି, ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ସରକାରରେ ଷଡ଼ଙ୍ଗୀ ବାଲେଶ୍ୱରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍‌ପିଟାଲ ପାଇଁ ଅର୍ଥ ମଞ୍ଜୁର କରାଇଥିଲେ। ଏହାର ଶୁଭାରମ୍ଭ ବିଳମ୍ବ ହୋଇଥିବାରୁ ଶୀଘ୍ର କରାଇବା ପାଇଁ ସେ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ସହିତ ପୁଣି ଏକ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ଶୀଘ୍ର ଶିଳାନ୍ୟାସ ପାଇଁ ମନ୍ତ୍ରୀ ସମ୍ମତି ପ୍ରଦାନ କରିଥିବା ସେ କହିଛନ୍ତି। ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏଥିପାଇଁ ଏମ୍‌ପି ଷଡ଼ଙ୍ଗୀ ମନ୍ତ୍ରୀଙ୍କୁ ବାଲେଶ୍ୱରବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶା କିନ୍ନର କଲ୍ୟାଣ ବୋର୍ଡ ଗଠିତ

ଭୁବନେଶ୍ୱର,୨୦।୫
(ରବିନାରାୟଣ ଜେନା)

ରାଜ୍ୟ ସରକାର କିନ୍ନରଙ୍କ ସୁରକ୍ଷା, କଲ୍ୟାଣ ଓ ଅଧିକାରକୁ ଗୁରୁତ୍ୱ ଦେଇ ଏକ 'କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ବୋର୍ଡରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମନ୍ତ୍ରୀଙ୍କୁ ମିଶାଇ ୧୬ ସଦସ୍ୟ ରହିବେ। ଦେଶର ୨୦ତମ ରାଜ୍ୟ ଭାବେ ଓଡ଼ିଶାରେ କିନ୍ନର କଲ୍ୟାଣ ବୋର୍ଡ ଗଠନ ହୋଇଛି। ଓଡ଼ିଶା ଟ୍ରାନ୍ସଜେଣ୍ଡର ୱେଲଫେୟାର ବୋର୍ଡ ସମ୍ପର୍କିତ ବିଜ୍ଞପ୍ତି ରାଜ୍ୟ ସାମାଜିକ ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ବିଭାଗୀୟ ମନ୍ତ୍ରୀ ବୋର୍ଡ ଅଧ୍ୟକ୍ଷ ରହିବାକୁ ଥିବାବେଳେ ସଚିବ ଉପାଧ୍ୟକ୍ଷଙ୍କ ସମେତ ବିଭାଗର ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା, ଦକ୍ଷତା ଓ ବୈଷୟିକ ଶିକ୍ଷା, ପଂଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗର ପ୍ରତିନିଧିମାନେ ମଧ୍ୟ ସଦସ୍ୟ ରହିବେ। ଏମାନଙ୍କ ବ୍ୟତୀତ କିନ୍ନର ସମୁଦାୟର ୨ଜଣ, ୩ଟି ଜିଲାର ଜିଲାପାଳ(ପର୍ଯ୍ୟାୟକ୍ରମେ) ଏବଂ ୨ଜଣ ଏନଜିଓରୁ ପ୍ରତିନିଧିତ୍ୱ କରିବେ। ବୋର୍ଡରେ ସାମିଲ ଥିବା ଅଣସରକାରୀ ସଦସ୍ୟମାନଙ୍କୁ ବୈଠକରେ ଯୋଗ ଦେବାକୁ ଭତ୍ତା ମିଳିବ, ଯାହା ସାମାଜିକ ସଶକ୍ତୀକରଣ ବିଭାଗ ଦ୍ୱାରା ନିର୍ଦ୍ଧାରଣ ହେବ।

# ଆତଙ୍କବାଦର ମୂଳୋତ୍ପାଟନ ଜରୁରୀ

## ଆଜି ଜାତୀୟ ଆତଙ୍କବାଦ ନିରୋଧୀ ଦିବସ

ଆତଙ୍କବାଦ ଆମ ଦେଶରେ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ନିକଟରେ ପହଲଗାମ୍ ଆତଙ୍କବାଦୀଙ୍କ ବୀଭତ୍ସ ନରସଂହାର ଏବଂ ପରବର୍ତ୍ତୀ ସମୟରେ ଭାରତର ପାକିସ୍ତାନ ଉପରେ ସାମରିକ ପ୍ରତିଶୋଧ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ଆତଙ୍କବାଦକୁ କିପରି ମୂଳୋତ୍ପାଟନ କରିହେବ ସେ ନେଇ କେନ୍ଦ୍ର ସରକାର ବେଶ୍ ତତ୍ପର। ଅନ୍ୟପକ୍ଷରେ ଏହି ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ମେ' ୨୧କୁ ଆମ ଦେଶରେ 'ଜାତୀୟ ଆତଙ୍କବାଦ ନିରୋଧୀ ଦିବସ' (ନାଶନାଲ ଆଣ୍ଟି ଟେରରିଜମ୍ ଡେ') ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ପାଳନର ଏକ ମହତ୍ତ୍ୱ ମଧ୍ୟ ରହିଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୯୧ରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କୁ ଯେଉଁଭଳି ଭାବରେ ହତ୍ୟା କରାଯାଇଥିଲା ତାହାକୁ ସ୍ମରଣ କରାଇ ଦେବା ଲାଗି ଏହି ଦିବସ ପାଳନ କରାଯାଏ। ଆତଙ୍କବାଦ କେତେ ଭୟଙ୍କର ଆଉ ଏହା ବିରୋଧରେ ଆମେ ଏକଜୁଟ ହୋଇ ଲଢ଼ିବା ଜରୁରୀ। ଏମାନଙ୍କ ଦ୍ୱାରା ଭିଆଯାଉଥିବା ହିଂସାକାଣ୍ଡ ଏବଂ ହତ୍ୟାକୁ ନିନ୍ଦା କରିବା ସହ ଏଭଳି ଏକ ବିଷବୃକ୍ଷକୁ କିପରି ସମୂଳେ ନାଶ କରିହେବ ସେ ନେଇ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ଏହି ବିଷୟରେ ଅଧିକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଲୋକମାନଙ୍କୁ ସଚେତନ କରାଯିବା ଦରକାର। ସମସ୍ତେ ଏକତ୍ର ହୋଇ ଏହା ବିରୋଧରେ ଲଢ଼ିବାର ସମୟ ଆସିଛି।




ADMISSION NOTICE
COMMON ENTRANCE TEST- 2025
FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)
Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
AND
1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

# ସହରୀ ବନ୍ୟା

କର୍ଣ୍ଣାଟକରେ ୧୮ ମେ'ରୁ ହୋଇଥିବା ପ୍ରବଳ ବର୍ଷାରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହାର ରାଜଧାନୀ ବେଙ୍ଗାଲୁରୁରେ ଜଣେ ନାବାଳକଙ୍କ ସମେତ ୩ ଜଣ ସହରୀ ବନ୍ୟାରେ ପ୍ରାଣ ହରାଇଲେଣି। ସହରୀ ବନ୍ୟା ନାମକରଣର ଯଥାର୍ଥତା ହେଲା ଯେ, ଅଚାନକ ହେଉଥିବା ବର୍ଷାର ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ତାହା ରାସ୍ତା ଉପରେ ବହିଚାଲିଛି। ଫଳରେ ଟ୍ରାଫିକ୍ ଜାମ୍ ହେବା, ଘର ଭିତରେ ପାଣି ପଶିଯିବା, ବିଦ୍ୟୁତ୍‌କାଟ ଯୋଗୁ ଦେଶର ଆଇଟି ହବ୍ ଭାବେ ପରିଚିତ ବେଙ୍ଗାଲୁରୁବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ଭିତରେ ଲୋକେ ଡଙ୍ଗାରେ ଯା'ଆସ କରିବା ଦେଖିବାକୁ ମିଳିଛି। ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି) ଆସନ୍ତା ୨୨ ତାରିଖ ଯାଏ ବେଙ୍ଗାଲୁରୁକୁ ମିଶାଇ କର୍ଣ୍ଣାଟକର ୨୩ ଜିଲାରେ ପ୍ରବଳ ବର୍ଷା ହେବା ନେଇ ହାଇଆଲର୍ଟ ଜାରି କରିଛି।

ଦେଖିବାକୁ ଗଲେ ପ୍ରଥମ ଥର ବେଙ୍ଗାଲୁରୁ ଏଭଳି ସଙ୍କଟ ଦେଇ ଗତି କରି ନାହିଁ। ବିଗତ ବର୍ଷଗୁଡ଼ିକରେ ସମାନ ପ୍ରକାର ଅସୁବିଧା ଦେଖିବାକୁ ମିଳିଥିଲା। କିନ୍ତୁ ଏଥର ମୌସୁମୀ ଆସିବା ପୂର୍ବରୁ ସହରର ଅବସ୍ଥା ଯେଭଳି ହୋଇଛି, ତାହା ସେଠାକାର ନଗରବାସୀଙ୍କ ଚିନ୍ତାକୁ ଅଧିକ ବଢ଼ାଇ ଦେଉଛି। କେବଳ ବେଙ୍ଗାଲୁରୁ ନୁହେଁ, ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ବୃହତ୍ ନଗରାଞ୍ଚଳରେ ଗତ କିଛି ବର୍ଷ ହେବ ପ୍ରବଳ ବର୍ଷା ଯୋଗୁ ସମାନ ଧରଣର ସ୍ଥିତି ଉପୁଜୁଛି। ଏହାର ନିରାକରଣ ପାଇଁ ହେଉଥିବା ଯୋଜନା ଫଳପ୍ରସୂ ହେଉ ନ ଥିବାରୁ ଆଗକୁ ଜଳପ୍ଲାବନଜନିତ ସଙ୍କଟ ବଢ଼ିବାର ଆଶଙ୍କା ଉପୁଜିଲାଣି। ଉଚ୍ଚ କୋଠାବାଡ଼ି, ଚକଚକିଆ ସଡ଼କ, ଶକ୍ତିଶାଳୀ କେବୁଲ ବିଛେଇ ଭିତ୍ତିଭୂମି ଉନ୍ନତି କରିଦେଲେ ତାହା ବାସ୍ତବ ବିକାଶ ବୋଲି ଧରାଯିବ ନାହିଁ। ଏ କ୍ଷେତ୍ରରେ ସହରର ରୋଡ୍ ଇଞ୍ଜିନିୟରିଂକୁ ଆହୁରି ବ୍ୟବସ୍ଥିତ କରାଯିବା ଦରକାର। ଡ୍ରେନ୍‌ଗୁଡ଼ିକ ଜରିଆରେ ବନ୍ୟା ଜଳକୁ ନଦୀ କିମ୍ବା କେନାଲ ଯାଏ ବିନା ବାଧାରେ ପ୍ରବାହିତ ହେବାକୁ ଦିଆଗଲେ ସ୍ଥିତିରେ ପରିବର୍ତ୍ତନ ଆସିପାରନ୍ତା। କିନ୍ତୁ ଦେଖାଯାଉଛି ଅଧିକାଂଶ ଡ୍ରେନ୍ ଅଳିଆଆବର୍ଜନାରେ ପରିପୂର୍ଣ୍ଣ ରହୁଛି। ନର୍ଦ୍ଦମା ସହ ବର୍ଷାପାଣି ମିଶି ଯାଉଥିବାରୁ ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇଯାଉଛି। ସହରୀ ବନ୍ୟାର ଏହା ବଡ଼ କାରଣ ପାଲଟିଛି। ବର୍ଷା ହେବା ନେଇ ସତର୍କତା ଜାରି ହେବା ପରେ ଡ୍ରେନ୍‌ଗୁଡ଼ିକୁ ହଠାତ୍ ସଫା କରିବା କଦାପି ସଠିକ ନୁହେଁ। ଏକ ନିୟମିତ ପ୍ରକ୍ରିୟା ଭାବେ ଏହାକୁ ପରିଷ୍କାର ରଖାଗଲେ ପ୍ରବଳ ବର୍ଷା ହେଲେ ମଧ୍ୟ ତତ୍‌କ୍ଷଣାତ୍ ସହରୀ ବନ୍ୟାକୁ ଏଡ଼ାଇ ଦିଆଯାଇପାରନ୍ତା। ଆଉ ଏକ ସମସ୍ୟା ହେଲା ସହରରେ ଥିବା ଜଳାଶୟକୁ ପୋତି ଦିଆଯାଇ ତା' ଉପରେ କୋଠାବାଡ଼ି ନିର୍ମାଣ କରି ଦିଆଯାଉଛି। ବେଙ୍ଗାଲୁରୁ କଥା ଦେଖିଲେ ବୃହତ୍ ବେଙ୍ଗାଲୁରୁ ମହାନଗରପାଳିକା (ବିବିଏମ୍‌ପି) ସର୍ଭେରୁ ଜଣାପଡ଼ିଛି ଯେ, ନଗରର ପରିଧି ଅଞ୍ଚଳରେ ଥିବା ପାଖାପାଖି ୨୦୨ ହ୍ରଦ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଜବରଦଖଲରେ ରହିଛି। ଦିନେ ହଜାରେ ହ୍ରଦର ସହର ଭାବେ ପରିଚିତ ଥିବା ବେଙ୍ଗାଲୁରୁର ଏଭଳି ସ୍ଥିତି ଜଳଧାରଣ କରିବାରେ ଅସହାୟ ହେଉଛି। ୨୦୨୨ ଅଗଷ୍ଟ ବେଳେ ହୋଇଥିବା ବର୍ଷା ଯୋଗୁ ବେଙ୍ଗାଲୁରୁବାସୀ ଘୋର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେଥିରୁ ବେଙ୍ଗାଲୁରୁ ନଗର କର୍ତ୍ତୃପକ୍ଷ ଶିକ୍ଷା ଗ୍ରହଣ କରିପାରି ନ ଥିବା ଏବର ସ୍ଥିତି ସୂଚାଇ ଦେଉଛି।

ଏଭଳି ପରିପ୍ରେକ୍ଷୀରେ ଭୁବନେଶ୍ୱରକୁ ଫେରିଲେ ସହରୀ ବନ୍ୟାକୁ କିଛି ବର୍ଷ ହେବ ଏଠାକାର ବାସିନ୍ଦା ପ୍ରତ୍ୟକ୍ଷ କରୁଛନ୍ତି। ମନେପଡ଼େ ୧୯ ସେପ୍ଟେମ୍ବର ୨୦୨୧ରେ ବରମୁଣ୍ଡା ପାଲାମଣ୍ଡପ ସାହିର ଜଣେ ୧୫ ବର୍ଷୀୟ ବାଳକ ଏବଂ ୧୮ ଜୁନ୍ ୨୦୨୪ରେ ୟୁନିଟ୍-୩ ଅଞ୍ଚଳରେ ଥିବା ଏକ ଡ୍ରେନ୍‌ରେ ୧୦ ବର୍ଷର ବାଳକ ଭାସି ଯାଇ ପ୍ରାଣହରାଇଥିବା ଘଟଣା। ଡ୍ରେନ୍ ଠିକ୍ ଭାବେ ସଫା ନ ହେବା ଓ ଜବରଦଖଲ ଦିଗରୁ ଦେଖିଲେ ଭୁବନେଶ୍ୱରକୁ ସହରୀ ବନ୍ୟାରୁ ମୁକ୍ତ ହୋଇପାରୁ ନାହିଁ। ସହରର ଅଧିକାଂଶ ଅଞ୍ଚଳ କଂକ୍ରିଟମୟ ହୋଇଯାଉଥିବାରୁ ସାଧାରଣ ବର୍ଷାର ଜଳ ଶୋଷିବା ଲାଗି ମାଟି ଦେଖାଯାଉ ନାହିଁ। ଅନ୍ୟ ଏକ ଦିଗକୁ ଦେଖିଲେ ଦେଶର ହାତଗଣତି ମହାନଗର କିମ୍ବା ବିକାଶଶୀଳ ସହରକୁ ରୋଜଗାର ପାଇଁ ଲୋକଙ୍କ ସୁଅ ଛୁଟୁଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯେତେ ଲୋକ ରହିବା କଥା, ତାହାଠାରୁ କାହିଁରେ କେତେ ବଢ଼ିଯାଉଥିବାରୁ ସହର ଉପରେ ଅତ୍ୟଧିକ ବୋଝ ପଡ଼ୁଛି। ସେହିଅନୁଯାୟୀ ରାସ୍ତାଘାଟ, ଡ୍ରେନ୍ ଭଳି ଜନଜୀବନ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉପାରୁ ନ ଥିବାରୁ ସମସ୍ୟା ଉପୁଜୁଛି। ଯଦି ଛୋଟ ସହର କିମ୍ବା ଗ୍ରାମାଞ୍ଚଳରେ ରୋଜଗାରର ସୁବିଧା ବଢ଼ାଯାଇପାରନ୍ତା, ତାହା ହେଲେ ବଡ଼ ସହରଗୁଡ଼ିକ ଉପରେ ଅଧିକ ଚାପ ପଡ଼ନ୍ତା ନାହିଁ।

ତେବେ ସହରୀ ବନ୍ୟା ପାଇଁ କର୍ତ୍ତୃପକ୍ଷଙ୍କ ଯେଉଁଭଳି ଦାୟିତ୍ୱ ରହିଛି ସାଧାରଣ ନାଗରିକ ମଧ୍ୟ ନିଜ ଆଡ଼ୁ ପଦକ୍ଷେପ ନେବାର ସମୟ ଆସିଲାଣି। ଘରମାଲିକମାନେ ବର୍ଷାଜଳ ଅମଳ କରିବା ନିତାନ୍ତ ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଛାତର ପ୍ରତି ବର୍ଗମିଟରରେ ୬୦ ଲିଟର ଏବଂ ଅନ୍ୟ ପକ୍କା ସ୍ଥାନରେ ଏକ ବର୍ଗ ମିଟରରେ ୩୦ ଲିଟର ବର୍ଷାଜଳ ଅମଳ କରିବା କିମ୍ବା ମାଟି ଭିତରକୁ ଛାଡ଼ିଦେବା ନିୟମ ବେଙ୍ଗାଲୁରୁରେ କରାଯାଇଛି। ତାହା ଠିକ୍ ଭାବେ ପାଳନ କରାଗଲେ ବନ୍ୟା ଆଶଙ୍କା ୩ ଗୁଣା କମିପାରନ୍ତା ବୋଲି ଆକଳନ କରାଯାଇଛି। କହିବାକୁ ଗଲେ ସହରୀ ବନ୍ୟା କେବଳ ଅତ୍ୟଧିକ ବର୍ଷା ଯୋଗୁ ହେଉଛି ବୋଲି କହିହେବ ନାହିଁ, ବରଂ ତ୍ରୁଟିପୂର୍ଣ୍ଣ ନଗର ଯୋଜନା ଓ ଲୋକଙ୍କ ଅସଚେତନତା ଦୁଃଖ ବଢ଼ାଇ ଦେଉଛି। ପରିବର୍ତ୍ତିତ ସ୍ଥିତିରେ ବର୍ଷାକୁ ନିନ୍ଦା ନ କରି ନଗର କର୍ତ୍ତୃପକ୍ଷ ଓ ସହରାଞ୍ଚଳବାସୀ ସତର୍କତା ଅବଲମ୍ବନ ନ କଲେ ଆଗକୁ ସମସ୍ୟା ବଢ଼ିଯିବା ଥୟ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 4 | | | | |
| | | | 9 | | 7 | | 3 | |
| 2 | | | | | | | | 7 |
| | 4 | 6 | | | 1 | 9 | | |
| | 9 | | | | | | 6 | 8 |
| 8 | 7 | | | | | 4 | | 3 |
| 3 | 6 | | | | | 1 | 4 | |
| | 1 | 5 | | | 9 | | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 3 | 7 | 8 | 9 | 1 | 2 |
| 9 | 2 | 7 | 5 | 1 | 6 | 8 | 4 | 3 |
| 3 | 8 | 1 | 2 | 4 | 9 | 6 | 7 | 5 |
| 8 | 6 | 4 | 1 | 2 | 5 | 3 | 9 | 7 |
| 1 | 7 | 9 | 4 | 8 | 3 | 2 | 5 | 6 |
| 2 | 3 | 5 | 6 | 9 | 7 | 4 | 8 | 1 |
| 7 | 1 | 3 | 8 | 6 | 4 | 5 | 2 | 9 |
| 5 | 9 | 8 | 7 | 3 | 2 | 1 | 6 | 4 |
| 6 | 4 | 2 | 9 | 5 | 1 | 7 | 3 | 8 |

ଗତକାଲିର ଉତ୍ତର

# ଉପକୂଳ ବିମାନବନ୍ଦର ସମସ୍ୟା



ସୌଭାଗ୍ୟ ସୁନ୍ଦରରାୟ

ପୁରୀଠାରେ ଏକ ଆନ୍ତର୍ଜାତିକ ବିମାନବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ସ୍ଥଳୀ ପାଇଁ ପୁରୀ ଜଗତ ପ୍ରସିଦ୍ଧ। ଧାର୍ମିକ ଦୃଷ୍ଟିରୁ ଦେଶର ଚତୁର୍ଦ୍ଧାମ ମଧ୍ୟରୁ ପୁରୀ ବା ଜଗନ୍ନାଥ ଧାମ ଅନ୍ୟତମ। ଅନ୍ୟ ୩ ଧାମ ହେଲା ରାମେଶ୍ୱର ଧାମ (ଦକ୍ଷିଣ), ବଦ୍ରିକା ଧାମ (ଉତ୍ତର) ଓ ଦ୍ୱାରକା ଧାମ (ଦକ୍ଷିଣ)। ଏଥିସହ ବିସ୍ତୀର୍ଣ୍ଣ ବେଳାଭୂମି, ବଙ୍ଗୋପସାଗରର ନୀଳ ତରଙ୍ଗ ଶ୍ରୀକ୍ଷେତ୍ରକୁ ଉଭୟ ଧାର୍ମିକ ଓ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପୁରୀଠାରୁ ମାତ୍ର ୩୦ କି.ମି. ଦୂର କୋଣାର୍କଠାରେ ରହିଛି ଅନ୍ୟତମ କାରୁକାର୍ଯ୍ୟଭରା ଏକ ସୂର୍ଯ୍ୟ ମନ୍ଦିର। ମୂଳ ମନ୍ଦିରଟି ଭାଙ୍ଗି ଯାଇଛି। ରହିଯାଇଛି ମୁଖଶାଳା। ଅନେକ ପର୍ଯ୍ୟଟକ ଓ ଗବେଷକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି। ଶ୍ରୀମନ୍ଦିର ହେଉଛି ଏକାଦଶ ଶତାବ୍ଦୀର କଳିଙ୍ଗ କଳାକୃତିର ସ୍ଥାପତ୍ୟ। ସୂର୍ଯ୍ୟ ମନ୍ଦିର ହେଉଛି ଦ୍ୱାଦଶ ଶତାବ୍ଦୀର ଐତିହ୍ୟ। ପୁରୀସ୍ଥିତ ଶ୍ରୀଜଗନ୍ନାଥ ଧାମର ନବୀକରଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ଏହାଦ୍ୱାରା ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ଧାମ ନବକଳେବର ରୂପରେ ଉଭା ହେବ, ଯାହା ଏକବିଂଶ ଶତାବ୍ଦୀର ଅନନ୍ୟ କାର୍ଯ୍ୟ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଏ ସମସ୍ତ ବିଷୟକୁ ନେଇ ପୁରୀଠାରେ ଏକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି, ଫଳରେ ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ସାଧିତ ହେବ ବୋଲି ଆଶା କରାଯାଉଛି। ତେବେ ଉପର ଆଲୋଚ୍ୟ ଧାର୍ମିକ ପୀଠଗୁଡ଼ିକ ବିଚାରକୁ ନେଲେ ଉକ୍ତ ସ୍ଥାନରେ ବୃହତ୍ ବିମାନବନ୍ଦର ନାହିଁ, ଯାହା ପୁରୀ କ୍ଷେତ୍ରରେ ହେବାକୁ ଯାଉଛି। ବଦ୍ରିକା ଧାମ ଓ ଯୋଶୀମଠ ପାଇଁ ନିକଟବର୍ତ୍ତୀ ବିମାନବନ୍ଦର ୨୩୯ କିଲୋମିଟର ଦୂର ଡେରାଡୁନଠାରେ ରହିଛି। ଦ୍ୱାରକାଠାରୁ ନିକଟତମ ବିମାନବନ୍ଦର ଦୂରତା ୧୩୭ କିଲୋମିଟର। ଏହା ଜାମନଗରଠାରେ ପ୍ରତିଷ୍ଠା କରାଯାଇଛି। ଉପକୂଳ ସୁରକ୍ଷା ପାଇଁ ଏହା ମୁଖ୍ୟତଃ ଏକ ବାୟୁସେନା ଘାଟି ଭାବେ କାର୍ଯ୍ୟ କରିଥାଏ। ରାମେଶ୍ୱରମ୍‌ର ନିକଟବର୍ତ୍ତୀ ବିମାନବନ୍ଦର ୧୭୭ କିଲୋମିଟର ଦୂର ମଦୁରାଇଠାରେ ଅବସ୍ଥିତ। ଶ୍ରୀଙ୍ଗେରୀ ମଠଠାରୁ ବିମାନବନ୍ଦର ଦୂରତା ୧୧୦ କିଲୋମିଟରେ ମାଙ୍ଗାଲୋରଠାରେ ଅବସ୍ଥିତ। ପୁରୀରୁ ସବୁଠାରୁ କମ୍ ଦୂରତାର ବିମାନବନ୍ଦର ଓଡ଼ିଶାର ରାଜଧାନୀ ସହର ଭୁବନେଶ୍ୱରଠାରେ ଅବସ୍ଥିତ। ମାତ୍ର ୬୦ କିଲୋମିଟର ଦୂର। ଏହାସତ୍ତ୍ୱେ ପୁରୀଠାରେ ଆଉ ଏକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି, ଯାହା ପ୍ରତିଷ୍ଠା ହେଲେ ଧାର୍ମିକ ସହର ପୁରୀ ବିମାନ ସଂଯୋଗ ସହ ଯୋଡ଼ି ହେବ।

ପୁରୀ ଏକ ଉପକୂଳବର୍ତ୍ତୀ ସହର। ସହରଠାରୁ ମାତ୍ର ୫ କିଲୋମିଟର ଦୂରରେ ୧୦୦୦ ଏକର ଜମିରେ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରାଯିବ। ଏଥିପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଅନୁଧ୍ୟାନ କରିଛନ୍ତି। ସମଗ୍ର ବିଶ୍ୱରେ ଉପକୂଳ ବିମାନବନ୍ଦର ପ୍ରତି ବିପଦ ସୃଷ୍ଟି ହୋଇଥିବାବେଳେ ପୁରୀ ବିମାନବନ୍ଦର ପ୍ରତି ସରକାର ଜୋର ଦେଇଛନ୍ତି। ପାଣିପାଗ ପରିବର୍ତ୍ତନ, ଝଡ଼ବାତ୍ୟା, ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ର ପତ୍ତନ ବୃଦ୍ଧି ଆଦି ଉପକୂଳ ବିମାନବନ୍ଦର ପ୍ରତି ଘାତକ ସାଜିଛି। ବିମାନବନ୍ଦର ସୁରକ୍ଷା ପାଇଁ ସାରା ବିଶ୍ୱରେ ପଦକ୍ଷେପ ଗ୍ରହଣ କରାଗଲାଣି। ଝଡ଼ବାତ୍ୟା ବୃଦ୍ଧି ଓ ସମୁଦ୍ର ଜଳପତ୍ତନ ବୃଦ୍ଧି ଯୋଗୁ ଆମେରିକାର ନ୍ୟୁୟର୍କ, କାଲିଫର୍ନିଆ ଓ ଫ୍ଲୋରିଡ଼ାରେ ଥିବା ଅନ୍ୟୂନ ୧୩ଟି ବିମାନବନ୍ଦର ବିପଦ ଘେରକୁ ଚାଲିଆସିଲାଣି। ଝଡ଼ବାତ୍ୟାଜନିତ ମାଧ୍ୟମରୁ ଉଚ୍ଚ ସାମୁଦ୍ରିକ ଜୁଆରରେ ଏଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା କରାଗଲାଣି। ଫିଲାଡେଲଫିଆ ବିମାନବନ୍ଦରର ଗୋଟିଏ ରନୱେ ଏବେ ସମୁଦ୍ରପତ୍ତନଠାରୁ ୧୨ ଫୁଟ ତଳକୁ ଚାଲିଗଲାଣି ଏବଂ ଏହାର କେତେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବେ ୧୫ ଫୁଟ ତଳେ ରହିଗଲାଣି। କ୍ଲାଇମେଟ୍ ରିସ୍କ ମ୍ୟାନେଜମେଣ୍ଟ ପତ୍ରିକାର ଗତ ଜାନୁୟାରୀ ମାସରେ ପ୍ରକାଶିତ ଏକ ଗବେଷଣାତ୍ମକ ସନ୍ଦର୍ଭ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବିଶ୍ୱର ୨୬୦ଟି ବିମାନବନ୍ଦର ଜଳମଗ୍ନ ଓ ବନ୍ୟା ପ୍ଲାବନ ପ୍ରତି ସମ୍ବେଦନଶୀଳ। ୨୧୦୦ ମସିହା ଶେଷ ବେଳକୁ ବିଶ୍ୱର ୫୭୨ ବିମାନବନ୍ଦର ହାରାହାରି ସମୁଦ୍ରପତ୍ତନ ତଳକୁ ଚାଲିଯାଇଥିବେ। ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିମାନବନ୍ଦର ସର୍ବାଧିକ କ୍ଷତିଗ୍ରସ୍ତ ହେବା ଆକଳନ କରାଯାଇଛି।





୨୦୧୧ ସୁନାମିରେ ଜାପାନର ସେଣ୍ଡାଇ ବିମାନବନ୍ଦର ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଗଲା। ବିମାନବନ୍ଦରରେ ସୃଷ୍ଟି ହେଲା ଜଳ ପ୍ରାଚୀର। ପୁନର୍ବାର ବିମାନବନ୍ଦର କାର୍ଯ୍ୟକ୍ଷମ ହେବାକୁ ଲାଗିଗଲା ୬ ବର୍ଷ। ଏଥିପାଇଁ ଜାପାନ ଭଳି ରାଷ୍ଟ୍ରକୁ ପ୍ରଭୂତ ଅର୍ଥ ବ୍ୟୟ କରିବାକୁ ପଡ଼ିଲା। ୨୦୧୮ ସୁନାମିରେ ଜାକର୍ତ୍ତା ବିମାନବନ୍ଦର ବିଧ୍ୱସ୍ତ ହୋଇଗଲା। ୨୦୦୪ ଭାରତ ମହାସାଗର ସୁନାମିରେ ଭାରତର ଦକ୍ଷିଣ ପୂର୍ବ ଉପକୂଳ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସାନ୍‌ଫ୍ରାନ୍‌ସିସ୍‌କୋ ଅନ୍ତର୍ଜାତୀୟ ବିମାନବନ୍ଦର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ଇତିମଧ୍ୟରେ ଆରମ୍ଭ ହୋଇଛି। ଏଥିପାଇଁ ଉପକୂଳ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବ। ଏବାବଦକୁ ୫୮୭ ନିୟୁତ ଡଲାର ବ୍ୟୟ କରାଯିବ। ଫିଲାଡେଲଫିଆ ବିମାନବନ୍ଦର ସୁରକ୍ଷା ପାଇଁ ୨ ଲକ୍ଷ ଡଲାର ବିନିଯୋଗ ଲାଗି ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ବିମାନବନ୍ଦର ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଇଁ ବିପୁଳ ବ୍ୟୟବରାଦ କରାଯାଉଛି।

୨୦୧୯ରେ ବାତ୍ୟା 'ଫନି' ପୁରୀ ଉପକୂଳରେ ସ୍ଥଳଭାଗ ଅତିକ୍ରମ କଲା। ଏହା ପ୍ରଭାବ ୧୦୦ କି.ମି. ଦୂର ପର୍ଯ୍ୟନ୍ତ ରହିଲା। ରାଜଧାନୀ ସହର ଭୁବନେଶ୍ୱର ଓ ବାଣିଜ୍ୟିକ ସହର କଟକ ଗୁରୁତର ଭାବେ ପ୍ରଭାବିତ ହେଲା। ପୁରୀ ଉପକୂଳ ପରିଚାଳନା ଜୋନ୍ (ସିଆର୍‌ଜେଡ୍) ଅଧୀନରେ ରହୁଛି। କିନ୍ତୁ ଯେଉଁ ସ୍ଥାନରେ ବିମାନବନ୍ଦର ପାଇଁ ସ୍ଥାନ ନିରୂପଣ କରାଯାଇଛି ତାହା ସିଆର୍‌ଜେଡ୍ ଅନ୍ତର୍ଭୁକ୍ତ ନୁହେଁ ବୋଲି କୁହାଯାଉଛି। ସିଆର୍‌ଜେଡ୍ ହୋଇ ନ ଥିଲେ ମଧ୍ୟ ଝଡ଼ବାତ୍ୟାରେ ଏହା ପ୍ରଭାବିତ ହେବା ସମ୍ଭାବନା ରହିଛି। ଏଥିସହ ଚିହ୍ନିତ ଅଞ୍ଚଳ ଜଳ ନିଷ୍କାସନର ପ୍ଲାବିତ ଭୂମି। ଏହା ଏକ ପୁରୁଣା ଆର୍ଦ୍ରଭୂମି ଶ୍ରେଣୀଭୁକ୍ତ କହିଲେ ଚଳେ। ଏଣୁ ଏଠାରେ ମୃତ୍ତିକା ସମ୍ପର୍କରେ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ବଙ୍ଗୋପସାଗର ତଟରୁ ମାତ୍ର ୫ କିଲୋମିଟର ଦୂରରେ ପ୍ରସ୍ତାବିତ ଏହି ବିମାନବନ୍ଦର ଭବିଷ୍ୟତ ପାଇଁ କେତେ ସୁରକ୍ଷିତ ରହିବ ସେସମ୍ପର୍କରେ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ଏହି ବିମାନବନ୍ଦରର ୩୦ କି.ମି. ପରିସୀମା ମଧ୍ୟରେ ପ୍ରାଚୀନ ସୂର୍ଯ୍ୟ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର। ଏଥିସହ ବିଶ୍ୱାସର ମନ୍ଦିର ରାମଚଣ୍ଡୀ, ହରଚଣ୍ଡୀ, ଅଲାରନାଥଙ୍କ ମନ୍ଦିର ରହିଛି। ବିମାନର ଅବତରଣ ଓ ଉଡ଼ାଣର କମ୍ପନର ପ୍ରଭାବ ପ୍ରାଚୀନ ମନ୍ଦିର ଉପରେ କିପରି ରହିବ ତାହା ପର୍ଯ୍ୟାଲୋଚନାର ବିଷୟ। ଏ ସମ୍ପର୍କରେ ମତାମତ ଦେବାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଅଧିକାରପ୍ରାପ୍ତ। ନିକଟରେ ରହିଛି ଏସିଆ ମହାଦେଶର ସର୍ବବୃହତ୍ ଲୁଣିହ୍ରଦ ଚିଲିକା। ଶୀତଦିନେ ଅନ୍ତତଃ ୩ ମାସ ପାଇଁ ବିଦେଶାଗତ ପକ୍ଷୀଙ୍କ ଆଗମନ ଚିଲିକାକୁ ଘଟିଥାଏ। ଏହି ପକ୍ଷୀଗୁଡ଼ିକ ଏଠାକାର ଆକାଶମାର୍ଗ ଉପଯୋଗ କରିଥାନ୍ତି। ଚିଲିକାର ପରିବେଶ ଓ ପକ୍ଷୀ ଆଗମନ ଉପରେ ଏହାର କ'ଣ ପ୍ରଭାବ ରହିବ ସେ ସମ୍ପର୍କରେ ପକ୍ଷୀ ବିଜ୍ଞାନୀଙ୍କ ମତାମତ ଜରୁରୀ। ବହୁ ସମୟରେ ଆକାଶ ମାର୍ଗରେ ପକ୍ଷୀଙ୍କ ସଂସ୍ପର୍ଶରେ ଆସି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥାଏ। ତେଣୁ ପକ୍ଷୀ ଚଳପ୍ରଚଳ ଦୃଷ୍ଟିରୁ ପୁରୀ ଆକାଶ ମାର୍ଗ ବିମାନ ଚଳାଚଳ ପାଇଁ ସୁରକ୍ଷିତ ନୁହେଁ ବୋଲି ମନେହେଉଛି। ଏହାପରକୁ ପାଣିପାଗ ଓ ସାମୁଦ୍ରିକ ବିଜ୍ଞାନର ବିଷୟ। ଅଯୋଧ୍ୟାରେ ବିମାନବନ୍ଦର ପ୍ରତିଷ୍ଠା ହେବା, ଆଉ ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯିବାକୁ ବିକାଶର ଗୋଟିଏ ଧାରା ବୋଲି କୁହାଯାଇପାରିବ ନାହିଁ। ମଦୁରାଇରେ ବିମାନବନ୍ଦର ରହିଛି, କିନ୍ତୁ ଏହାର ପ୍ରଭାବ ମୀନାକ୍ଷୀ ମନ୍ଦିର ଉପରେ ରହୁନାହିଁ, କାରଣ ମୁଖ୍ୟ ମନ୍ଦିରର ଉଚ୍ଚତା କମ୍। ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯାଇପାରେ, କିନ୍ତୁ ବିଶେଷଜ୍ଞଙ୍କ ମତାମତକୁ ଉପେକ୍ଷା କରି ଏହା କରାଯିବା ଉଚିତ ନୁହେଁ। ନିଜକୁ ସୁହାଇଲା ପରି ବିଶେଷଜ୍ଞ ମତାମତ ଲୋଡ଼ାଯିବା ମଧ୍ୟ ଉଚିତ ନୁହେଁ। ଏପରି ହେଲେ ପୁରୀ ବିମାନବନ୍ଦର ରକ୍ଷଣାବେକ୍ଷଣ ବ୍ୟୟ ଏହାର ଆୟକୁ ଟପିଯିବ। ଦେଶବିଦେଶର ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଆୟୋଜିତ ହେଉଥିବା ମୁଖ୍ୟ ରଥଯାତ୍ରା ସ୍ଥଳ ଶ୍ରୀକ୍ଷେତ୍ରରେ ବିମାନବନ୍ଦର ପ୍ରତିଷ୍ଠା ସ୍ୱାଗତଯୋଗ୍ୟ, କିନ୍ତୁ ଏହାର ଭାଗ୍ୟ ୫୦ ବର୍ଷରେ ପରିତ୍ୟକ୍ତ ନ ହେଉ।

ମୋ:୯୪୩୭୨୨୯୨୩୩

# ଅମୂଲ୍ୟ ସମ୍ପଦ ଇତିହାସ



ରବିନାରାୟଣ ସାମଲ

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କଲେ। ତା'ର ପ୍ରତିଶୋଧ ନେବାକୁ ଭାରତ 'ଅପରେଶନ୍ ସିନ୍ଦୂର' ଆରମ୍ଭ କଲା ଓ ପରେ ଅସ୍ତ୍ର ବିରତି ହେଲା। ଯୁଦ୍ଧର ଆଶଙ୍କା ଦୂର ହେଲା। କିଏ ଲେଖୁ ବା ନ ଲେଖୁ ଭାରତର ଇତିହାସରେ ଏହା ଅଲିଭା ଅକ୍ଷରରେ ଲିପିବଦ୍ଧ ହୋଇଗଲା।

ଷୋଡ଼ଶ ଶତାବ୍ଦୀରେ ଭାରତର ଶାସନକର୍ତ୍ତା ଥିଲେ ମୋଗଲ ସମ୍ରାଟ ଜାହାଙ୍ଗୀର୍ (୧୬୦୫-୧୬୨୭)। ବ୍ରିଟେନ୍‌ର ୱିଲିୟମ୍ ହକିନ୍ସ ଭାରତରେ ବ୍ୟବସାୟ କରିବାକୁ ଜାହାଙ୍ଗୀର୍‌ଙ୍କ ଦରବାରକୁ ଆସିଲେ। ଜାହାଙ୍ଗୀର୍‌ଙ୍କ କନିଷ୍ଠ କନ୍ୟା ବାହାର୍ ବାନୁ ବେଗମ୍ ସେତେବେଳେ ଅସୁସ୍ଥ ଥିଲେ। ଭାରତର ଚିକିତ୍ସକମାନେ ତାଙ୍କୁ ଆରୋଗ୍ୟ କରିପାରିଲେ ନାହିଁ। ୱିଲିୟମ୍ ହକିନ୍ସ ବ୍ରିଟେନ୍‌ରୁ ଚିକିତ୍ସକ ଆଣି ବାହାର୍ ବାନୁଙ୍କ ଚିକିତ୍ସାର ବ୍ୟବସ୍ଥା କଲେ ଏବଂ ବାହାର ବାନୁ ସୁସ୍ଥ ହେଲେ। ହକିନ୍ସ ଜାହାଙ୍ଗୀରଙ୍କ ଅନୁକମ୍ପାର ସୁଯୋଗ ନେଇ ୧୬୧୨ ମସିହାରେ ସୁରଟଠାରେ ପ୍ରଥମ ବାଣିଜ୍ୟ କୋଠି ସ୍ଥାପନ କଲେ। ଆରମ୍ଭ ହେଲା ଇଷ୍ଟ ଇଣ୍ଡିଆ କମ୍ପାନୀର ଯୁଗ। ଇଷ୍ଟ ଇଣ୍ଡିଆ କମ୍ପାନୀ କେମିତି ସାରା ଭାରତକୁ ପରାଧୀନତା ଭିତରକୁ ଟାଣି ନେଲା, ଭାରତର ସ୍ୱାଧୀନତା ଆନ୍ଦୋଳନ କେମିତି ହେଲା ଏବଂ ସର୍ବଶେଷରେ ଭାରତ କେମିତି ସ୍ୱାଧୀନ ହେଲା, ତାହା ଆମ ସମସ୍ତଙ୍କୁ ପ୍ରାୟ ଜଣା। ଏହାକୁ କେହି ବିକୃତ କରିପାରିବେ ନାହିଁ। ଅନେକ ତଥାକଥିତ ଓ ବରାଦିଆ ଐତିହାସିକ ସ୍ୱାଧୀନତା ଆନ୍ଦୋଳନକୁ ଭିନ୍ନ ଭାବେ ଚିତ୍ରଣ କରିବାକୁ ଅପଚେଷ୍ଟା କରିଛନ୍ତି। ତଥାପି ସଫଳ ହୋଇ ନାହାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କିଛି ବର୍ଷ ପୂର୍ବେ ମାଧ୍ୟମିକ ଇତିହାସରେ 'ଭଗତ୍ ସିଂ ଜଣେ ସନ୍ତ୍ରାସବାଦୀ ଥିଲେ' ବୋଲି ଉଲ୍ଲେଖ ହୋଇଥିଲା। ସେହିପରି 'ଏକ ବିଶେଷ ପରିସ୍ଥିତିରେ ମହାତ୍ମା ଗାନ୍ଧୀ ନିହତ ହୋଇଥିଲେ' ବୋଲି ଏକ ମନଗଢ଼ା ତଥ୍ୟ ଇତିହାସ ବହିରେ ସ୍ଥାନ ପାଇଥିଲା। ବିଭିନ୍ନ ସ୍ତରରୁ ପ୍ରତିବାଦ ହେବାରୁ ମାଧ୍ୟମିକ ଶିକ୍ଷା ବୋର୍ଡ଼ ତାକୁ ପ୍ରତ୍ୟାହାର କରି ନେଇଥିଲା। ମଝିରେ ମଝିରେ ଏମିତି ଭୁଲ୍ ତଥ୍ୟ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ଦେଖିବାକୁ ମିଳେ।

ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ହେଲା ୧୫୨୬ରେ। ଦିଲ୍ଲୀର ସୁଲତାନ ଇବ୍ରାହିମ୍ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ପରାସ୍ତ କରି ବାବର ପ୍ରତିଷ୍ଠା କଲେ ମୋଗଲ ସାମ୍ରାଜ୍ୟ। ତିନି ଶହ ବର୍ଷର ମୋଗଲ ଶାସନ ଭିତରେ ଆକବର ଓ ଶାହାଜାନଙ୍କ ଶାସନ କାଳ ଥିଲା ସୁବର୍ଣ୍ଣ ଯୁଗ। ରାସ୍ତାଘାଟ, ବାଣିଜ୍ୟ ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଥିଲା। ଶାହାଜାନଙ୍କ ପୁତ୍ର ଔରଙ୍ଗଜେବ ଥିଲେ ଜଣେ ଅତ୍ୟାଚାରୀ ଶାସକ। ଅଣମୁସଲମାନ ସମ୍ପ୍ରଦାୟର ଲୋକଙ୍କ ଉପରେ ସେ ଜିଜିୟା କର ଓ ଯାତ୍ରୀ କର



ବସାଇଥିଲେ। ହିନ୍ଦୁ ମନ୍ଦିରକୁ ଧ୍ୱଂସ କରିବା ତାଙ୍କର ଧାର୍ମିକ ଅସହିଷ୍ଣୁତାର ନିଦର୍ଶନ ଥିଲା। ଶାସନ ଗାଦି ଅଧିକାର କରିବାକୁ ନିଜ ପିତା ଶାହାଜାନଙ୍କୁ ସେ ବନ୍ଦୀ କରି ରଖିଥିଲେ। ହିନ୍ଦୁ ଓ ମରାଠାଙ୍କୁ ସେ ହୀନ ଦୃଷ୍ଟିରେ ଦେଖୁଥିଲେ। ଦୀର୍ଘକାଳୀନ ମୋଗଲ ସମ୍ରାଟ ଭାବେ ତାଙ୍କର ଖ୍ୟାତି ଅପେକ୍ଷା ଅପଖ୍ୟାତି ଅଧିକ ଥିଲା। ମରାଠାର ଅଭ୍ୟୁଦୟ ଓ ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବାଣିଜ୍ୟ କୋଠି ସ୍ଥାପନର ପରିଣତି ଭାରତରୁ ମୋଗଲ ସାମ୍ରାଜ୍ୟର ଅନ୍ତ ଘଟାଇଲା। ୧୮୫୮ରେ ମୋଗଲ ସାମ୍ରାଜ୍ୟର ଶେଷ ସମ୍ରାଟ ବାହାଦୁରଶାହା ଜାଫର ରେଙ୍ଗୁନ୍‌ରେ ନିର୍ବାସିତ ଜୀବନଯାପନ କଲେ।

ଭାରତରେ ତିନିଶହ ବର୍ଷର ମୋଗଲ ରାଜୁତିରେ ଅନେକ କୀର୍ତ୍ତିରାଜି ଏଯାଏ ସଦର୍ପରେ ଦଣ୍ଡାୟମାନ। ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଉକ୍ତ କୀର୍ତ୍ତିରୁ ବର୍ଷକୁ ଶହ ଶହ କୋଟି ରାଜସ୍ୱ ଆୟ ହେଉଛି। କୌଣସି ପରିସ୍ଥିତିରେ ଏହାକୁ ଅଣଦେଖା କରି ହେବ ନାହିଁ। ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ଔରଙ୍ଗଜେବଙ୍କ ଭଳି କେତେକ ଅତ୍ୟାଚାରୀ ହୋଇଥାଇପାରନ୍ତି। ସେମାନଙ୍କ ଅତ୍ୟାଚାରର କାହାଣୀ ଏଯାବତ୍ ଭାରତ ତଥା ବିଶ୍ୱ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ରହିଥିବ ମଧ୍ୟ। ପିଲାମାନଙ୍କ ପାଠ୍ୟପୁସ୍ତକରେ ଏଗୁଡ଼ିକୁ ବାଦ୍ ଦେଇଦେଲେ ଇତିହାସ ବିକଳାଙ୍ଗ ହେବ ନାହିଁ ସତ, କିନ୍ତୁ ଆମର ପିଲାମାନେ ଏହି ଐତିହାସିକ ଜ୍ଞାନ ଆହରଣରୁ ବଞ୍ଚିତ ହୋଇଯିବେ।

ଇତିହାସ ହେଉଛି ଭବିଷ୍ୟତର ମାର୍ଗଦର୍ଶକ। ଅତୀତକୁ ନ ଜାଣି ଭବିଷ୍ୟତରେ ପାଦ ଥାପିହେବ ନାହିଁ। ଅନେକ ତ୍ରୁଟି ବିଚ୍ୟୁତିର ସାନି ସମ୍ମୁଖୀନ ହେବାକୁ ପଡ଼ିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଆମେ ଯଦି ନ ଜାଣିବା ହିଟ୍‌ଲର, ଲେନିନ୍, ଷ୍ଟାଲିନ୍‌ଙ୍କ ବିଷୟରେ ନ ଜାଣିବା ତେବେ ଆମର ଜ୍ଞାନ ସୀମିତ ହୋଇଯିବ। ସେ ନେଲସନ୍ ମଣ୍ଡେଲା ହୁଅନ୍ତୁ, ନେପୋଲିୟନ ବୋନାପାର୍ଟ ହୁଅନ୍ତୁ, ମୁଜେବୁର ରହେମନ ହୁଅନ୍ତୁ, ଫିଡେଲ କାଷ୍ଟ୍ରୋ ହୁଅନ୍ତୁ ବା ଆଡଲଫ୍ ହିଟ୍‌ଲର ହୁଅନ୍ତୁ ସମସ୍ତଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଆମେ ସବିଶେଷ ଜାଣିବା ଦରକାର। ଏହା ଆମର ଜ୍ଞାନର ପରିସରକୁ ବୃଦ୍ଧି ଘଟାଇବା ସହିତ ଏକ ନୂତନ ସୁଦୃଢ଼ ଓ ବିଚାରବନ୍ତ ପିଢ଼ି ସୃଷ୍ଟି କରିବ।

ଉଲ୍ଲେଖଯୋଗ୍ୟ ଯେ ସପ୍ତମ ଶ୍ରେଣୀ ପାଠ୍ୟ ପୁସ୍ତକରୁ ଏନ୍‌ସିଇଆର୍‌ଟି ମୋଗଲ ସାମ୍ରାଜ୍ୟ ଓ ଦିଲ୍ଲୀର ସୁଲତାନ ଶାସନ ଅଧ୍ୟାୟକୁ ବାଦ୍ ଦେଇଛି। ଗତବର୍ଷ ତୃତୀୟ ଓ ଷଷ୍ଠ ଶ୍ରେଣୀ ନିମିତ୍ତ ଏପରି ପାଠ୍ୟ ପୁସ୍ତକ ପ୍ରଚଳନ କରିଥିଲା। ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ବହିରେ ପରିବର୍ତ୍ତନ କରିଛି। ଦ୍ୱାଦଶ ଶ୍ରେଣୀ ଇତିହାସ ବହିରୁ ମହାତ୍ମା ଗାନ୍ଧୀ ଓ ଗୋଧ୍ରା ଦଙ୍ଗାକୁ ବାଦ ଦିଆଯାଇଛି। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ବୈଶ୍ୱିକ ଜ୍ଞାନର ଅଧିକାରୀ ହେବେ ନା କୂପମଣ୍ଡୁକ ପରି ଆତ୍ମଗୋପନ କରିବେ ? ଏହା ଆମର ବିଚାର୍ଯ୍ୟ।

ତେଣୁ ସରକାର ନିଜ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ । ଇତିହାସ ସମ୍ପର୍କରେ ସତ୍ୟ ତଥା ବାସ୍ତବ ଜ୍ଞାନ ଆହରଣ କରିବାକୁ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଅନ୍ତୁ। ନଚେତ୍ ଇତିହାସ କାହାକୁ କ୍ଷମା ଦେବନାହିଁ।

ମୋ:୭୯୭୫୦୪୬୪୮୬

## ଏଇ ଭାରତରେ

ତାମିଲନାଡୁର ଭିଲୁପୁରମା କମ୍ପୁରରେ ରହୁଥିବା ୪୧ ବର୍ଷୀୟ କନ୍‌ଷ୍ଟେବଲ ଥୋକାପ୍ପିୟାନ ଶିବରାଜ ତାଙ୍କ ଫାର୍ମଲାଣ୍ଡକୁ ଫ୍ରି ଏକାଡେମୀ କରିଦେଇଛନ୍ତି। ଏହିଠାରେ ସେ ସରକାରୀ ଚାକିରି ଆଶାୟୀଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ଦେବାର ବ୍ୟବସ୍ଥା କରିଛନ୍ତି। ସେ ତାଙ୍କ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ୱିଙ୍ଗସ'। ୨୦୧୦ରେ ଶିବରାଜ ପୋଲିସରେ ଭର୍ତ୍ତି ହେବା ପରେ ଅର୍ଥ ସଞ୍ଚୟ କରି ଏହାକୁ ସେ ୨୦୧୩ରେ ପ୍ରତିଷ୍ଠା କରିଥିଲେ। ସେ ୧ ଏକର ଜମିକୁ ଟ୍ରେନିଂ ଗାଉଣ୍ଡ କରିଛନ୍ତି। ଏବେ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ଏମାନେ ବିଶେଷକରି ପୋଲିସ, ରାଜସ୍ୱ, ଶ୍ରମ ଏବଂ ପ୍ରଶାସନିକ ବିଭାଗରେ ଚାକିରି ପାଇଛନ୍ତି। ବଡ଼ କଥା ହେଉଛି ଶିବରାଜଙ୍କ ଭାଇ ସତ୍ୟରାଜ ବିଭିନ୍ନ ବିଷୟ ପଢ଼ାଇବା ସହ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଭଉଣୀ ଜୀବିତା ଟାଇପିଂ ଓ କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ପ୍ରଥମେ ସେ ୩୩ ଜଣ ପିଲାଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଥିଲେ। ପିଲାମାନଙ୍କୁ ସେଠାରେ ରହିବାର ବ୍ୟବସ୍ଥା ବି କରିଛନ୍ତି। ଏବେ ୬୩ ପିଲା ଟ୍ରେନିଂ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୭୬

- ଦେଶରେ ଖାଉଟି ଆନ୍ଦୋଳନର ଉନ୍ନତି ନିମନ୍ତେ ଏକ ଜାତୀୟ ଖାଉଟି ସୁରକ୍ଷା ପରିଷଦ ଗଠନ ପ୍ରସ୍ତାବ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅନୁମୋଦିତ।
- ନାଗାଲାଣ୍ଡ ଜାତୀୟତାବାଦୀ ସଙ୍ଗଠନ ଆନୁଷ୍ଠାନିକ ଭାବେ ଜାତୀୟ କଂଗ୍ରେସ ଦଳରେ ସାମିଲ।
- ସୋଭିଏତ୍ ରୁଷ ଓ ମୋଜାମ୍ବିକ ମଧ୍ୟରେ ସାଂସ୍କୃତିକ ଓ ବୈଜ୍ଞାନିକ ସହଯୋଗ ସଂକ୍ରାନ୍ତ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ହେ ପାଷାଣ ! ମାଗୁନାହିଁ
ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ
ତୁଟିବାକୁ ବ୍ୟର୍ଥତା ଆଶାର।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନରେ ଦଲାଲ

ମହାଶୟ,

ନିକଟରେ ମାଟ୍ରିକ ପରୀକ୍ଷାଫଳ ବାହାରି ସାରିଛି। ବର୍ତ୍ତମାନ ଅନେକ ଘରୋଇ ଶିକ୍ଷାନୁଷ୍ଠାନର ଦଲାଲ ବିଭିନ୍ନ ସ୍କୁଲକୁ ଯାଇ ଭଲ ମାର୍କ ରଖିଥିବା ପିଲାମାନଙ୍କର ଘର ଠିକଣା ଓ ମୋବାଇଲ ନମ୍ବର ସଂଗ୍ରହ କରିବା ପାଇଁ ଅଭିଭାବକଙ୍କ ନିକଟରେ ପହଞ୍ଚୁଛନ୍ତି। ଆମ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ପଢ଼ାନ୍ତୁ, ଅମୁକ ସୁବିଧା ଅଛି, ସମୁକ ସୁବିଧା ଅଛି। ଆକର୍ଷଣୀୟ ଲୋଭର ଥୋପ ଦେଖାଉଛନ୍ତି। ଅଭିଭାବକମାନେ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପରେ ଦଲାଲଙ୍କ ଦେଖା ମିଳେନାହିଁ। ଦଲାଲ ଶିକ୍ଷାନୁଷ୍ଠାନର ମାଲିକଙ୍କଠାରୁ କମିଶନି ନେଇ ଫେରାର ହୋଇଯାଇଥାଏ। ଯାହାଫଳରେ କି ସରକାରୀ କଲେଜରେ ନାମ ଲେଖା ହ୍ରାସ ପାଉଛି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଶୁଭସ୍ମିତା


@ ନିରଞ୍ଜନ


@ ଗୌରବ


@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦକ୍ଷତା ବିକାଶ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

## ସିୟୁଟିଏମ୍ ପରିଦର୍ଶନ କଲେ

ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଙ୍ଗଳବାର ଜଟଣୀ ରାମଚନ୍ଦ୍ରପୁରସ୍ଥିତ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ଏବଂ ଅଧ୍ୟାପକମାନଙ୍କ ସହ ଆଲୋଚନା କରି ପାରମ୍ପରିକ ଶିକ୍ଷା ଢାଞ୍ଚା ସହିତ ଦକ୍ଷତା ବିକାଶ ଆଧାରିତ ଶିକ୍ଷାକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜ୍ୟପାଳ ନିକଟ ଅତୀତରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନକୁ ଗସ୍ତ ସମୟର ଅନୁଭବ ଓ ଉପଲବ୍ଧି ଉପରେ କହିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଏକ ସହଯୋଗୀ ମଡେଲ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯେଉଁ ପ୍ରତିଷ୍ଠାନଗୁଡ଼ିକରେ ଇନ୍ ହାଉସ ଦକ୍ଷତା ବିକାଶ ତାଲିମ ସୁବିଧା ନାହିଁ, ସେମାନଙ୍କୁ ତାଲିମ ସୁବିଧା ଥିବା କେନ୍ଦ୍ରରେ ପ୍ରଶିକ୍ଷଣ ଦେବାର ସୁଯୋଗ ପ୍ରଦାନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଇଲେକ୍ଟ୍ରିକ ଭେହିକିଲ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ନେଉଥିବା ଜିମ୍ବାୱେର ମିଡ୍- କ୍ୟାରିୟର ସରକାରୀ ଅଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ସେହିପରି ସେ ବିଶ୍ୱବିଦ୍ୟାଳୟର ପଲିନେଟର୍ସ ପାରାଡାଇଜ, ଟ୍ରାନ୍ସଫର୍ମର ଲାବ୍ସ, ଆପାରେଲ ଆଣ୍ଡ ଟେକ୍ସଟାଇଲ୍ସ ଇଞ୍ଜିନିୟରିଂ ଲାବ ସମେତ ବିଭିନ୍ନ ପ୍ରୟୋଗଶାଳା ପରିଦର୍ଶନ କରିଥିଲେ ।


ସିୟୁଟିଏମ୍ ପରିଦର୍ଶନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରୁଛନ୍ତି।

# ମାଟି ଚାଲାଣ ବେଳେ ଧରିଲା ପୋଲିସ

## ଟ୍ରାକ୍ଟର, ଜେସିବି ଜବତ

ତ୍ରିଶୂଳିଆ,୨୦।୫
(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ କାନପୁର ନିକଟ ଚାଷ ଜମିରୁ ସୋମବାର ରାତିରେ ଜେସିବି ଲଗାଇ ଟ୍ରାକ୍ଟରରେ ମାଟି ଚାଲାଣ ହେଉଥିବାବେଳେ ପୋଲିସ ଚଢ଼ାଉ କରି ଉକ୍ତ ଜେସିବି (ଓଡି୦୨ଏଫ୬୧୧୪) ଓ ଟ୍ରାକ୍ଟର (ଓଡି୦୫ଆର ୨୦୩୪) କୁ ଜବତ କରିଛି। ହେଲେ ସେଠାରୁ ଚାଳକମାନେ ଫେରାର ହୋଇଯାଇଥିଲେ। ଉକ୍ତ ଗାଡ଼ି ମାଲିକଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବାରଙ୍ଗ ତହସିଲ ଅଧୀନ ଜୟପୁର, ଗୋଠପୁର, କାନପୁର, ନୟାପାଟଣା, ପଞ୍ଚୁପାଳ, ନରାଜ ମାର୍ଥାପୁର, ମୁଣ୍ଡଳୀ, ଗୋବିନ୍ଦପୁର, ରାମଦାସପୁର ମୁଣ୍ଡମୁହାଣ ଆଦି ଚାଷ ଜମିରୁ ବଡ଼ ବଡ ଗାତ କରାଯାଇ ଇଟା ଭାଟି ମାନଙ୍କୁ ମାଟି ଚାଲାଣ କରାଯାଇଛି।

# ଚକେଇସିଆଣିରେ ଯୁବକଙ୍କୁ ହାଣିଲେ

ଭୁବନେଶ୍ୱର,୨୦।୫(ସତ୍ୟଜିତ ରାଉତ)

ଭୁବନେଶ୍ୱରରେ ପୁଣି ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟା ୩୦ ବେଳେ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ରୁଦ୍ର ନାରାୟଣ ପାତ୍ର। ରୁଦ୍ରଙ୍କ ହାତ, ମୁଣ୍ଡ ଆଦି ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ରାଜଧାନୀ କଲେଜର ଛାତ୍ର ବୋଲି ଜଣାପଡ଼ିଛି। ଘଟଣା ପରେ ପ୍ରଥମେ ତାଙ୍କୁ ଏକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ରୁଦ୍ରଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୂର୍ବ ଶତ୍ରୁତାକୁ ନେଇ ଏହି କାଣ୍ଡ ଘଟିଥିବା ମଞ୍ଚେଶ୍ୱର ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚକେଇସିଆଣି ଅଞ୍ଚଳର ଏକ ପଡ଼ିଆରେ ରୁଦ୍ର ଥିବାବେଳେ ଅଭିଯୁକ୍ତମାନେ ସେଠାକୁ ଆସିଥିଲେ। ସେମାନେ ରୁଦ୍ରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ରୁଦ୍ର ଚିତ୍କାର କରିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ।


ଆକ୍ରମଣରେ ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

# 'ଶିକ୍ଷାର ବ୍ୟାବହାରିକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ'

## ପିଜିଟି ଶିକ୍ଷକଙ୍କ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର (ପିଜିଟି) ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ପାଇଁ ୨ଦିନିଆ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର କୃଷିଭବନ ଅଡିଟୋରିୟମରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗଦେଇ କହିଛନ୍ତି ଯେ, ଶିକ୍ଷା ଓ ପ୍ରଶିକ୍ଷଣ ପରସ୍ପର ସହ ଜଡ଼ିତ। ଶିକ୍ଷୟିତ୍ରୀ-ଶିକ୍ଷକମାନେ ସମୟାନୁସାରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି। ଶିକ୍ଷାକୁ କେବଳ ଜ୍ଞାନ ଆହରଣ ଭାବେ ନୁହେଁ ବରଂ ଏହାର ବ୍ୟାବହାରିକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଏଥିସହ ଶିକ୍ଷାର ବିଭିନ୍ନ ବ୍ୟାବହାରତ୍ମକ ଦିଗ ପ୍ରତି ଯତ୍ନଶୀଳ ହେବା ସହ ପ୍ରୋତ୍ସାହିତ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍ ଆୟର ବିଦ୍ୟାଳୟଗୁଡ଼ିକର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ, ନାମଲେଖା ପ୍ରକ୍ରିୟା, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ, ଆପାର୍ ଆଇଡି ଏବଂ ୟୁଡାଇସ ପୋର୍ଟାଲ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ କହିଛନ୍ତି, ଶିକ୍ଷୟିତ୍ରୀ ଶିକ୍ଷକମାନେ ସମନ୍ୱୟ ଓ ଉତ୍ତରଦାୟିତ୍ୱ ରକ୍ଷା କରି କାର୍ଯ୍ୟ କରନ୍ତୁ। ଶିକ୍ଷକତା ଏକ ଚାକିରି ନୁହେଁ, ବରଂ ଏକ ବୃତ୍ତି। ସବୁବେଳେ ଆସନ୍ତାକାଲି ଲାଗି ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମନିର୍ଦ୍ଦେଶକ ବନ୍ଦନା ମହାପାତ୍ର ରେକର୍ଡ କିପିଂ ଏବଂ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ପିଜିଟି ଶିକ୍ଷୟିତ୍ରୀ-ଶିକ୍ଷକଙ୍କୁ ପାରଙ୍ଗମ ହେବା ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ୧୭ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦୦ ପିଜିଟି ଶିକ୍ଷୟିତ୍ରୀ-ଶିକ୍ଷକ ଯୋଗଦେଇଛନ୍ତି।



କର୍ମଶାଳାରେ ମଞ୍ଚାସୀନ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଏବଂ ଅନ୍ୟ ଅତିଥି।

# ୨୩ରୁ ସାରସ ୱାର୍ଲ୍ଡ ଏକ୍ସପୋ

ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)

## ଝଲସିବ ଓଡ଼ିଶାର ପଟ୍ଟଚିତ୍ର, ସମ୍ବଲପୁରୀ ଓ ଇକତ ଶାଢ଼ି

ମାଳଦ୍ୱୀପ ସାରସ ୱାର୍ଲଡ ଏକ୍ସପୋ ମେ ୨୩ରୁ ୩୧ ପର୍ଯ୍ୟନ୍ତ ହେବ। ଏଥିରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ 'ଏକ ଜିଲା ଏକ ଉତ୍ପାଦ' (ଓଡିଓପି) ଅଭିଯାନ ଅନ୍ତର୍ଗତ ଭାରତର ବିଶେଷ ଉତ୍ପାଦ ସ୍ଥାନ ପାଇବ। ଏଥିରେ ଓଡ଼ିଶାର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ୭ଟି ବିଶେଷ ଉତ୍ପାଦ ପ୍ରଦର୍ଶନ ଲାଗି ମନୋନୀତ ହୋଇଛି। ରଘୁରାଜପୁର ପ୍ରଡ୍ୟୁସର ଗ୍ରୁପ୍‌ର ପଟ୍ଟଚିତ୍ର କେଟ୍‌ଲି ଓ ପଟ୍ଟଚିତ୍ର, ନୟା ପାଟମୟ ସମିତିର ପଟ୍ଟଚିତ୍ର ବୋତଲ, ବରଗଡ଼ ହ୍ୟାଣ୍ଡଲୁମ୍ ଆଣ୍ଡ୍ ଏଗ୍ରି ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସମ୍ବଲପୁରୀ ଶାଢ଼ି, ସୁବର୍ଣ୍ଣପୁର ମା' ମଙ୍ଗଳା ଏସ୍ଏଚ୍‌ଜିର ଇକତ ଶାଢ଼ି, ଉତ୍କଳ କ୍ରାଫ୍ଟ ପ୍ରଡ୍ୟୁସର ଗ୍ରୁପ୍‌ର ଡୋକରା କୋଣାର୍କ ୱିଲ ହାଙ୍ଗିଂ, ଡୋକରା କଳାକୃତି ଆଦି ସେଠାରେ ପ୍ରଦର୍ଶନ କରାଯିବ।

# ଘନଶ୍ୟାମ, ଦୁର୍ଗାଚରଣଙ୍କୁ ଜାଗୃତି ସମ୍ମାନ

ଭୁବନେଶ୍ୱର,୨୦।୫
(ସୌମ୍ୟରଞ୍ଜନ ରାଉତ)

ଜାଗୃତି ସାଂସ୍କୃତିକ ପରିଷଦ ପକ୍ଷରୁ ୨୩ତମ ବର୍ଷିକ ଉତ୍ସବ ତଥା ଜାଗୃତି ଜାତୀୟ ନୃତ୍ୟ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ମର୍ଦ୍ଦଳ ବାଦକ ଓ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମୀନାକ୍ଷୀ ବେହେରା ଯୋଗଦେଇ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗୁରୁ ଘନଶ୍ୟାମ ପଣ୍ଡା ଏବଂ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଜାଗୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଗୌରୀଶଙ୍କର ଦାଶଙ୍କୁ 'ଜାଗୃତି ଯୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନେକ କଳାକାର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ କବିତା ଦ୍ୱିବେଦୀ ଏକକ ଓଡ଼ିଶୀ ନୃତ୍ୟ, ଇଭାନା ସରକାର ଏକକ ମଣିପୁରୀ ନୃତ୍ୟ, ଡାଏନା ଘୋଷ, ଜି. ସଞ୍ଜୟ ଦ୍ୱୈତ ଓଡ଼ିଶୀ ନୃତ୍ୟ, ମୋନାଲିସା ଦାସ ଓ ସସ୍ମିତା ବେହେରା ଦ୍ୱୈତ ଓଡ଼ିଶୀ ନୃତ୍ୟ ଏବଂ ନୃତ୍ୟାୟନ ଅନୁଷ୍ଠାନ ଦ୍ୱାରା ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଜାଗୃତି ସମ୍ମାନ'ରେ ସମ୍ମାନିତ କରାଯାଉଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001

**କାର୍ଯ୍ୟର ବିବରଣୀ :** ''ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା'' ।

**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ :** ₹ 65,00,000/-, EMD : ₹ 2,15,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2025 (ଗୁରୁବାର) 1500 ଘଣ୍ଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି ।

ୱେବ୍‌ସାଇଟ୍ : www.ireps.gov.in

ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର
PR-146/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/15, ତା.15.05.2025ରିଖ
ଟେଣ୍ଡର ସଂ. e-Tender-SouthKUR-62-2025, ତା.09.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 25T ଲୋଡିଂ ନିମନ୍ତେ RDSO ମାନକ ଅନୁଯାୟୀ ବିଦ୍ୟମାନ ପ୍ଲେଟ୍ ଗିର୍ଡର ବ୍ରିଜର ପୁନଃସ୍ଥାପନ ପାଇଁ PSC ସ୍ଲାବ୍‌ର ଲୋଡ୍ ପୂରଣ କରିବା ପାଇଁ (46 ସଂଖ୍ୟକ) ବ୍ରିଜର ଭିତ୍ତିଭୂମି, ପିୟର, ଅବ୍ୟୁଟମେଣ୍ଟ ଏବଂ ସବଷ୍ଟ୍ରକଚର ଉପାଦାନଗୁଡ଼ିକର ଶକ୍ତି ଏବଂ ଗଠନମୂଳକ କ୍ଷମତାର ମୂଲ୍ୟାଙ୍କନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 550.82 ଲକ୍ଷ, EMD : ₹ 4,25,400.00, ଶେଷ ହେବା ଅବଧି : 180 ଦିନ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.05.2025ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରରେ ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍
PR-144/Q/25-26

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୮ ତାରିଖ: ୧୯।୦୫।୨୦୨୫**

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର: ସଂ. | ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୮ | ୦୨।୦୬।୨୦୨୫ | ୧୨.୩୦ ଘ. | ୧୬.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-176) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA**

**e-Procurement Tender Notice**
**Two Envelope System**
**Tender Reference No:- WRD/MID/GARHWA/B.D./S.L.I.-03/2025-26**
**Letter No:- 320 Date:-19.05.2025**

| | | |
|---|---|---|
| 1 | Name of Work: | Construction of Tewali Solar Lift Irrigation Scheme, Village- Tewali, Panchyat- Janeva, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | Rs. 10,000=00only (non-refundable). |
| 4 | Earnest Money Deposit (Rs.) | Rs. 1,11,000=00only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 02.06.2025, Time - 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date: - 18.06.2025, Time :- 04.00 PM |
| 9 | Submission of Tender Fee and EMD | Start Date:- 02.06.2025, Time - 4.00 PM Last Date:- 18.06.2025, Time :- 4.00 PM |
| 10 | Technical Bid Opening Date | Date: - 19.06.2025, Time: -04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**

Further details can be seen on website http://jharkhandtenders.gov.in

**Executive Engineer, Minor Irrigation Division, Garhwa**
PR 353000 (Minor Irrigation)25-26*D

**TPCODL**
**TP CENTRAL ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
**Registered Office/Corporate Office:** Power House Square, Unit-8, Bhubaneswar, 751012

**NOTICE**

**Shri Krushna Chandra Rout, Helper**
S/o.: Maheswar Rout
At: Mahatala, Post: Biridi
Dist.: Jagatsinghpur

Sir,
I have been appointed as enquiry officer in Departmental Charge sheet No.: 2138 dated 06.11.2024 framed against you and notices of enquires were communicated to you on the aforesaid address through speed post for appearing in the enquiry to defend yourself on **Dtd. 12.03.2025 and Dtd. 07.04.2025** but all such letters have been returned back with the remark "Addressee moved without instruction. Return to sender"
Thus, you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

**Shri Karunakar Bhoi, Lineman-C**
S/o.: Kailash Chandra Bhoi
At: Jayarshasan, Post: Jaganathpur, Balianta, Dist.: Cuttack-752101.
**Sir,**
I have been appointed as enquiry officer in Departmental Charge sheet No.: 2137 dated 06.11.2024 framed against you and notices of enquires were communicated to you through speed post on the aforesaid address for appearing in the enquiry to defend yourself on **Dtd.12.03.2025 and Dtd.07.04.2025**. The notices were showing as delivered and received as per the track consignment report uploaded in the internet by Department of posts but you did not turn up in the enquiry.
Thus, you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

**Sd/-**
**Enquiry Officer**

**झारखण्ड सरकार कार्यपालक अभियंता, का कार्यालय**
**पेयजल एवं स्वच्छता प्रमण्डल, हटिया योजना, राँची।**
**2nd PR. 347445**
**तृतीय अति अल्पकालिन निविदा आमंत्रण सूचना सं०–LAB/DWSD/25/2024-25**
**दिनांक– 19.05.2025**

| | | |
|---|---|---|
| 1 | विज्ञापन दाता का पदनामएवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, राँची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 22.05.2025 पूर्वाह्न 11.00 बजे से। |
| 3 | ई–निविदा प्राप्ति की अंतिम तिथि एवं समय. | दिनांक 29.05.2025 अपराह्न 5.00 बजे तक। |
| 4 | ई–निविदा खोलने की अंतिम तिथि एवं समय | दिनांक 31.05.2025 पूर्वाह्न 11.00 बजे। |
| 5 | ई–निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, राँची–02। |
| 6 | ई–मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

कार्य की विस्तृत विवरणी:-

| क्र० सं० | कार्य का नाम | अग्रधन की राषि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 16 NOS.OF WATER TESTING LABORATORIES UNDER DW&SD, JHARKHAND RANCHI ZONE- DISTRICT LAB- RANCHI, HAZARIBAGH, CHATRA, RAMGARH, KODERMA, LATEHAR, GARHWA, MEDNINAGAR, LOHARDAGA, SIMDEGA, GUMLA, SUB DIVISIONAL LAB- PANKI (MEDNINAGAR), NAGAR UTAARI (GARHWA), PATRATU (RAMGARH), ORMANJHI (RANCHI EAST), BARWADIH (LATEHAR) | 2,08,000/- | 10,000/- |

**NB:- For Details**
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

कार्यपालक अभियंता
पेयजल एवं स्वच्छता प्रमंडल, हटिया योजना, राँची।
PR 353020 Drinking Water and Sanitation(25-26)D

**ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

ଯାଁଳା,(ବୁଲା ବାରିକ): ଯାଁଳାର ଇନ୍ଦ୍ରଧନୁ ଥିଏଟର ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରି ସୁନାମ ଅର୍ଜନ କରିଛି। ଗତ ରବିବାର ମଦନପୁରର ଦେବୁ ଗାର୍ଡେନ ପ୍ରକ୍ଷାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ମଙ୍ଗରାଜ ପୌରୋହିତ୍ୟ କରିଥିଲେ। ରବି ରାୟ, ପ୍ରଶାନ୍ତ ମହାନ୍ତି, ବାମଦେବ ପ୍ରଧାନ, ବିକାଶ ଶୁକ୍ଳା ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ବର୍ଷୀୟାନ କଳାକାର ମହେନ୍ଦ୍ର ପରିଡା ଏବଂ ମହେନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗଣମାଧ୍ୟମ ପ୍ରତିନିଧି ବୁଲା ବାରିକ, ମାନସ ଦାସ, ପରାମାନନ୍ଦ ସାମନ୍ତସିଂହାର, ସୁରେଶ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଳାକାର ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦଶ ମହାବିଦ୍ୟା ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଜଟଣୀ,୨୦।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାଜାବଜାର ଦୁର୍ଗା ମାର୍କେଟସ୍ଥ ମା'ଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଦଶ ମହାବିଦ୍ୟା ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଗର୍ଭଧାନ ଓ ଆଳତି କରାଯାଇଥିଲା। ଦ୍ୱିତୀୟ ଦିବସରେ ଶାଳାମଣ୍ଡନ, ଜଳଯାତ୍ରା, ଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ଓ ଆଳତି ହୋଇଥିବା ବେଳେ ତୃତୀୟ ଦିବସରେ ସୂର୍ଯ୍ୟ ପୂଜା, ଶାଳାପୂଜା, ବିଗ୍ରହ ସ୍ଥାପନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସେହିପରି ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଶାଳାପୂଜା, ବିଗ୍ରହନ୍ୟାସ, ଦେବତା ସ୍ଥାପନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା, ଶାଳାପୂଜା, ଦେବୀ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, ପୂର୍ଣ୍ଣାହୁତି, ଆଳତି ଓ ପୁଷ୍ପାଞ୍ଜଳି ଅର୍ପଣ ସହିତ ବିସର୍ଜନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଦିନ ସଂକୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଦୁର୍ଗାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ।

### ଅବକାରୀ ଚଢ଼ାଉ, ୩ ବେପାରୀ ଗିରଫ

**ଟାଙ୍ଗୀ,୨୦।୫(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ବିଭିନ୍ନ ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଟାଙ୍ଗୀ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇ ୩ଜଣ ବେପାରୀଙ୍କୁ ଗିରଫ ସହ ବିପୁଳ ପରିମାଣର ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ପାରୀ ଗ୍ରାମର ନିଧେଶ୍ୱର ବିଶ୍ୱାଳ, ବଡ଼ପୋଖରିଆ ଗ୍ରାମର ଅରୁଣ ସାମନ୍ତରାୟ ଏବଂ ଚଣ୍ଡେଶ୍ୱର ଗ୍ରାମର ରତ୍ନାକର ବେହେରା। ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ବିଭାଗର ଏସ୍‌ଆଇ ରାଧାକାନ୍ତ ଭୋଇ, ଏଏସ୍‌ଆଇ ଅନ୍ତର୍ଯ୍ୟାମୀ ସାହୁ, ରାମଚନ୍ଦ୍ର ଜେନା ପ୍ରମୁଖ ସାମିଲ ଥିଲେ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ନିରାକାରପୁର,୨୦।୫ (ମାନସ ଚନ୍ଦ୍ର ପଟ୍ଟନାୟକ)**

ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ରାମେଶ୍ୱର ଗ୍ରାମର ବେଙ୍ଗ ବେଓ୍ୱାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସେ ଦୀର୍ଘବର୍ଷ ଧରି ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି କଲେଜର ଜୁଲୋଜି ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀଭାବେ ଦାୟିତ୍ୱ ତୁଲାଇଥିଲେ। ଚାକିରିରୁ ଅବସର ନେବାପରେ ସେ ନିଜ ବାସଭବନ ରାମେଶ୍ୱରଠାରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୁରାତନ ଛାତ୍ରୀଛାତ୍ର, ବହୁ ବ୍ୟକ୍ତିବିଶେଷ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଚକ୍ରଧର ମୁଖାଗ୍ନି ଦେଇଥିଲେ।

### ଅବସରପ୍ରାପ୍ତ ଅଗ୍ନିଶମ ହାବିଲଦାରଙ୍କ ପରଲୋକ

**ଖୋର୍ଦ୍ଧା,୨୦।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଓଡ଼ିଶା ଅଗ୍ନିଶମ ପୋଲିସ ବିଭାଗର ଅବସରପ୍ରାପ୍ତ ହାବିଲଦାର ସନାଉଲ୍ଲାଃ



ଖାଁଙ୍କ ଗତ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ଦେଶମାତୃକାର ଜଣେ ଦକ୍ଷ ସେବକଭାବେ କାର୍ଯ୍ୟ ନିଷ୍ଠାର ସହ ନିର୍ବାହ କରିଥିଲେ। ଏଥିସହ ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ, ଅମାୟିକ, ପରାମର୍ଶଦାତା, ପରୋପକାରୀ, ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ଥିଲେ। ତାଙ୍କ ପରଲୋକ ଖବରପାଇ ସମ୍ପର୍କୀୟ, ଅଗ୍ନିଶମ ପୋଲିସ କର୍ମଚାରୀଙ୍କ ସହ ବହୁ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କ ମରଶରୀରକୁ କେରଙ୍ଗସ୍ଥିତ ଜନ୍ନତୁଲ ବକି (ଭାଲିଆଭାଣ୍ଡି)କବରସ୍ଥାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

# ୨୨ଘେରା ଚାପ ଖେଳିଲେ ଠାକୁର

**ଖୋର୍ଦ୍ଧା/ବେଗୁନିଆ,୨୦।୫ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା–ନୟାଗଡ଼ ୫୭ନଂ. ଜାତୀୟ ରାଜପଥ ବାଘମାରୀ ନିକଟ ଅଟ୍ରିସ୍ଥିତ ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱରଙ୍କ ଚନ୍ଦନ ଯାତ୍ରା ଉତ୍କଳେ ଭଉଁରିରେ ସମାପନ ହୋଇଛି। ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇବା ପାଇଁ ହଟ୍ଟକେଶ୍ୱର ଜଳକ୍ରୀଡ଼ା କରନ୍ତି। ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଠାକୁରଙ୍କ ଚାପଖେଳ ମଙ୍ଗଳବାର ଶେଷ ହୋଇଛି। ଅନ୍ତିମ ଦିବସରେ ୨୨ଘେରା ଚାପ ଖେଳିଥିଲେ ଠାକୁର।

ମଧ୍ୟାହ୍ନ ନୀତି ପରେ ଠାକୁରଙ୍କ ଚନ୍ଦନ ପୋଖରୀ ବିଜେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନରେ ଠାକୁରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବିମାନକୁ ବିଜେ କରିଥିଲେ। ଏହି ସମୟରେ ବିଜେ କାହାଳୀ ବାଜିଥିଲା। ଚାମର ଆଲଟ, ଘଣ୍ଟ, କାହାଳୀ, ମୃଦଙ୍ଗରେ ପରିବେଶ କମ୍ପି ଉଠିଥିଲା। ବିମାନ ବିଜେ ହୋଇ



ଚାପଖେଳ ନିମନ୍ତେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ନିଆଯାଉଛି।

ଠାକୁର ଚନ୍ଦନ ପୋଖରୀକୁ ବିଜେ କରିଥିଲେ। ଜଳଲାଗି ପରେ ଚାପ ଆରମ୍ଭ ହୋଇଥିଲା। ଠାକୁରଙ୍କ ଚାପ ଦର୍ଶନ ଲାଗି ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଭଉଁରି ଯାତ ଲାଗି ମନ୍ଦିର ଏବଂ ଚନ୍ଦନ ପୋଖରୀକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବିମାନକୁ ବିଭିନ୍ନ ଫୁଲମାଳରେ ସଜ୍ଜିତ କରାଯାଇଥିଲା। ଠାକୁର ବିମାନରେ ବିଜେ ହୋଇ ଚନ୍ଦନକୁ ଆସିବା ସମୟରେ ବହୁ ଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର, ବିଭିନ୍ନ ବେଶଧାରୀ ମଧ୍ୟ ସାମିଲ ହୋଇଥିଲେ। ହୁଳହୁଳି ଏବଂ ହଟ୍ଟକେଶ୍ୱରଙ୍କ ଜୟ ଜୟକାରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚାପ ସାରି ଠାକୁର ଚନ୍ଦନ ଚକଡ଼ାରେ ବିଜେ ହୋଇଥିଲେ। ଠାକୁରଙ୍କ ଚନ୍ଦନ ଲାଗି ନୀତି ସମ୍ପନ୍ନ

**ଉତ୍କଳେ ଭଉଁରିରେ ସରିଲା ହଟ୍ଟକେଶ୍ୱରଙ୍କ ଚନ୍ଦନ ଯାତ୍ରା**

ହୋଇଥିଲା। ପରେ ଭକ୍ତମାନେ ଠାକୁରଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁର ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୃଙ୍ଖଳିତ ଭଉଁରି ଯାତ୍ରା ଲାଗି ସେବାୟତ ସଂଘ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବାଣ ଫୁଟାଇବା ଉପରେ ନିଷେଧ ଜାରି କରାଯାଇଥିଲା। ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ମହାପାତ୍ର, ରଞ୍ଜନ ମହାପାତ୍ର, ହଟ୍ଟନାଥ ମହାପାତ୍ର, ଦିଲୀପ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ମାଣିବନ୍ଧ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବା, ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ମଧୁସୂଦନ ସୁବୁଦ୍ଧ, ଦିଲୀପ କୁମାର ମହଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜହ୍ନିକୁଦାରେ ଚନ୍ଦନ ଯାତ୍ରା ଉତ୍ସବ



**କୃଷ୍ଣପ୍ରସାଦ,୨୦।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ପଞ୍ଚାୟତର ଜହ୍ନିକୁଦା ଗ୍ରାମବାସୀଙ୍କ ପକ୍ଷରୁ ଚନ୍ଦନ ଯାତ୍ରା ମହୋତ୍ସବ ରବିବାରଠାରୁ ଗ୍ରାମ୍ୟ କମିଟି ସଭାପତି ଗଣେଶ ତରେଇ, ସମ୍ପାଦକ ସୀମାଞ୍ଚଳ ପଲେଇଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଗ୍ରାମର ମୁଖ୍ୟ ପିଠାଧୀଶ ରାଧାକାନ୍ତ ଦେବ ଏବଂ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ ରକ୍ଷାକରି ନୂଆପଡ଼ାରୁ ଗୁପ୍ତେଶ୍ୱର ଦେବ, ଅଁଳାକୁଦାରୁ ଅମରେଶ୍ୱର ଦେବ ଏବଂ ରାଧାମାଧବ ଦେବ ସୁସଜ୍ଜିତ ବିମାନରେ ପାଟପାଟୁଆରରେ ଆସି ଯାତ୍ରା ପଡ଼ିଆ ପୂଜା ମଣ୍ଡପରେ ବିରାଜମାନ କରିଛନ୍ତି। ପ୍ରତ୍ୟହ ସମସ୍ତ ଚଳନ୍ତି ପ୍ରତିମାଙ୍କୁ ନେଇ ସୁସଜ୍ଜିତ ନୌକାରେ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳ ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପ୍ରତିଯୋଗିତା ହେଉଛି। ରାତ୍ରରେ ଖୋଲା ମଞ୍ଚରେ ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ କରାଯାଉଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଉପଖଣ୍ଡ ପୋଲିସ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗ୍ରାମ୍ୟ କମିଟିର ବରିଷ୍ଠ ସଦସ୍ୟ ରଘୁନାଥ ବଡୁ, ରବୀନ୍ଦ୍ର ନାଥ ତରେଇ, ରାଜ କିଶୋର ପଲେଇ, ଦୀପକ କୁମାର ପରିଡ଼ାଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରଛନ୍ତି।

### ଶ୍ମଶାନ ରାସ୍ତା ଅବରୋଧ ଅଭିଯୋଗ

**ବେଗୁନିଆ,୨୦।୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଗଡ଼ବାଡ଼ ସାହି (ଗୋଡ଼ିସାହି) ଶ୍ମଶାନ ରାସ୍ତାକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ଶବଦାହ ସମୟରେ ବିଭ୍ରାଟ ଦେଖାଦେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ରାସ୍ତା ନ ଥିବା ବେଳେ ପୁଣି ଏବେ ଶବଦାହ ଘର ବିନା ସୂଚନାଫଳକରେ ନିର୍ମାଣ ହେଉଛି। ୨୦୧୨–୧୩ ମସିହାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ଲକ୍ଷ ଟଙ୍କା ବ୍ୟୟରେ ଶଗଡ଼ଭଙ୍ଗାଠାରୁ ଗୋଡ଼ିସାହି ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ରାସ୍ତା ଜବରଦଖଲ ଯୋଗୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ସହିତ ଜବରଦଖଲ ହଟାଇବା ପାଇଁ ସ୍ଥାନୀୟ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଗତ ୨ତାରିଖରେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବେଳେ ପୁଣି ବିନା ସୂଚନା ଫଳକରେ ଶ୍ମଶାନରେ ଏକ ଗୃହ ନିର୍ମାଣ ଚାଲିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ସରିଲା ଦଧିବାମନ ଦେବଙ୍କ ବାହାର ଚନ୍ଦନ ଯାତ୍ରା

**ବେଗୁନିଆ,୨୦।୫(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଭଉଁରିସାହିରେ ଅବସ୍ଥିତ ଦଧିବାମନ ଦେବଙ୍କ ବାହାର ଚନ୍ଦନ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଅକ୍ଷୟ ତୃତୀୟାଠାରୁ ୨୧ଦିନ ଧରି ଚାଲୁଥିବା ଯାତ୍ରାର ଖଞ୍ଜି ବ୍ୟବସ୍ଥା ସ୍ୱତନ୍ତ୍ରତା ବଜାୟ ରହିଛି। ସାହିପାଳି, ଘରୁଆ ପାଳିସହିତ ଥାନାପାଳିର ବ୍ୟବସ୍ଥା ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଗାଁ ଗହଳିରେ ପାଳନ ହୋଇ ଆସୁଥିବା ଅନେକ ପରମ୍ପରା ମଧ୍ୟରୁ ବେଗୁନିଆର ଦଧିବାମନ ଜୀଉଙ୍କ ଚନ୍ଦନଯାତ୍ରା ଅନ୍ୟତମ। କାହିଁ କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଥିବା ଏହି ଯାତ୍ରା ସ୍ୱତନ୍ତ୍ରତା ବଜାୟ ରଖିଛି।

ଅକ୍ଷୟ ତୃତୀୟାଠାରୁ ୨୧ଦିନ ଧରି ଦିନ ଓ ରାତିରେ ସ୍ଥାନୀୟ ବଡ଼ପୋଖରୀରେ ଠାକୁରଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଆଟପ ପଟୁଆରରେ ଶ୍ରଦ୍ଧାଳୁମାନେ ବିମାନରେ ଚଳନ୍ତି ପ୍ରତିମାଙ୍କୁ ନେଇ ପୋଖରୀ ଜଳରାଶିରେ ଚାପ ଖେଳୁଥିଲେ। ମଦନମୋହନ, ଶ୍ରୀଦେବୀ(ଲକ୍ଷ୍ମୀ) ଏବଂ ଭୂଦେବୀ(ସରସ୍ୱତୀ)ଙ୍କ ପ୍ରତିମାଙ୍କୁ ସେଠାରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ସନ୍ଧ୍ୟାରେ ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ନାମ ସଂକୀର୍ତ୍ତନ, ପ୍ରବଚନ, ଦାସକାଠିଆ, ରାମନାଟକ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ବିଭୋର ହୋଇଥିଲେ। ତେବେ ଖଞ୍ଜି ବ୍ୟବସ୍ଥା ଅନୁଯାୟୀ ୧୫ଦିନ ପର୍ଯ୍ୟନ୍ତ ଘରୁଆପାଳି ପାଳନ କରିଥିଲେ। ଯେଉଁ ଶ୍ରଦ୍ଧାଳୁ ପାଳି ଚଳାଇବା ପାଇଁ ମାନସିକ



ମନ୍ଦିରରେ ପୂଜା ପାଉଥିବା ଦଧିବାମନ ଦେବ।

କରିଥିବେ ସେହିଦିନର ସମସ୍ତ ଖର୍ଚ୍ଚ ସେ ବହନ କରନ୍ତି ବୋଲି କମିଟି ପକ୍ଷରୁ ସ୍ଥିର କରାଯାଇଛି। ସେହିପରି ଅନ୍ୟ ୬ଦିନ ମଧ୍ୟରୁ ଗ୍ରାମର ୫ସାହି ୫ପାଳି ଚଳାଇଥିଲେ। ଅବଶିଷ୍ଟ ଥିବା ଗୋଟିଏ ପାଳିର ଖଞ୍ଜ(ସମ୍ପର୍କ) ବ୍ୟବସ୍ଥାର ଏକ ସ୍ୱତନ୍ତ୍ରତା ରହିଛି। ସମସ୍ତ ପାଳିଠାରୁ ଏହି ପାଳି ଦିନ ଜାକଜମକରେ ଯାତ୍ରାକୁ ପାଳନ କରାଯାଏ। ବାଜା, ବାଣ ସହ ଠାକୁରଙ୍କୁ ଦୋଳ ବିମାନରେ ବସାଇ ଆଟପ ପଟୁଆରରେ ବଜାର ଓ ସାହି ପରିକ୍ରମା କରାଯାଏ। ଥାନା କର୍ମଚାରୀମାନେ ନିଜସ୍ୱ ପାଣ୍ଠିରୁ ଅର୍ଥ ଆଦାୟ କରି ଏହି ପାଳି ତୁଲାଇ ଆସୁଛନ୍ତି। ବାଘବାଘୁଣୀ,ବୁଢ଼ାବୁଢ଼ୀ ବେଶ, କଳଘୋଡ଼ା ନୃତ୍ୟ ପରିବେଷଣ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ସୂଚନାଥାଉ କି, ଠାକୁରଙ୍କର ୪୨ଦିନ ଧରି ଚନ୍ଦନ ଯାତ୍ରା ପାଳନ ହୋଇଥାଏ। ୨୧ଦିନ ଧରି ବାହାର ଚନ୍ଦନ ଯାତ୍ରା ଶେଷ ହୋଇଥିଲା। ମଙ୍ଗଳବାରଠାରୁ ୨୧ ଦିନ ଧରି ଭିତର ଯାତ୍ରା ମନ୍ଦିରରେ ପାଳନ ହେବ।

# ଓଟିଇଟିକୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧ

**ବେଗୁନିଆ,୨୦।୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ପ୍ରାଥମିକ ବିଦ୍ୟାଳୟ ଏବଂ ଜିଲା ପରିଷଦ ଶିକ୍ଷକ ସଂଘ ପକ୍ଷରୁ ଓଟିଇଟିକୁ ବିରୋଧ କରାଯାଇଛି। ଯଦି ସରକାର ଏହାକୁ ବାଧ୍ୟତାମୂଳକ କରନ୍ତି, ତା'ହେଲେ କେନ୍ଦ୍ରୀୟ ହାରରେ ବେତନ ଦେବା ପାଇଁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ କାମ କରି ଅବସର ନେବା ସମୟରେ ସରକାରଙ୍କ ଏଭଳି ନିୟମ ମାନସିକ ନିର୍ଯାତନା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଟିଇଟି ୨୦୧୧ ଫେବୃଆରୀ ୧୧ତାରିଖ ପରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଥିଲେ। ଏବେ ଉକ୍ତ ତାରିଖ ପୂର୍ବରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ସରକାର ଓଟିଇଟି ପରୀକ୍ଷା ଦେବା ପାଇଁ ୨୨ତାରିଖ ଆବେଦନର ଶେଷ ତାରିଖ ରଖିଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ଆବେଦନ କରିବା ସମ୍ଭବ ହେଉନାହିଁ। ସରକାର ଶିକ୍ଷକମାନଙ୍କର ସମସ୍ୟାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରି ସହୃଦୟତାର ସହ ବିଚାର କରିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ନିବେଦନ କରିଛନ୍ତି।

# ଖେଳକୁଦ ମନ, ଶରୀରକୁ ସୁସ୍ଥ ରଖେ

**ଜଟଣୀ,୨୦।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀସ୍ଥିତ ଟାଉନ ହଲ୍(ସ୍ରଷ୍ଟା) ପରିସରରେ ଖୋର୍ଦ୍ଧା ଟାଏକୋଣ୍ଡୋ ଆସୋସିଏଶନ ଏବଂ ଏସ୍‌ଏମ୍‌ଏସ୍ ମାର୍ଶଲ ଆର୍ଟ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଖୋର୍ଦ୍ଧା ଜିଲାସ୍ତରୀୟ କିରୋଗୀ ଓ ପୁମସି ଟାଏକୋଣ୍ଡୋ ପ୍ରତିଯୋଗିତା, ଟାଏକୋଣ୍ଡୋ କଲର ବେଲ୍ଟ ପ୍ରମୋଶନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସୁପର ସବଜୁନିଅର, ସବଜୁନିଅର, କ୍ୟାଡେଟ, ଜୁନିଅର ଏବଂ ସିନିଅର କାଟାଗୋରୀରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ



ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ଆନ୍ତର୍ଜାତିକ ଟାଏକୋଣ୍ଡୋ ମାଷ୍ଟର ତଥା ସାଧାରଣ ସମ୍ପାଦକ ଓଡ଼ିଶା ଟାଏକୋଣ୍ଡୋ ସଂଘର ମନମୋହନ ଭଞ୍ଜ ଯୋଗଦେଇଥିଲେ। ଖେଳକୁଦ ଦ୍ୱାରା ମନ ଓ ଶରୀର ସୁସ୍ଥ ରହିବା ସହିତ ସାମାଜିକସ୍ଥିତରେ ମଧ୍ୟ ସୁଫଳ ମିଳିଥାଏ ବୋଲି ଭଞ୍ଜ କହିଥିଲେ। ସମାପନୀ ସମାରୋହରେ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ଅଜୟ ସାହୁ ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀ, ପ୍ରଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବଣ୍ଟନ କରାଯାଇଥିଲା।

# ୧୭ଦଫା ଦାବିରେ ସିପିଆଇ(ଏମ୍)ର ବିକ୍ଷୋଭ

**ଟାଙ୍ଗୀ,୨୦।୫(ରଘୁନାଥ ସାହୁ)**

ଟାଙ୍ଗୀ ସିପିଆଇ (ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରୁ ଏହି ବିକ୍ଷୋଭ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ପରେ ୧୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ବିରୋଧ ୪ଟି ଶ୍ରମକୋଡକୁ ବାତିଲ, ସମସ୍ତ ଠିକା କିମ୍ବା, ଅସଙ୍ଗଠିତ ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା ଘୋଷଣା, ୟୁନିଅନ ପଞ୍ଜୀକରଣ ପାଇଁ ଆବେଦନ କରିବାର ୪୫ଦିନ ମଧ୍ୟରେ ପଞ୍ଜୀକରଣ ଏବଂ ପ୍ରତିବର୍ଷ ଭାରତର ଶ୍ରମ ସମ୍ମିଳନୀ କରିବା ପାଇଁ ବ୍ୟବସ୍ଥା, ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ପିଇବା ପାଣିର ପରିଚ୍ଛନ୍ନତା ନିଶ୍ଚିତ କରିବା ସହ ନୂତନ ଶିକ୍ଷା ଆଇନ ୨୦୨୦କୁ ବାତିଲ ଏଭଳି ମୋଟ୍ ୧୭ଟି ଦାବି ରହିଛି। କମିଟି ସମ୍ପାଦକ ବିଧୁଭୂଷଣ ମହାରଣା, ଲକ୍ଷ୍ମଣ ବେହେରା, ଅଶୋକ ମାନ୍ଧାତା, ନୃସିଂହ ଦଳାଇ, ବ୍ରଜ କିଶୋର ଜେନା, ବ୍ରଜ ଘଡ଼େଇ, ବ୍ରହ୍ମା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସିଆନ ମାର୍ଶଲଆର୍ଟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବିଶ୍ୱରଞ୍ଜନଙ୍କୁ କାଂସ୍ୟ

**ଖୋର୍ଦ୍ଧା,୨୦।୫(ପ୍ରଭାତ ପାଣିଗ୍ରାହୀ)**

ନେପାଳର କାଠମାଣ୍ଡୁଠାରେ ଗତ ୧୬ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ଏସିଆନ ମାର୍ସଲଆର୍ଟର ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସିନିୟର ବାଳକ ବିଭାଗରେ ଏକେଏସ୍ ଟାଏକୋଣ୍ଡୋ ଏକାଡେମୀର ବିଶ୍ୱରଞ୍ଜନ ଅମରଦୀପ ଏସିଆନ ମାର୍ଶଲଆର୍ଟର ଟାଏକୋଣ୍ଡୋ ପ୍ରତିଯୋଗିତା ପୁମ୍ସେ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରି ଏସିଆ ମହାଦେଶରେ ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି। ବିଶ୍ୱରଞ୍ଜନଙ୍କ ଏହି କୃତିତ୍ୱ ପାଇଁ ରାଜ୍ୟରେ ଖୁସିର ଲହରି ଖେଳିଯାଇଛି। ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନର ପ୍ରତିଷ୍ଠାତା ତଥା ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଅନ୍ତର୍ଜାତୀୟ ପ୍ରଶିକ୍ଷକ, ବିଶ୍ୱ ଟାଏକୋଣ୍ଡୋ ମହାସଂଘର ବିଚାରକ ଅଶୋକ ସାହୁ ଏବଂ ଦଳ ସଞ୍ଚାଳକ ଭାରତୀ ଜଗଦ୍ଦେବଙ୍କ ନେତୃତ୍ୱରେ ସଫଳତା ହାସଲ କରି ଭାରତକୁ ଗୌରବାନ୍ୱିତ କରିଛନ୍ତି। ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଗ୍ରାମର ଦିଲୀପ କୁମାର ସାହୁ ଓ କଳ୍ପନା ମହାନ୍ତିଙ୍କ ସାନପୁଅ




ବିଶ୍ୱରଞ୍ଜନ। ସେ କଟକର ଦି ଲ' ଆଇନ ମହାବିଦ୍ୟାଳୟର ଶେଷବର୍ଷର ଛାତ୍ର। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ବିଶ୍ୱରଞ୍ଜନଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଖସୁଛି ପଥର, କୁଆକୁଣ୍ଡ ଭୁଶୁଡ଼ିବା ଆଶଙ୍କା

**ଖୋର୍ଦ୍ଧା,୨୦।୫(ପ୍ରଭାତ ପାଣିଗ୍ରାହୀ)**

**ଅଟ୍ରି ଉଷ୍ଣ ପ୍ରସ୍ରବଣ**

- ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନି
- ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲା ବାଘମାରୀ ନିକଟ ଅଟ୍ରିଠାରେ ରହିଛି ଉଷ୍ଣ ପ୍ରସ୍ରବଣ। ନିକଟରେ ରହିଛି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ରାଜ୍ୟ ପର୍ଯ୍ୟଟନ ବିଭାଗ ମାନ୍ୟତାପ୍ରାପ୍ତ ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଅବହେଳାରୁ ଉଷ୍ମ ପ୍ରସ୍ରବଣ ଅବହେଳିତ ଅବସ୍ଥାରେ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପରିବେଶ ନଷ୍ଟ ହେବାକୁ ବସିଛି। ଉଷ୍ଣ ପ୍ରସ୍ରବଣ ମୁଖ୍ୟ ଆକର୍ଷଣ ଉବୁକା (କୁଆକୁଣ୍ଡ) ଉପଯୁକ୍ତ ମରାମତି ଅଭାବରୁ ଏହା ଦୟନୀୟ ଅବସ୍ଥାରେ ରହିଛି। ଏହାର ଭିତରପଟୁ ପଥର କ୍ଷୟ ହେବାରେ ଲାଗିଛି। କେତେବେଳେ ଭୁଶୁଡ଼ି ପଡିବ ଆଶଙ୍କା ପ୍ରକାଶ ପାଇଛି। ତେବେ ଭୁଶୁଡ଼ିବା ପୂର୍ବରୁ ଏହାର ଉପଯୁକ୍ତ ମରାମତି ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, କୁଆକୁଣ୍ଡରେ ଗରମ ଜଳର ଉବୁକା ଦର୍ଶନ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ ଦୁବ ତୁଳସୀ ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ତେବେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପରିବେଶ ସ୍ୱଚ୍ଛତା ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପର୍ଯ୍ୟଟନ ବିଭାଗର ଦୂରଦୃଷ୍ଟି ଅଭାବରୁ ଏହି ପର୍ଯ୍ୟଟନସ୍ଥଳ ଅସ୍ତିତ୍ୱ ହରାଇବାକୁ ବସିଛି। ଏ ସମ୍ପର୍କରେ ବେଗୁନିଆ ବିଧାୟକ ପ୍ରଦୀପ୍ର ସାହୁ କୁହନ୍ତି, କୁଆକୁଣ୍ଡ ବହୁ ପ୍ରାଚୀନ। ଏହାର ଭିତରପଟୁ ପଥର ଖସୁଥିବା ସମ୍ପର୍କରେ ଅବଗତ ରହିଛି। ଏହାର ପୁନରୁଦ୍ଧାର ଏବଂ ଉଷ୍ଣ ପ୍ରସ୍ରବଣର ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟଟନ ବିଭାଗ ସହ ଆଲୋଚନା କରିଛି। ଏହାର ଭିତ୍ତିଭୂମି ସୁଦୃଢ଼ ଲାଗି ଗୁରୁତ୍ୱ ଦିଆଯିବ।




ପୂର୍ବ ସରକାର ସମୟରେ ୪କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଗତବର୍ଷ ଅଗଷ୍ଟ ମାସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଓଡ଼ିଶା ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସ୍ଥାନ ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ସେହିପରି ବରିଷ୍ଠ ସେବାୟତ ଦିଲୀପ ପଣ୍ଡା କୁହନ୍ତି, ଏଠାରେ ରହିଥିବା ଉଷ୍ମ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳେ। ମକର ସଂକ୍ରାନ୍ତିରେ ପ୍ରଚଳିତ ପ୍ରଥା ଅନୁଯାୟୀ ବନ୍ଧ୍ୟାନାରୀମାନେ ବୁଡ଼ ପକାଇବାକୁ ଏଠାକୁ ଆସନ୍ତି। ଭୋରୁ ଉଷ୍ମ ପ୍ରସ୍ରବଣ ଦହଲ(ମାନସିକ କୁଣ୍ଡ)ରେ ଶତାଧିକ ମାନସିକଧାରୀ ମହିଳା ପୂଜକଙ୍କ ଠାରୁ ପାଦୁକ ଗ୍ରହଣ ପରେ ଗୁଆ ପକାଇ ଖୋଜନ୍ତି। ଏହା ହେଉଛି ଅଟ୍ରିର ଏକ ଅଭିନ୍ନ ପରମ୍ପରା। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

**ଆଜି ଛତିଶା ନିଯୋଗ ବୈଠକ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଜୁନ୍ ୧୨ ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୨୭ରେ ରଥଯାତ୍ରା ହେବ। ଏ ନେଇ ବୁଧବାର ଛତିଶା ନିଯୋଗ ବୈଠକ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହେବ। ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଛତିଶା ନିଯୋଗର ସମ୍ପାଦକ, ସଭାପତି, ଛତିଶା ନିଯୋଗ ମହାନାୟକ ଆଦି ଯୋଗଦେବେ। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରାର ନୀତି ନିର୍ଘଣ୍ଟ ଅନୁମୋଦନ ହେବା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

# ସରକାରୀ କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

## ଜବରଦଖଲ ସହ ଭଡ଼ାରେ ଲାଗିଥିଲା ଏକାଧିକ କ୍ୱାର୍ଟର୍ସ

ରାଜଧାନୀ ଭୁବନେଶ୍ୱରରେ ଅନେକ ସମୟରେ ସରକାରୀ ଜମି ଜବରଦଖଲ ଏକ ପ୍ରମୁଖ ପ୍ରସଙ୍ଗ ହୋଇ ଉଭା ହୋଇଥାଏ। ତେବେ ଜବରଦଖଲ ଏବେ କେବଳ ସରକାରୀ ଜମିରେ ସୀମିତ ନାହିଁ, ଜବରଦଖଲକାରୀଙ୍କ ନଜରରୁ ସରକାରୀ କ୍ୱାର୍ଟର୍ସ ମଧ୍ୟ ବାଦ୍ ପଡ଼ିନାହିଁ। ଏନେଇ ଖବର ମିଳିବା ପରେ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି କ୍ରମରେ ମୋଟ୍ ୨୧୦ ସରକାରୀ କ୍ୱାର୍ଟର୍ସ ମଧ୍ୟରୁ ପ୍ରାୟ ୧୫ଟି କ୍ୱାର୍ଟର୍ସକୁ ଖାଲି କରାଯାଇଛି। ସେଥିମଧ୍ୟରୁ ୭ଟି କ୍ୱାର୍ଟର୍ସକୁ ସମ୍ପୂର୍ଣ୍ଣରୂପେ ଏବଂ ବାକି କ୍ୱାର୍ଟର୍ସକୁ ଆଂଶିକ ଖାଲି କରାଯାଇଛି। ୨୦୨୩ ପରଠାରୁ ଭୁବନେଶ୍ୱର ୟୁନିଟ-୨ ଅଞ୍ଚଳରେ ରିନୋଭେଶନ ପାଇଁ ଖାଲି କରାଯାଇଥିବା ୭୬୫ଟି କ୍ୱାର୍ଟର୍ସରୁ ୨୧୦ଟି କ୍ୱାର୍ଟର୍ସ ରହିଥିଲା। ସେଥିମଧ୍ୟରୁ ୯୦ଟି କ୍ୱାର୍ଟର୍ସର ଆଲଟ୍‌ମେଣ୍ଟ ରଦ୍ଦ ହୋଇଥିବାବେଳେ ସେଗୁଡ଼ିକୁ କେତେଜଣ ଖଳ ପ୍ରକୃତିର ଲୋକ ମାଡ଼ିବସିଥିଲେ। ସେହିପରି ସେଠାରେ ଯାବତୀୟ ବ୍ୟବସାୟ କରିବା ସହ ଘରଭଡ଼ା ଦେଇ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲେ। ସରକାରୀ କ୍ୱାର୍ଟର୍ସରେ ବେଧଡ଼କ ବ୍ୟବସାୟ ଚାଲିଥିଲା। କିଏ କନଭେନଶନ ହଲ ଓ କନଫରେନ୍ସ ରୁମ୍ କରି ମୋଟା ଅଙ୍କର ଭଡ଼ା ଆଦାୟ କରୁଥିଲେ ତ ଆଉ କେହି ଗୋଦାମ ଘର କରିଥିଲେ। ସେହିପରି କ୍ୟାଟରିଂ ବ୍ୟବସାୟ ପେଣ୍ଠସ୍ଥଳ ସହିତ ଫର୍ନିଚର ତିଆରି କାରଖାନା ଏବଂ ଫିଲ୍ମ ଶୁଟିଂ ହେଉଥିବା ମଧ୍ୟ ଜଣାପଡ଼ିଥିଲା। ଏନେଇ ଖବର ଜଣାପଡ଼ିବା ପରେ ଏବେ ସରକାରୀ କ୍ୱାର୍ଟର୍ସରେ ବର୍ଷବର୍ଷ ଧରି ଚାଲିଥିବା ଅନଧିକୃତ ଅକ୍ତିଆରକୁ ଜବରଦଖଲମୁକ୍ତ କରିବାକୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଛି। ଅପରପକ୍ଷେ ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ କୌଣସି ଅନିୟମିତତାକୁ ଗ୍ରହଣ କରାଯିବନି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ବେଳକୁ




ଜିଏ, ବିଡିଏ ଏବଂ ବିଏମ୍‌ସିର ଉଚ୍ଛେଦ ସ୍କ୍ୱାଡ୍ ମିଳିତ ଭାବେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ସ୍ଥାନୀୟ କେତେଜଣ ବ୍ୟକ୍ତି ଏକ ସରକାରୀ କ୍ୱାର୍ଟର୍ସକୁ ଜବରଦଖଲ କରି ରଖିଥିବାବେଳେ, ଏକାଧିକ କ୍ୱାର୍ଟର୍ସକୁ ଭଡ଼ାରେ ଲଗାଇ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ବହୁବର୍ଷ ଧରି କ୍ୱାର୍ଟର୍ସଗୁଡିକ ଖାଲି ପଡିଥିବାରୁ ଗୋଟିଏ କ୍ୱାର୍ଟର୍ସ ତାଲା ଭାଙ୍ଗି ସେମାନେ ଏହାକୁ ମାଡ଼ି ବସିଥିଲେ। ଏପରିକି ପ୍ରାୟ ୨୦୦ରୁ ଅଧିକ କ୍ୱାର୍ଟର୍ସକୁ ନିଜ ଅଧିକାରକୁ ନେଇ କେତେକ ବ୍ୟକ୍ତି ବ୍ୟବସାୟରେ ଲଗାଇଥିଲେ। ଜବରଦଖଲ ଉଚ୍ଛେଦ ସହ ଜବରଦଖଲକାରୀଙ୍କୁ ପଚରାଉଚରା କରିଥିଲେ ଉଚ୍ଛେଦକାରୀ ଟିମ୍। ଉଚ୍ଛେଦ ସମୟରେ ଅନେକ କ୍ୱାର୍ଟର୍ସରେ ତାଲା ପଡ଼ିଥିବାରୁ ଏହାକୁ ଭାଙ୍ଗି ପ୍ରଶାସନ ନୂଆ ତାଲା ପକାଇଥିବା ଦେଖିବାକୁ ମିଳିଛି। ଏସବୁ କ୍ୱାର୍ଟର୍ସରୁ ବେଆଇନ ବିଦ୍ୟୁତ ଓ ପାଣି ସଂଯୋଗକୁ ମଧ୍ୟ ବିଚ୍ଛିନ୍ନ କରିଦିଆଯାଇଛି। ଏନେଇ ଜଣେ ବିଡିଏ ଅଧିକାରୀ କହିଛନ୍ତି, ମୋଟ୍ ୨୧୦ଟି କ୍ୱାର୍ଟର୍ସ ମଧ୍ୟରୁ ୯୦ଟି କ୍ୱାର୍ଟର୍ସର ଆଲଟ୍‌ମେଣ୍ଟ ରଦ୍ଦ କରାଯାଇଛି। ସେଥିମଧ୍ୟରୁ ଏକାଧିକ କ୍ୱାର୍ଟର୍ସ ଏବେ ଜବରଦଖଲରେ ରହିଛି। ପ୍ରଥମଦିନ କିଛି କ୍ୱାର୍ଟର୍ସ ଖାଲି କରାଯାଇଥିବାବେଳେ ବୁଧବାର ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ। ଅନ୍ୟପକ୍ଷରେ କ୍ୱାର୍ଟର୍ସକୁ ଭଡ଼ା ଦେଇ ସେଠାରୁ ଟଙ୍କା ଆଦାୟ କରୁଥିବା ନେଇ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହେଉଥିବାବେଳେ ପ୍ରଶାସନ ତାଙ୍କ ବିରୋଧରେ କ'ଣ ପଦକ୍ଷେପ ନେଉଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି।



ଓଡ଼ିଶା ଗସ୍ତରେ ଆସିଥିବା ଇସ୍ରୋ ଚେୟାରମ୍ୟାନ୍ ଭି. ନାରାୟଣଙ୍କୁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ କରାଯାଉଛି।

# ମେଡିକାଲ, ଇଞ୍ଜିନିୟରିଂ ନାମଲେଖାରେ ସଂରକ୍ଷଣ ଦାବି

ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)

କ୍ୟାବିନେଟ ବୈଠକରେ ରାଜ୍ୟର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ଦିଆଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣକୁ ଓବିସି ଫୋରମ୍ ରାଜ୍ୟ କମିଟି ସ୍ୱାଗତ କରିଛି। ଚଳିତ ଶିକ୍ଷାବର୍ଷରୁ ପଛୁଆବର୍ଗ ପିଲାଙ୍କ ପାଇଁ ମେଡିକାଲ୍ ଓ ଇଞ୍ଜିନିୟରିଂ ନାମଲେଖା କ୍ଷେତ୍ରରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଦାବି ନେଇ ଓବିସି ଫୋରମ୍ ମଙ୍ଗଳବାର ରାଜ୍ୟପାଳଙ୍କୁ ଚିଠି ଲେଖିଛି।

ଫୋରମ୍‌ର ଅଧ୍ୟକ୍ଷ ରବି ବେହେରା ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୨୭% ପରିବର୍ତ୍ତେ ୧୧.୨୫% ସଂରକ୍ଷଣ ଲାଗୁ କରିଛନ୍ତି । କିନ୍ତୁ ମେଡିକାଲ୍, ଇଞ୍ଜିନିୟରିଂ ଶିକ୍ଷାରେ ଏହି ବର୍ଗର ଛାତ୍ରୀଛାତ୍ରଙ୍କ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇନାହିଁ। ଫଳରେ ବର୍ଷକୁ ହାରାହାରି ୬ଶହ ଓବିସି ବର୍ଗର ଛାତ୍ରୀଛାତ୍ର ମେଡିକାଲ୍ ଶିକ୍ଷା ଓ ୨୨ହଜାର ଛାତ୍ରୀଛାତ୍ର ଇଞ୍ଜିନିୟରିଂ ଶିକ୍ଷାରୁ ବଞ୍ଚିତ ହେବେ। ତେଣୁ ତୁରନ୍ତ ମେଡିକାଲ୍ ଓ ଇଞ୍ଜିନିୟରିଂ ଶିକ୍ଷାରେ ଚଳିତ ଶିକ୍ଷାବର୍ଷଠାରୁ ଓବିସି ସଂରକ୍ଷଣ ଲାଗୁ କରିବାକୁ ବେହେରା ଦାବି କରିଛନ୍ତି।

# ପ୍ରଫେସର କରୁଣାସାଗର ବେହେରାଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୦।୫(ସୌମ୍ୟରଞ୍ଜନ ରାଉତ)

ଐତିହାସିକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କରୁଣାସାଗର ବେହେରାଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କୋରାପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଫେସର ବେହେରାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ବିଷୟରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା ଓ ଯୁଗ୍ମସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାୟତ୍ରୀ ଦାସ ସ୍ୱାଗତ ସଙ୍ଗୀତ ଓ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ୧୭ ଦଫା ଦାବିରେ ବିଭିନ୍ନ ଶ୍ରମିକ ସଙ୍ଗଠନର ବିକ୍ଷୋଭ




ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଗାନ୍ଧୀମାର୍ଗଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ୧୭ ଦଫା ଦାବି ନେଇ ମଙ୍ଗଳବାର ଗାନ୍ଧୀମାର୍ଗଠାରେ ବିକ୍ଷୋଭ କରାଯାଇଛି। ଏହି କ୍ରମରେ ଜୁଲାଇ ୯ରେ ଦେଶବ୍ୟାପୀ ହେବାକୁ ଥିବା ହରତାଳକୁ ସଫଳ କରିବା ଲାଗି ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ୧୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍, ସେୱା, ୟୁଟିୟୁସି ଏବଂ ସ୍ୱାଧୀନ ଫେଡେରେଶନ ପକ୍ଷରୁ ଶୋଭାଯାତ୍ରା ବାହାରି ଗାନ୍ଧୀମାର୍ଗଠାରେ ପ୍ରତିବାଦ ସଭା କରାଯାଇଥିଲା। ଶ୍ରମକୋଡ୍ ବାତିଲ, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ପ୍ରତି ୫ବର୍ଷରେ ମଜୁରି ବୃଦ୍ଧି, ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ, କୃଷକଙ୍କ ଏମ୍‌ଏସ୍‌ପିକୁ ଆଇନ ପରିସରଭୁକ୍ତ କରିବା, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ଦେବା ଆଦି ଦାବି ଉପସ୍ଥାପନ ହୋଇଥିଲା। ସଭାରେ ଆଇଏନ୍‌ଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଖି ଦେଶବ୍ୟାପୀ ହେବାକୁ ଥିବା ହରତାଳକୁ ଜୁଲାଇ ୯କୁ ଘୁଞ୍ଚାଯାଇଥିବା କହିଥିଲେ। ଏଥିସହ ହରତାଳ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସିଟିୟୁ ନେତା ଜୟନ୍ତ ଦାସ, ଏଚ୍‌ଏମ୍‌ଏସ୍ ସମ୍ପାଦକ ବି.ଏନ୍.ମହାପାତ୍ର, ସିଆଇଟିୟୁ ନେତା ରମେଶ ଜେନା, ଏଆଇୟୁଟିୟୁସି ନେତା ପୂର୍ଣ୍ଣ ବେହେରା, ଏଆଇସିସିଟିୟୁ ନେତା ରାଧାକାନ୍ତ ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ।

# ବାରଙ୍ଗ ତହସିଲ ପକ୍ଷରୁ ଲଟ୍‌କା ଜାରି

ତ୍ରିଶୂଳିଆ,୨୦।୫(ତୁଷାରକାନ୍ତ ବେହେରା)

## ସରକାରୀ ଜାଗାରେ ଘର କରିବା ପଡ଼ିଲା ମହଙ୍ଗା

ବାରଙ୍ଗ ତହସିଲ ଅଧୀନ ନରାଜ-ମାର୍ଥାପୁର ଗ୍ରାମପଞ୍ଚାୟତରେ ସରକାରୀ ଜାଗାରେ ବେଆଇନ ଗୃହ ନିର୍ମାଣ ଉପରେ ତହସିଲ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ତହସିଲରୁ ବାରମ୍ବାର ଯାଉଥିବା ନୋଟିସ୍ କେହି ନ ରଖିବାରୁ ମଙ୍ଗଳବାର 'ଖ' ଫର୍ମ ମାଧ୍ୟମରେ ଲଟକା ଜାରି କରାଯାଇଛି। ଏଥିସହ ସରକାରୀ ଜାଗା ଗ୍ରାମ୍ୟ ଉନ୍ନୟନ ଜାଗାରେ ନବନିର୍ମିତ ଗୃହକୁ ବାଜ୍ୟାପ୍ତି ଘୋଷଣା କରାଯାଇଛି। ଯଦି ଆଗାମୀ ଦିନରେ କେହି ଉକ୍ତ ଜାଗାରେ କୌଣସି କାର୍ଯ୍ୟ କରନ୍ତି, ତେବେ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ତୁଷାର ଜ୍ୟୋତିରଞ୍ଜନ କହିଛନ୍ତି।

ସୂଚନା ମୁତାବକ, ବର୍ଷକ ପୂର୍ବେ ନରାଜ-ମାର୍ଥାପୁର ଅଞ୍ଚଳରେ ଥିବା ସରକାରୀ ଜମିରେ ନିର୍ମିତ କିଛି ଜବରଦଖଲ ଗୃହକୁ ତହସିଲ ତରଫରୁ ଉଚ୍ଛେଦ କରାଯାଇଥିଲା। କିଛି ଦିନ ଚୁପ୍ ରହିବା ପରେ ଜମି ମାଫିଆମାନେ କିଛି ମାସ ହେବ ପୁନର୍ବାର ସକ୍ରିୟ ହୋଇଥିବା ନେଇ ଗ୍ରାମବାସୀ ବାରଙ୍ଗ ତହସିଲରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ବାରଙ୍ଗ ତହସିଲଦାର ଏହାର ତଦନ୍ତ କରି ଗତ ମାସେ ତଳେ ଚିଠି ସଂଖ୍ୟା ୧/୫୮, ଖାତା ନଂ. ୫୬୬, ପ୍ଲଟ ନମ୍ବର ୧୦୩୧, ଯାହା କି ସରକାରୀ ଗ୍ରାମ୍ୟ ଉନ୍ନତି ଜାଗା (ରକ୍ଷିତ) ଜାଣି 'କ' ଓ 'ଗ' ଫର୍ମ ମାଧ୍ୟମରେ ନୋଟିସ୍ ଜାରି କରିଥିଲେ। ଗତ ୪ ଓ ୫ ତାରିଖରେ ଘର ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ହାଜିର ପାଇଁ ନିର୍ଦ୍ଦେଶ ହୋଇଥିଲା। ହେଲେ କେହି ହାଜିର ନ ହେବା ସହ ତହସିଲ ପକ୍ଷରୁ ଯାଉଥିବା ବାରମ୍ବାର ନୋଟିସ୍‌କୁ ନ ରଖି ଘର କାମ ଚାଲୁ ରଖିଥିଲେ। ତେବେ ମଙ୍ଗଳବାର ତହସିଲଦାରଙ୍କ ନିର୍ଦ୍ଦେଶରେ ଏଆର୍‌ଆଇ ଛବିନ୍ଦ୍ର ସେଠୀ ଉକ୍ତ ସ୍ଥାନରେ 'ଖ' ଫର୍ମ ମାଧ୍ୟମରେ ଲଟକା ଜାରି କରି ଏହାକୁ ବାଜ୍ୟାପ୍ତି ଘୋଷଣା କରିଛନ୍ତି।

# ରଘୁନାଥପୁରରେ ପରାକ୍ରମ ଶୋଭାଯାତ୍ରା

ତ୍ରିଶୂଳିଆ,୨୦।୫ (ତୁଷାରକାନ୍ତ ବେହେରା)

ଅପରେଶନ ସିନ୍ଦୂରରେ ଭାରତୀୟ ସୈନ୍ୟବାହିନୀର ବୀରତ୍ୱକୁ ସମ୍ମାନ ଜଣାଇ ରଘୁନାଥପୁର ପଞ୍ଚାୟତର ଭାଜପା ସୋମନାଥ ଗ୍ରାମୀଣମଣ୍ଡଳ ପକ୍ଷରୁ ମଙ୍ଗଳବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ ଏହାର ନେତୃତ୍ୱ ନେଇଥିଲେ। ଏହି ଶୋଭାଯାତ୍ରା ରଘୁନାଥପୁରରୁ ବାହାରି ମା' ଦୁଲାଦେଈ ମନ୍ଦିରଠାରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ସୋମନାଥ ମଣ୍ଡଳ ସଭାପତି ସଞ୍ଜୟ ପତି, ଦାଢ଼ା ସରପଞ୍ଚ ନିଶିପଦ୍ମା କାଣ୍ଡି, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ରଘୁନାଥପୁର ଗ୍ରାମ ମୁରବି ରତ୍ନାକର ପରିଡ଼ା, ବସନ୍ତ ରାଉତଙ୍କ ସମେତ ୫ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ବିଏମ୍‌ସି ଅଫିସ ଘେରିଲେ ସଫେଇ କର୍ମଚାରୀ




ବିଏମ୍‌ସି ୱାର୍କର୍ସ ୟୁନିୟନ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର,୨୦।୫(ବନ୍ଦନା ସେଠୀ)

## ୧୩ ଦଫା ଦାବି ପୂରଣ ପାଇଁ ଆହ୍ୱାନ

ସିଆଇଟିୟୁ ଦ୍ୱାରା ସହବନ୍ଧିତ ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ପକ୍ଷରୁ ୧୩ ଦଫା ଦାବି ନେଇ ସଫେଇ କର୍ମଚାରୀମାନେ ମଙ୍ଗଳବାର ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ସୁରେଶ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ର ସରକାର ଜନବିରୋଧୀ ୪ଟି ଶ୍ରମକୋଡ୍ ବାତିଲ କରି ପୂର୍ବଭଳି ୪୪ ଶ୍ରମ ଆଇନ୍ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏଥିସହ ମାସିକ ୨୦ ହଜାର ଟଙ୍କା ବେତନ ପ୍ରଦାନ ସହ ବିଏମ୍‌ସି ଶ୍ରମିକମାନଙ୍କର ଦାବିଗୁଡିକୁ ମହାନଗର ନିଗମ କର୍ତ୍ତୃପକ୍ଷ ବିଚାର କରି ତୁରନ୍ତ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ୟୁନିୟନର ଉପସଭାପତି ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ସମ୍ପାଦକ ବିଦେଶୀ ନାୟକ, ବାଇଧର ନାୟକ, ଉଷା ନାୟକ, କୁନ୍ତଳା ଦିଗଲ ଓ ମଣ୍ଟୁ ନାୟକଙ୍କୁ ନେଇ ଗଠିତ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରିଥିଲେ। ସମାନ କାମକୁ ସମାନ ଦରମା ନ୍ୟାୟରେ ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ କରିବା, ବୋନସ ଆଇନ ଅନୁଯାୟୀ ବୋନସ ଦେବା, ସେଫ୍ଟି ପୋଷାକ ସହ ଜୋତା ଓ ମାସ୍କ ପ୍ରଦାନ କରିବା, ଗ୍ରାଚ୍ୟୁଇଟି, ଇପିଏଫ୍, ଇଏସ୍‌ଆଇ ସମେତ ବାର୍ଷିକ ୫ହଜାର ଟଙ୍କା ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଇତ୍ୟାଦି ୧୩ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଦାବିଗୁଡ଼ିକ ଉପରେ ବିଚାର କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ୟୁନିୟନ ଉପସଭାପତି ସତ୍ୟାନନ୍ଦ ବେହେରାଙ୍କ ସଂଯୋଜନାରେ ବିକ୍ଷୋଭରେ ଶ୍ରମିକ ନେତା ପ୍ରଭାତ ପାଣିଗ୍ରାହୀ, ଡିୱାଇଏଫ୍‌ଆଇ ରାଜ୍ୟ ସଭାପତି ଯତୀନ ମହାନ୍ତି, ଏସ୍‌ଏଫ୍‌ଆଇ ରାଜ୍ୟ ନେତା ଶୁଭ୍ରାଂଶୁ ଉଦ୍‌ଗାତା ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ଦାବି ପୂରଣ ପାଇଁ ଆହ୍ୱାନ ଦେଇଥିଲେ।

# ଯୁବତୀ, ମାଈଁ, ୨ ଭାଇଙ୍କ ସମେତ ୭ ଗିରଫ

ଭୁବନେଶ୍ୱର,୨୦।୫(ସତ୍ୟଜିତ ରାଉତ)

## ଏସିଡ୍ ମାଡ଼ ଧମକର ନୂଆ ମୋଡ଼

- ମିଛ ଅଭିଯୋଗ କରିଥିବା ତଦନ୍ତରୁ ଜଣାପଡ଼ିଲା
- ଅଟକ ସୁନୀଲଙ୍କୁ ଛାଡ଼ିଲା ପୋଲିସ




ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

ଶହୀଦନଗର ଥାନା ଅଞ୍ଚଳରେ ଏକତରଫା ପ୍ରେମକୁ ନେଇ ଏସିଡ୍ ମାଡ଼ ଧମକ ଘଟଣାରେ ନୂଆ ମୋଡ଼ ସୃଷ୍ଟି ହୋଇଛି। ଗଣମାଧ୍ୟମରେ ପୀଡ଼ିତା ସାଜି ଯେଉଁ ଯୁବତୀ ଜଣକ ସୁନୀଲ କୁମାର ସେଠୀଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ, ସେ ନିଜେ ଅଭିଯୁକ୍ତ ବୋଲି ପୋଲିସ ତଦନ୍ତ ପରେ ମଙ୍ଗଳବାର ସ୍ପଷ୍ଟ କରିଛି। ସୁନୀଲଙ୍କୁ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଆକ୍ରମଣ କରିବା ସହ ମାଡ଼ ମାରିଥିବା ଜଣାପଡ଼ିଛି। ଏପରିକି ଏସିଡ୍ ମାଡ଼ ଧମକ ଘଟଣା ମିଛ ବୋଲି ପୋଲିସ କହିଛି। ସୁନୀଲଙ୍କ ମା'ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୪୦/୨୦୨୫) ରୁଜୁ କରି ମଙ୍ଗଳବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରେମିକା, ତାଙ୍କ ମାଈଁ ଓ ଦୁଇ ଭାଇଙ୍କ ସମେତ ୭ଜଣଙ୍କୁ ପୋଲିସ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିର ଜାନକୀ ବେହେରା ଓରଫ ପିଙ୍କି (୨୧), ମାଈଁ କବିତା ନାୟକ (୩୪), ଭାଇ ମୁନା ଓରଫ ମାନସ କୁମାର ବେହେରା (୨୮), କୁନା ଓରଫ ପଦ୍ମନାଭ ବେହେରା (୨୩), ମାମୁ ରବି ଓରଫ ସୌମ୍ୟରଞ୍ଜନ ସାମଲ (୨୬), ସହଯୋଗୀ ରମାକାନ୍ତ ବେହେରା ଓରଫ ମନୁ (୩୬) ଏବଂ ଲୋକେଶ ବେହେରା ଓରଫ ଟିଙ୍କିଲି (୩୭)। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ନିର୍ଦ୍ଦୋଷ ସୁନୀଲଙ୍କୁ ପୋଲିସ ଛାଡ଼ିଦେଇଛି।

ପୋଲିସ ସୂଚନା ଅନୁଯାୟୀ, ସୁନୀଲ ଓ ଜାନକୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଜାନକୀ ଜାତିଗତ ପାର୍ଥକ୍ୟ ଯୋଗୁ ବିବାହ କରିବାକୁ ପ୍ରଥମେ ମନା କରିଦେଇଥିଲେ। ସୁନୀଲ ଅନ୍ୟ ଜଣଙ୍କୁ ବିବାହ କରିବା ପରେ ସେମାନଙ୍କ ସମ୍ପର୍କ ପୁଣି ଆରମ୍ଭ ହୋଇଥିଲା। ସୁନୀଲଙ୍କଠାରୁ ଅଧିକାଂଶ ସମୟରେ ଜାନକୀ ଟଙ୍କା ଆଦାୟ କରୁଥିଲେ। ଏଥିପାଇଁ ସୁନୀଲଙ୍କ ସହ ଘରୋଇ କଳହ ସୃଷ୍ଟି ହୋଇଥିଲା। ପରେ ସେ ତାଙ୍କ ସ୍ତ୍ରୀଙ୍କଠାରୁ ଅଲଗା ହୋଇଯାଇଥିଲେ। ସୁନୀଲଙ୍କୁ ଭୁବନେଶ୍ୱର ଆସିବାକୁ ସୋମବାର ଜାନକୀ ଅନୁରୋଧ କରିଥିଲେ। ଶେଷ ଦେଖା ବାହାନାରେ ସୁନୀଲ ତାଙ୍କ ମା'ଙ୍କୁ ଜଣାଇ ଜଣେ ବନ୍ଧୁଙ୍କ ସହ ପଥରବନ୍ଧ ବସ୍ତିକୁ ଯାଇଥିଲେ। ସେଠାରେ ଜାନକୀ, ମାଈଁ, ଦୁଇ ଭାଇ ଓ ଅନ୍ୟମାନେ ସୁନୀଲଙ୍କୁ ବଳପୂର୍ବକ ପାଖ ପଡ଼ିଆକୁ ନେଇଯାଇଥିଲେ। ସେଠାରେ ସେମାନେ ସୁନୀଲଙ୍କୁ ମାରପିଟ୍ କରିଥିଲେ। ଗାଳିଗୁଲଜ କରିବା ସହ ସୁନୀଲଙ୍କ ମୋବାଇଲ୍ ଫୋନ୍ ଭାଙ୍ଗିଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତମାନେ ସୁନୀଲଙ୍କ ଦ୍ୱାରା ଆକ୍ରମଣ ହୋଇଥିବା ନେଇ ଥାନାରେ ମିଥ୍ୟା ଅଭିଯୋଗ କରିଥିଲେ। ସୋସିଆଲ ମିଡିଆରେ ସୁନୀଲ ଓ ଜାନକୀଙ୍କ ଫଟୋ ଭାଇରାଲ ହୋଇଥିଲା। ଅଭିଯୁକ୍ତମାନେ ସୁନୀଲଙ୍କୁ ଅପହରଣ ଏବଂ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ରଚିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବାକୁ ପୋଲିସ ଉଦ୍ୟମ ଚଳାଇଛି।

## ଫଟୋରେ ଖବର



ଚନ୍ଦନ ଯାତ୍ରା ଅବସରରେ ମଙ୍ଗଳବାର ବିନ୍ଦୁ ସାଗରରେ ପ୍ରଭୁ ଶ୍ରୀଲିଙ୍ଗରାଜ ଚାପ ଖେଳୁଛନ୍ତି।




ତୁର୍କୀ ଓ ଚାଇନା ସାମଗ୍ରୀ ବର୍ଜନ ଦାବିରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ରସୁଲଗଡ଼ ଛକଠାରେ ବିକ୍ଷୋଭ ।




ମହିଳା ସମନ୍ୱୟ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ରାଜମହଲଠାରୁ ବାହାରିଥିବା ଶୌର୍ଯ୍ୟଯାତ୍ରା। (ଫଟୋ: ମନୋରଞ୍ଜନ ମିଶ୍ର)

**ଅସହ୍ୟ ରୌଦ୍ରତାପ ସତ୍ତ୍ୱେ ବିଦେଶୀ ପକ୍ଷୀ ଗାଁ ଛାଡୁନାହାନ୍ତି**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-ଶୀତରତୁ ଆସିଲେ ଚିଲିକାକୁ ବିଭିନ୍ନ ଦେଶରୁ ଭିନ୍ନ ଭିନ୍ନ ପ୍ରଜାତିର ଲକ୍ଷାଧିକ ବିଦେଶୀ ପକ୍ଷୀ ଆସି ଚିଲିକାର ସୌନ୍ଦର୍ଯ୍ୟ ବଢ଼ାଇଥାନ୍ତି। ପକ୍ଷୀମାନେ ଶୀତରତୁ ଶେଷ ହେବା ପରେ ନିଜ ନିଜ ଦେଶକୁ ଫେରିଯାଇଥାନ୍ତି, କିନ୍ତୁ ଅସହ୍ୟ ରୌଦ୍ରତାପ ସତ୍ତ୍ୱେ ଚିଲିକା ଉପକୂଳବର୍ତ୍ତୀ କଣାସ ଅଞ୍ଚଳର ବିଭିନ୍ନ ଗ୍ରାମର ଧାନ ବିଲରେ ଖାଦ୍ୟ ଅନ୍ୱେଷଣରେ ବିଦେଶୀ ପକ୍ଷୀମାନେ ବୁଲୁଥିବା ଦେଖିବାକୁ ମିଳୁଛି। ପକ୍ଷୀମାନେ ବୁଲୁଥିବା ସୁଯୋଗ ନେଇ କେତେଜଣ ବ୍ୟକ୍ତି ନିଶାଦ୍ରବ୍ୟ ଦେବା ଏବଂ ଫାଶୀଜାଲ ବସାଇ ପକ୍ଷୀମାନଙ୍କୁ ଧରି ନେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଚିଲିକାର ପକ୍ଷୀ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ପକ୍ଷୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୫।୨୦୨୫

| | |
|---|---|
| ୪,୯୫,୪୧୦ ଟଙ୍କା | |
| ସୁନା | ୧.୪୫୦ ଗ୍ରାମ୍ |
| ରୁପା | ୬.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଆଜି ଛତିଶା ନିଯୋଗ ବୈଠକ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ଜୁନ୍ ୧୨ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୨୭ରେ ରଥଯାତ୍ରା ହେବ। ତେଣୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ନେଇ ବୁଧବାର ଛତିଶା ନିଯୋଗ ବୈଠକ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହେବ। ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଛତିଶା ନିଯୋଗର ସମ୍ପାଦକ, ସଭାପତି, ଛତିଶା ନିଯୋଗ ମହାନାୟକ ଆଦି ଯୋଗଦାନ କରିବେ। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରାର ନୀତି ନିର୍ଘଣ୍ଟ ଅନୁମୋଦନ ହେବା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

### ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା କାର୍, ୪ ଆହତ

ଗୋପ,୨୦।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଭାରସାମ୍ୟ ହରାଇ ଏକ କାର୍ (ଓଡି ୦୨ ବିଡବ୍ଲ୍ୟୁ ୪୪୦୪) ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଛି। ଫଳରେ ଚାଳକଙ୍କ ସମେତ ୪ ଜଣ ଆହତ ହୋଇଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ସମସ୍ତଙ୍କୁ ଭୁବନେଶ୍ୱର ପଠାଯାଇଥିବା ଜଣାପଡ଼ିଛି। ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତ୍ରିରେ ଜଗତ୍‌ସିଂହପୁର ଅଞ୍ଚଳର ଗୋଟିଏ ପରିବାରର ୪ ଜଣ ପୁରୀ, କୋଣାର୍କ ବୁଲିବାକୁ ଆସିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ସମସ୍ତେ ପରଦିନ ଗାଁକୁ ଫେରୁଥିଲେ। କିନ୍ତୁ ପାଣିଛତ୍ର ନିକଟରେ ଏହି ବିଦ୍ୟୁତ୍ ଖୁଣ୍ଟରେ କାର୍ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୪ ଜଣଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚାଳକ ଅଭୟ ସାମଲ (୨୫), ଜ୍ୟୋତି ରଞ୍ଜନ ସାହୁ (୨୮) ଗୁରୁତର ହୋଇ ଥିବାବେଳେ ନନ୍ଦିନୀ ସାମଲ (୨୩)ଙ୍କ ସହିତ ଆଉ ଜଣେ ଯୁବତୀ ଆହତ ହୋଇଥିଲେ। ଡ୍ୟୁଟିରେ ଥିବା ଡା. ସବ୍ୟସାଚୀ ସ୍ୱାଇଁ ପ୍ରାଥମିକ ଚିକିତ୍ସା କରାଇ ସେମାନଙ୍କୁ ଭୁବନେଶ୍ୱର ପଠାଇଥିଲେ, ମାତ୍ର ଜ୍ୟୋତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିବା ଜଣାପଡ଼ିଛି।

### ଘର ସମ୍ମୁଖରୁ ବାଇକ୍ ଚୋରି

ଅସ୍ତରଙ୍ଗ,୨୦।୫(ମମତା ଜେନା)

କାକଟପୁର ସେବକ ସାହିର ସୁକାନ୍ତ କୁମାର ଦାଶଙ୍କ ଘର ସମ୍ମୁଖରୁ ଗତ ସୋମବାର ତାଙ୍କ ବାଇକ୍ ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ସିସିଟିଭି ଯାଞ୍ଚରୁ ଗାଡ଼ି ଚୋରିର ଦୃଶ୍ୟକୁ ଆଧାର କରି ତଦନ୍ତ ଚଳାଇଛି। ଏ ପର୍ଯ୍ୟନ୍ତ ଗାଡ଼ି ଖୋଜିବାରେ ପୋଲିସ ସଫଳ ହୋଇନାହିଁ। ମା' ମଙ୍ଗଳାଙ୍କ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଥିବା ଜଣାପଡ଼ିଛି। ଅଞ୍ଚଳରୁ ଅନେକ ଗାଡ଼ି ଚୋରି ହେଉଛି। ଏ ଦିଗରେ ପୁରୀ ଏସ୍‌ପି ତୁରନ୍ତ ଦୃଷ୍ଟି ଦେବାକୁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ୭ କୋଟି ବ୍ୟୟରେ ୨୨ ପ୍ରକଳ୍ପର ଭିତ୍ତିପ୍ରସ୍ତର

ନିମାପଡ଼ା,୨୦।୫(ବିଚିତ୍ରାନନ୍ଦ ସାହୁ)



ଉପମୁଖ୍ୟମନ୍ତ୍ରୀ ନାଗବସ୍ତ ହାଇସ୍କୁଲଠାରେ ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନିମାପଡ଼ା ବ୍ଲକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାରାଥନ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ୫ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ୨୧ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ରଚିଲୋ ବରୁଣି ଛକଠାରେ ୭ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଅଙ୍ଗନୱାଡ଼ି ଗୃହର ଉଦ୍‌ଘାଟନ, ଜଳ ସମ୍ପଦ ବିଭାଗର ୪୧ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟରେ ନିମାପଡ଼ା ମା' ଦକ୍ଷିଣକାଳୀ ମନ୍ଦିର ନିକଟ କୁଶଭଦ୍ରା ନଦୀବନ୍ଧର ଉନ୍ନତୀକରଣ, ନିମାପଡ଼ା ଜଳ ସମ୍ପଦ ବିଭାଗ ଉପଖଣ୍ଡର ୨ କୋଟି ୮୫ ଲକ୍ଷ ବ୍ୟୟରେ ମୋଟ ୧୧ଟି ନଦୀବନ୍ଧ, କେନାଲ ବନ୍ଧ କାର୍ଯ୍ୟ ଓ ପ୍ରାଚୀ ଡିଭିଜନର ୨ କୋଟି ୮ ଲକ୍ଷ ଟଙ୍କା ବ୍ୟୟରେ ଅଂଶାଲୋ ଶାଖା କେନାଲର ଉନ୍ନତୀକରଣ ଓ ଆର୍‌ସିସି ଟ୍ରଫ୍ ୱାଲ ନିର୍ମାଣ କାର୍ଯ୍ୟ ପାଇଁ ଉପମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଭିଜିତ୍ ଷଡ଼ଙ୍ଗୀ, ନାଗବସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ନିମାପଡ଼ା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା, ହେମାମାଳିନୀ ପତି, ଜଳ ସମ୍ପଦ ବିଭାଗର କେନ୍ଦ୍ରୀୟ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାକେଶ ମହାନ୍ତି, ପ୍ରାଚୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀ, କିଶୋର ଚନ୍ଦ୍ର ବେହେରା, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସିଇଓ ଚିନ୍ମୟ ଦାସ ପ୍ରମୁଖ ଯୋଗଦେଇଥିଲେ।

**ବଳଙ୍ଗା,(କେଦାରେଶ୍ୱର ନନ୍ଦ):** ବଳଙ୍ଗା ନିକଟସ୍ଥ ଭାର୍ଗବୀ ନଦୀବନ୍ଧର ନରୁଡ଼ା ଓ ସାହାଡ଼ାପଡ଼ାଠାରେ ୧ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ନରୁଡ଼ା ଓ ସାହାଡ଼ାପଡ଼ାଠାରେ ନଦୀବନ୍ଧର ସୁରକ୍ଷା ପାଇଁ ପଥର ପ୍ୟାକିଂ କାର୍ଯ୍ୟର ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର, ଗଡ଼ଚାନ୍ଦପୁରଠାରେ ବାଲିବସ୍ତ ମାଇନର ଗାଡୱାଲ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସମାରୋହରେ ନିମାପଡ଼ା ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧିକାରୀ ସଂଗ୍ରାମ ମହାନ୍ତି, ଭାଜପା ନେତା ପ୍ରସନ୍ନ ଦାଶ, ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ ଓ ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ):** ଜଳ ସମ୍ପଦ ବିଭାଗ ଅଧୀନ ଗୋପ ମାଇନର କେନାଲ ପାର୍ଶ୍ୱରେ ୧ କୋଟି ୧୩ ଲକ୍ଷ ଟଙ୍କାରେ ୪ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି କେନାଲ ମଧ୍ୟରେ କୁଶଭଦ୍ରା ନଦୀ ଦକ୍ଷିଣ ନଦୀବନ୍ଧ ଉନ୍ନତୀକରଣ, ଗୋପ ମାଇନର କେନାଲ ଦକ୍ଷିଣ ପାର୍ଶ୍ୱ ବନ୍ଧର ଉନ୍ନତୀକରଣ, ଛଇତନା ଡିଷ୍ଟ୍ରିବ୍ୟୁଟାରି ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ ଓ ବେଗୁନିଆ ଡିଷ୍ଟ୍ରିବ୍ୟୁଟାରି ସୁରକ୍ଷା କାର୍ଯ୍ୟର ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ।

ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗୋପଠାରେ ୪ଟି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ସୋମବାର ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଷ୍ଟାଣ୍ଡପୋଷ୍ଟକୁ ବିଳମ୍ବିତ ରାତ୍ରିରେ କେହି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଏହି ଫଳକ ଲଗାଯିବାକୁ ଥିବା ଷ୍ଟାଣ୍ଡପୋଷ୍ଟକୁ ପୁର୍ନବାର ନିର୍ମାଣ କରାଯିବା ପରେ ଅପରାହ୍ନରେ ଶିଳାନ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା।

## ରଥଖଳାରୁ...

### ଚକ ନିର୍ମାଣ ସହ ଭୂଇଁ ଚଉଡା କାର୍ଯ୍ୟ ଜାରି



ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ବିଂଶତମ ଦିବସରେ ରଥଖଳାରେ ତିନିରଥର ଚକ ନିର୍ମାଣ ସହ ଭୂଇଁ ଚଉଡା, ଖମ୍ବି ଏବଂ ନିରାଡ଼ି କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ମଙ୍ଗଳବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ଶେଷ ହୋଇଥିବା ଚକଗୁଡ଼ିକୁ ଆଣି ବାହାର ରଥଖଳାରେ ରଖିଥିଲେ। ତିନିରଥର ଭୂଇଁ ନିର୍ମାଣରେ ଆବଶ୍ୟକ ଅଂଶଗୁଡ଼ିକ ପ୍ରସ୍ତୁତ ପାଇଁ ପ୍ରଥମ ଦଫାରେ ୪ଟି ଲେଖାଏଁ ଆବଶ୍ୟକ ୨୦ ଫୁଟିଆ ଧଉରା, ଅସନ କାଠ ଭୋଇ ସେବକଙ୍କ ସହାୟତାରେ ଆଣିଥିଲେ। ମହାରଣା ସେବକମାନେ ଉକ୍ତ କାଠଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନି ରଥର ୧୧ଟି ଲେଖାଏ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି, ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କରୁଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଦର୍ପଦଳନ ରଥର ୧୨ ଚକ ପାଇଁ ପନ୍ଦାରି, ବଳା ଏବଂ ଅର କଣ୍ଟା ନିର୍ମାଣ ଶେଷକରି ଗୟଳ କଣ୍ଟା ଏବଂ ଦଣ୍ଡା କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ସେହିପରି ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥର ଅରକଣ୍ଟା, ପନ୍ଦାରିବଳା ଶେଷ କରି ଗୟଳ କଣ୍ଟା ଏବଂ ଦଣ୍ଡା କଣ୍ଟା ନିର୍ମାଣ ଚଳାଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରୁହ




ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ସଦ୍‌ଭାବନା ସଭାଗୃହଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇ ଜଳ ସମ୍ପଦ, ଡ୍ରେନେଜ ଡିଭିଜନ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ଅତ୍ୟାବଶ୍ୟକ ସାମଗ୍ରୀ ସମ୍ପର୍କରେ ପ୍ରସ୍ତାବମାନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲାପାଳ ସ୍ୱାଇଁ ପରାମର୍ଶ ଦେଇଥିଲେ।

ବିଶେଷକରି ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଜଳସମ୍ପଦ ବିଭାଗ ନଦୀବନ୍ଧ ସୁଦୃଢ଼ କରିବା, ମରାମତି କରିବା, ବିଭିନ୍ନ ସାମଗ୍ରୀ ମହଜୁଦ୍ ରଖିବା, ଡ୍ରେନେଜ୍ ଡିଭିଜନ ପକ୍ଷରୁ ଦଳ ସଫା କରିବା, ଦୁର୍ବଳ ବ୍ରିଜ୍‌ଗୁଡ଼ିକୁ ମରାମତି କରିବାକୁ ଏକ ଯୁଗ୍ମ କମିଟି ଗଠନ କରି ଦୃଢ଼ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ନିଷ୍ପତ୍ତି ଅନୁସାରେ ଜିଲାରେ ଅହୋରାତ୍ର ଜରୁରୀ ବିଭାଗ ପାଇଁ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ ଓ ବିଡିଓ, ତହସିଲଦାରମାନେ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରଦାନ କରିବେ। ଜିଲାରେ ୨୬ଟି ଏସ୍‌ଆରସି ବୋଟ ରହିଛି, ଓଏସ୍‌ଡିଏମ୍‌ଏ (ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି)ପକ୍ଷରୁ ୧୭୦ଟି ବାତ୍ୟା ଆଶ୍ରୟସ୍ଥଳ ଓ ରେଡ୍‌କ୍ରସ୍ ପକ୍ଷରୁ ୯ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ସେହିପରି ୩୭୧ଟି ବିକଳ୍ପ ଆଶ୍ରୟସ୍ଥଳ ମଧ୍ୟ ରହିଛି। ସରକାର ଓ ଏସ୍‌ଆର୍‌ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ଠିକ୍ ଭାବେ ଅନୁପାଳନ କରିବାକୁ ସ୍ୱାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଏମ୍‌ପି, ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଆୟୁଷ ଡାକ୍ତରଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତରମାନେ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବଦଳି କରାଯାଉ ନ ଥିବା ଅଭିଯୋଗ କରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଜିଲାରେ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିଯୁକ୍ତ ହୋଇଥିବା ଆୟୁଷ ଡାକ୍ତରମାନେ ଦୀର୍ଘବର୍ଷ ହେବ ବଦଳି ହୋଇନାହାନ୍ତି। ଫଳରେ ସେମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଅପରାହ୍ନରେ କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। ସପ୍ତାହକୁ ୬ ଦିନ କାର୍ଯ୍ୟ କରୁନାହାନ୍ତି। ଫଳରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ତେଣୁ ରୋଗୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆୟୁଷ ଡାକ୍ତରମାନଙ୍କୁ ବଦଳି ହେବାର ଆବଶ୍ୟକ ରହିଛି ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଗୋଟମା ହେବା ପୂର୍ବରୁ କଟାଯାଉଛି ତାଳସଜ



ଜଣେ ବେପାରୀ ତାଳସଜ ବେପାର କରୁଛନ୍ତି।

ଅସ୍ତରଙ୍ଗ,୨୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାଜ୍ୟରେ ବହୁ କୋଟି ତାଳ ଗଛ ଲଗାଯିବ। ସେଥିରୁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ମଧ୍ୟ ତାଳ ଗଛ ଚାରାରୋପଣ କରାଯାଇଛି, ଏହାସହ ଆଗକୁ ମଧ୍ୟ କରାଯିବ। କିନ୍ତୁ ବୃକ୍ଷ ରୋପଣ ଗୋଟେ ପଟେ ହେଉଥିବା ବେଳେ ତାଳଗଛ ପାଇଁ ଗୋଟମା ଆବଶ୍ୟକ। ଏହି ତାଳ ଗୋଟମା ତାଳ ପାଚିଲେ ଅର୍ଥାତ ସେପ୍ଟେମ୍ବର ଶେଷ ବେଳକୁ ଉପଲବ୍ଧ ହେବ। ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ତାଳଗଛରୁ ତାହାର ଛୋଟ ଫଳ, ଯାହା ତାଳସଜ ନାମରେ ନାମିତ ତାକୁ ବ୍ୟବସାୟୀ ଲୋଭରେ କାଟି ପକାଉଛନ୍ତି। ଅବଶ୍ୟ ତାଳସଜ ଏହି ସିଜିନ୍‌ରେ ବେଶ ଆଦୃତ। ଭବିଷ୍ୟତ ବଂଶ ବୃଦ୍ଧି ପାଇଁ ପ୍ରତିଗଛରେ ଅନ୍ତତଃ ଗୋଟିଏ କାନ୍ଦି ତାଳ ମଞ୍ଜି ପାଇଁ ଛାଡୁନାହାନ୍ତି।

ଅନ୍ୟପକ୍ଷରେ ଏବେ ସମୟ ଆସିଛି, ଘର ତିଆରି ପାଇଁ ତାଳଗଛ ନ କାଟି ଜୀବନ ରକ୍ଷା ପାଇଁ ତାଳ ଗଛ ଲଗାଇବା ଜରୁରୀ। ଅଳ୍ପଦିନ ହେବ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ବଜ୍ରପାତ ଜନିତ ମୃତ୍ୟୁ ହୋଇଛି। ଏଭଳି ପରିସ୍ଥିତିରେ ତାଳ ଗୋଟମାରୁ ସୃଷ୍ଟି ତାଳଗଛ ଗାଁରେ ଏକ ପ୍ରାକୃତିକ ସୁରକ୍ଷା ଢାଲ ଭାବେ କାମ କରୁଛି। ଏହା ଏକ ପାରମ୍ପରିକ ଲାଇଟନିଂ ଭାବେ କାମ କରେ, ଯାହା ଗାଁ ଓ ଘରଗୁଡ଼ିକର ସୁରକ୍ଷା କରେ। ତାଳ ଗଛର ଉଚ୍ଚତା ଓ ଏହାର ପ୍ରାକୃତିକ ଗୁଣ ବିଜୁଳିର ଶକ୍ତିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏହାଦ୍ୱାରା ଆଖପାଖ ଘର ଓ ମଣିଷ, ପଶୁସମ୍ପଦ ବିଜୁଳି ଆଘାତରୁ ରକ୍ଷା ପାଇଥାନ୍ତି। ଏହି ପଦ୍ଧତି ବୈଜ୍ଞାନିକ ଭାବେ ଠିକ ଏବଂ ଖର୍ଚ୍ଚ କମ୍ ହେବା ସହ ପରିବେଶ ଅନୁକୂଳ ମଧ୍ୟ। ଏହା ଗ୍ରାମାଞ୍ଚଳରେ ଏକ ସହଜ ଓ ସୁଲଭ ବିକଳ୍ପ ଭାବେ କାମ କରୁଛି। ସରକାର ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ତାଳଗଛ ସଂରକ୍ଷଣ ଆଇନ ଆଣିଛନ୍ତି ଏବଂ ତାଳଗଛ କାଟିବାକୁ ନିଷେଧ କରିଛନ୍ତି।

# ଜିଲା କୋର୍ଟ ସ୍ଥାନାନ୍ତର ବିରୋଧରେ ଶୋଭାଯାତ୍ରା

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)




ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ସହ ସିଂହଦ୍ୱାରଠାରେ ମାନବ ଶୃଙ୍ଖଳ କରାଯାଇଛି।

ପୁରୀ ଜିଲା କୋର୍ଟ ସ୍ଥାନାନ୍ତର ବିରୋଧରେ ପୁରୀ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ସହ ସିଂହଦ୍ୱାରଠାରେ ମାନବ ଶୃଙ୍ଖଳ କରାଯାଇଛି। ଜିଲା ଜଜ୍ କୋର୍ଟ ପରିସରର ଐତିହ୍ୟ କୋଠା ବର୍ଷବର୍ଷ ଧରି ଲୋକଙ୍କ ସେବା କରିଆସିଛି। ଜିଲା ବିଭକ୍ତୀକରଣ ପରେ ଗ୍ରାମ୍ୟ ପରିସର ଓ ବ୍ଲକସ୍ତରରେ କୋର୍ଟ ଗଢ଼ି ଉଠିଛି। ବର୍ତ୍ତମାନ ପୁରୀ ଜିଲା କୋର୍ଟକୁ ବାଲୁଖଣ୍ଡକୁ ସ୍ଥାନାନ୍ତର ଉଦ୍ଦେଶ୍ୟରେ ୫ ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି, ଯାହାକି ସିଆର୍‌ଜେଡ୍ (କୋଷ୍ଟାଲ୍ ରେଗୁଲେଶନ ଜୋନ୍), ଇକୋ, ସେନ୍‌ସେଟିଭ, ମଧୁରଜଳ ଅଞ୍ଚଳରେ ଯାଉଛି ବୋଲି ତହସିଲଦାରଙ୍କ ରିପୋର୍ଟରୁ ଜଣାଯାଇଛି।

ସେହି ଜାଗାକୁ ସ୍ଥାନାନ୍ତର ବିରୋଧରେ ଜିଲା ଓକିଲ ସଂଘ ଗତ ଫେବୃଆରୀ ୨୮ରୁ ସତ୍ୟାଗ୍ରହ ଆରମ୍ଭ କରିଛି। କୋର୍ଟ ନିକଟରେ ତହସିଲ, ଡିଆର୍‌ଡିଏ (ଡିଷ୍ଟ୍ରିକ୍ଟ ରୁରାଲ୍ ଡେଭଲପମେଣ୍ଟ ଏଜେନ୍ସି) ଓ ଉପଜିଲାପାଳଙ୍କ କୋଠା ଭଗ୍ନ ଅବସ୍ଥାରେ ଥିବାରୁ କୋର୍ଟ ପାଇଁ ଏହି ଜମିକୁ ସରକାର ଦେଲେ କୋର୍ଟ ପାଇଁ ଆବଶ୍ୟକ ଜମି ପୂରଣ ହୋଇପାରିବ। ସେଥିପାଇଁ ସଂଘ ପୂର୍ବରୁ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଏମ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଶୋଭାଯାତ୍ରାରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ଜୟଦେବ ମିଶ୍ର, ଅନୀଲ ରାୟ, ଆଦିତ୍ୟ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ରୁଦ୍ର ନନ୍ଦନ ମିଶ୍ର, ପୁଷ୍କର ମହାପାତ୍ର, ଶୁଭେନ୍ଦୁ ଦାଶ, ରମେଶ ପ୍ରସାଦ, ସୋମନାଥ ଦାସ, ସାରଦା ପ୍ରସାଦ ସାମଲ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ସମୀର ଘୋଷ, ଜ୍ୟୋତି ରାଉତରାୟ, ବିଭୂତି ତ୍ରିପାଠୀ, କାଳୀ ନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ, ସୁକାନ୍ତ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ଗୋପାଳ ପଣ୍ଡା, ଶ୍ରୀକାନ୍ତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ ସ୍ଥାନୀୟ ଗାନ୍ଧୀଘାଟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସଦସ୍ୟ ଏବଂ ସାହିତ୍ୟପ୍ରେମୀଙ୍କ ଗହଣରେ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ପୂର୍ବତନ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର, ସୁଭଦ୍ରା ଆର୍ଟ ଗ୍ୟାଲେରିର ଚେୟାରମ୍ୟାନ ସୂର୍ଯ୍ୟ ରଥଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ କରାଯାଇଛି। ଖବରଦାତା ବିଶ୍ୱାମିତ୍ର ମିଶ୍ରଙ୍କୁ ସମ୍ପାଦକ, ସେହିପରି ବିଜୟକୃଷ୍ଣ ବ୍ରହ୍ମା, ମିନତି ରଥ, କବି ଶୈଳବାଳା ମହାପାତ୍ର ଓ ଶିବପ୍ରସାଦ ମିଶ୍ରଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଥିବା ବେଳେ ବିଶ୍ୱପ୍ରୀତ ମିଶ୍ର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏକ୍‌ଜିକ୍ୟୁଟିଭ୍ କମିଟିରେ ଶିବ ପ୍ରସାଦ ମହାପାତ୍ର, ଅନିଲ କୁମାର ସାହୁ, ଧଡୁ ମହାପାତ୍ର, ଚିତ୍ରଲେଖା ମିଶ୍ର ଓ ଗୌରବ ମିଶ୍ରଙ୍କୁ ରଖାଯାଇଛି। ବୈଠକ ଅବସରରେ ଆଗାମୀ ଦିନରେ ପୁରୀର ହଜିଯାଇଥିବା ମହାନ୍ ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ମହାପାତ୍ର ପ୍ରକାଶ କରିଥିଲେ।

## ହଳଦୀପାଣି ସହ ସରିଲା ବାହାର ଚନ୍ଦନଯାତ୍ରା

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନଯାତ୍ରା ମଙ୍ଗଳବାର ହଳଦୀପାଣି ନୀତି ସହ ଶେଷ ହୋଇଛି। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନୌକାବିହାର କରିଥାନ୍ତି। ବାହାର ଚନ୍ଦନଯାତ୍ରାର ୨୧ତମ ଦିବସକୁ ହଳଦୀପାଣି ବୋଲି କୁହାଯାଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେକରିବା ପରେ ସେଠାରେ ଭିତରଚ୍ଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଚାପ ଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଏବଂ ଭଦ୍ରାକୁ ବିଜେ କରିଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ମଧ୍ୟ ଠାକୁରଙ୍କ ଦିନ ଚାପ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଏକ ଘେରା ପରିକ୍ରମାକରି ନୌକାବିହାର କରିଥିଲେ। ଦିନ ଚାପ ସରିବା ପରେ ମହାଜନ ସେବକମାନେ ହସ୍ତରେ ବଡ଼ଚାପ ବା ଭଦ୍ରା ଚାପରୁ (ନାଲି ଚାପ) ରାମକୃଷ୍ଣଙ୍କୁ ଆଣି ମଦନମୋହନ ବିଜେ କରିଥିବା ଧଳାଚାପ ବା ନନ୍ଦାକୁ ବିଜେ କରାଯାଇଥିଲା। ସେଠାରେ ହଳଦୀପାଣି ନୀତି ସମ୍ପନ୍ନ ହୋଇଥିଲା। ପରେ ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ଚନ୍ଦନଚକଡ଼ାକୁ ବିଜେ କରାଯାଇଥିଲା। ସେଠାରେ ମଇଲମ ଆଦି ନୀତି ସମ୍ପାଦନା କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁରମାନଙ୍କୁ ଆଳତି କରାଯାଇଥିଲା। ସମସ୍ତ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହଳଦୀପାଣି ଦିନ ରାତି ଚାପ ହୋଇ ନ ଥାଏ।

## ଫଟୋରେ ଖବର





ଚନ୍ଦନ ଯାତ୍ରାର ଶେଷ ପର୍ବରେ ମଙ୍ଗଳବାର ନନ୍ଦା ଓ ଭଦ୍ରା ନରେନ୍ଦ୍ର ପୁଷ୍କରିଣୀରେ ଶେଷ ଚାପ ଖେଳୁଛନ୍ତି।



ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ମଦନମୋହନଙ୍କ ସହ ପଞ୍ଚପାଣ୍ଡବ ଚାପ ଖେଳିବାକୁ ଯାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୪ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୪ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୃପାସିନ୍ଧୁ ବେହେରା ଓରଫ ରାଜା, ଦୀପକ ବେହେରା, ସୌମ୍ୟ ରଞ୍ଜନ ସାମଲ ଓରଫ ଧଣ୍ଡ ଓ ସୁନୀଲ ରାଜହଂସ। ସମସ୍ତ ଅଭିଯୁକ୍ତ ଚୌଦ୍ୱାର ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ ଚୌଦ୍ୱାର ଗୁପ୍ତେଶ୍ୱର ସାହିର ଯୋଗେଶ ଚନ୍ଦ୍ର ପରିଡ଼ା ଥାନାରେ ଅଭିଯୋଗ କରିଥିଲେ ଯେ କେତେଜଣ ଦୁର୍ବୃତ୍ତ ସୋମବାର ସନ୍ଧ୍ୟାରେ ତାଙ୍କ ପୁଅ ମନୋରଞ୍ଜନଙ୍କୁ ମରଣାତ୍ମକ ଆକ୍ରମଣ କରି ଗୁରୁତର କରିଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ୩୧୯/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

**ସଂକ୍ଷେପରେ**

## ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କର୍ମଚାରୀଙ୍କ ଧାରଣା

**କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରରେ ଠିକାସଂସ୍ଥା କର୍ମଚାରୀମାନେ ମଙ୍ଗଳବାର ଧାରଣାକୁ ଓହ୍ଲାଇଥିଲେ। ମେଡିକାଲ ପରିସରରେ ଥିବା ସହାୟତା କେନ୍ଦ୍ର ନିକଟରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପରର ପ୍ରାୟ ୨ଶହ କର୍ମଚାରୀ ଦରମା ପାଇ ନ ଥିବା ଯୋଗୁ ଅପରାହ୍ଣ ୨ଟାରେ ଧାରଣାରେ ବସିଥିଲେ। ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ମେଡିକାଲ ପରିସରରେ କାମ ଠପ୍ ହୋଇଯାଇଥିଲା। ତେବେ ମାସର ପ୍ରଥମ ସପ୍ତାହରେ ଦରମା ପାଉଥିବାବେଳେ ଚଳିତ ମାସ ୨୦ ତାରିଖ ଯାଏ ଦରମା ପାଇ ନ ଥିବାରୁ କର୍ମଚାରୀମାନେ ଧାରଣା ଦେଇଥିଲେ। ଧାରଣା ଦେବାର ପ୍ରାୟ ଦୁଇ ଘଣ୍ଟା ସମୟରେ ଦରମା ପାଇବାରୁ ଧାରଣାରୁ ପ୍ରତ୍ୟାହୃତ କରିଥିବା ନେଇ ଧାରଣାରେ ଥିବା କର୍ମଚାରୀ ଜୈନେକ ସୂଚନା ଦେଇଛନ୍ତି। ସୂଚନାଥାଉକି, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କ୍ୟୁଏସ୍ ସଂସ୍ଥା ନାମକ ଘରୋଇ ସଂସ୍ଥାରେ ଠିକାରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପରର କର୍ମଚାରୀ ନିଯୁକ୍ତି ପାଇଥାନ୍ତି।

## ଦେଶୀମଦ, ଗୋଟିଏ ବାଇକ୍ ଜବତ: ୩ ଗିରଫ

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୨୦।୫ (ମାନସ ସାମଲ/ଆଶୁତୋଷ ଦାସ)**

ଦେଶୀମଦ ବିକ୍ରି ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ସପନପୁର ଗ୍ରାମର ଜ୍ଞାନରଞ୍ଜନ ଯେଠି, ଭଟିମୁଣ୍ଡା ଗ୍ରାମର ନାରାୟଣ ମଲ୍ଲିକ ଓ ପ୍ରମୋଦ ମଲ୍ଲିକ। ସେମାନଙ୍କଠାରୁ ଗୋଟିଏ ବାଇକ ଓ ୧୫୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜ୍ଞାନେନ୍ଦ୍ର ମୁଖ୍ୟ ସହଯୋଗୀ ଭରତ ଯେଠି ଫେରାର ଅଛନ୍ତି। ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଚୌଦାର ଅବକାରୀ ବିଭାଗ ପକ୍ଷର ଟାଙ୍ଗୀ-ଚୌଦ୍ୱାର ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ସୋମବାର ସକାଳୁ ଚଢାଉ କରାଯାଇଥିଲା। ଯାଞ୍ଚରେ ୩ଟି ସ୍ଥାନରୁ ବେଆଇନ ଦେଶୀମଦ ବେପାରୀ ଦୌଡି ପଳେଇବାକୁ ଚେଷ୍ଟା କରିବାରୁ ୩ଜଣଙ୍କୁ ଅବକାରୀ ବିଭାଗ କାବୁ କରି ନେଇଥିଲେ। ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଚଢାଉରେ ଇନ୍ସପେକ୍ଟର ମାନସୀ ନାୟକ , ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ୪ଜଣ କନଷ୍ଟେବଳ ସାମିଲ ଥିଲେ।

## ମେଧା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**କଟକ ସଦର,୨୦।୫(ସୁଶାନ୍ତ କୁମାର ଜେନା)**

ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ୨୦୨୫ ମାଟ୍ରିକ ପରୀକ୍ଷାରେ ୪୨ ମୌଜାରେ ଅବସ୍ଥିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସର୍ବୋତ୍ତମ ନମ୍ବର ରଖି ଏ -୧, ଏ-୨ ଏବଂ ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ବିଦ୍ୟାଳୟ ଟପ୍ପରମାନଙ୍କୁ ବେଷ୍ଟକୋରଠାରେ ସୋମବାର ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିଷ୍ଠାନ ସଭାପତି ଇଂ. ଅଶୋକ ବିଶାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୧୪ଜଣ ବିଦ୍ୟାର୍ଥୀଙ୍କ ସହିତ ଫିଫ୍ଟି ବଲ ଜୁନିୟର ନ୍ୟାଶନାଲ ଚାମ୍ପିୟନ ଲିଗ୍-୨୦୨୫ ପଞ୍ଜାବରେ ଖେଳିଥିବା ୪୨ ମୌଜାର ୩ଜଣ ଉଦୀୟମାନ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ଟ୍ରଫି, ପୁସ୍ତକ ଆଦି ବଟକୃଷ୍ଣ ମେମୋରିଆଲ ଟ୍ରଷ୍ଟ ତରଫରୁ ପ୍ରଦାନ କରାଯାଇଛ। ଏଥିରେ ମୁଖ୍ୟଅତିଥି ଭାବେ ଚୈତନ୍ୟ ରାଉତ, ମୁଖ୍ୟବକ୍ତା ଚିତ୍ତରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଡଃ ଶେଖ କଲିମୁଲ୍ଲା, ପାର୍ବତୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ନିଶିକନ୍ୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ରୁଦ୍ରନାରାୟଣ ଦାସ ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ଅଭୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକର୍ତ୍ତା ବିନୋଦ ବେହେରା, ରମେଶ ମଲ୍ଲିକ, ପ୍ରଧାପକ ପ୍ରଫୁଲ୍ଲ ଦାସ, ଭାସ୍କର ଦାସ, ନଟବର ବେହେରା, ଆଶୋକ ପଟ୍ଟନାୟକ, ଇଂ ଶ୍ରୀକାନ୍ତ ଏବଂ ପୁରସ୍କୃତ ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ଉପସଭାପତି ପ୍ରଭାତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତ୍ରୋପଚାର ବେଳେ ଚାଲିଗଲା ରୋଗୀଙ୍କ ଜୀବନ

**କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**

**ଥାନାରେ ଅଭିଯୋଗ ନ କରି ନେଇ ଗଲେ ମୃତଦେହ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ମଙ୍ଗଳବାର ଅସ୍ତ୍ରୋପଚାର ସମୟରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ଅସ୍ତ୍ରୋପଚାର ସମୟରେ ଆନାସ୍ଥେସିଆ ଠିକ୍ ଭାବେ ଦିଆଯାଇ ନ ଥିବାରୁ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯିବାରୁ ରୋଗୀଙ୍କ ମୃତ୍ୟୁ ଘଟିଛି। ହେଲେ ଥାନାରେ ଅଭିଯୋଗ ନ କରି ପରିବାର ଲୋକେ ମୃତଦେହ ନେଇଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଅଞ୍ଚଳର ଜୟନ୍ତ ଗୁଡୁ(୫୯) ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଗତ ୫ ତାରିଖରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ପରେ ମଙ୍ଗଳବାର ପୂର୍ବାହ୍ଣରେ ଜୟନ୍ତଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। କିଛି ସମୟ ପରେ ହଠାତ୍ ଡାକ୍ତର ଜୟନ୍ତଙ୍କ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁ ଏଭଳି ହୋଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ମୃତକଙ୍କ ଜଣେ ସମ୍ପର୍କୀୟ କହିଛନ୍ତି, ରୋଗୀ ଭଲ ଭାବେ ପରିବାର ଲୋକଙ୍କ ସହ କଥା ହୋଇ ଓଟିକୁ ଅସ୍ତ୍ରୋପଚାର ପାଇଁ ଯାଇଥିଲେ। ହେଲେ ଅସ୍ତ୍ରୋପଚାର ଆରମ୍ଭ ହେବାର କିଛି ସମୟରେ ଡାକ୍ତର କହିଥିଲେ ସେ ହାର୍ଟବିଟ୍ ବନ୍ଦ ହୋଇଯିବାରୁ ମୃତ୍ୟୁ ଘଟିଛି। ଆନାସ୍ଥେସିଆର ମାତ୍ରା ଠିକ୍ ନ ଥିବାରୁ ଏଭଳି ଘଟଣା ଘଟିଛି। ଥାନାରେ ମୃତଦେହ ରଖାଯିବ ଏବଂ ବ୍ୟବଚ୍ଛେଦ ଓ ଅନ୍ୟାନ୍ୟ ପ୍ରକ୍ରିୟା ବିଷୟରେ ଜାଣିବା ପରେ ଆମେ ଅଭିଯୋଗ ନ କରି ମୃତଦେହ ଘରକୁ ନେବାକୁ ସ୍ଥିର କରିଛୁ ବୋଲି କହିଛନ୍ତି। ଅନ୍ୟପଟେ କର୍କଟ କେନ୍ଦ୍ରର ଅଧୀକ୍ଷକ ପ୍ରଫେସର ଡା. ନୀହାରିକା ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ଏଭଳି ଅଭିଯୋଗ ହସ୍ତାନ୍ତର ହୋଇନାହିଁ। ଯଦିଓ ମେଡିକାଲର ଅନ୍ୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିବ, ସେ ନେଇ ପଚରାଉଚରା କରାଯିବ। ମେଡିକାଲରେ ଡାକ୍ତର ସର୍ବଦା ରୋଗୀଙ୍କ ହିତ ପାଇଁ କାର୍ଯ୍ୟ କରିଥାନ୍ତି। ଏଭଳି ଡାକ୍ତରଙ୍କୁ ବଦନାମ କରିବା ଅନୁଚିତ୍ ବୋଲି ପଣ୍ଡା କହିଛନ୍ତି। ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ କିମ୍ବା ଏଭଳି କୌଣସି ଘଟଣା ନଜରକୁ ଆସି ନାହିଁ।




ବିଭିନ୍ନ ଦାବି ନେଇ ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ନିକଟରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା ବୈଠକ

**କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଧିମେଇ ଯାଇଛି ଏସ୍‌ସିବି ସମ୍ପ୍ରସାରଣ। କାର୍ଯ୍ୟକୁ ଠିକ ଢଙ୍ଗରେ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ମଙ୍ଗଳବାର ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆର୍‌ଡିସି ବି. ପରମେଶ୍ୱର ଯୋଗଦେଇ ଏସ୍‌ସିବି କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାର କାର୍ଯ୍ୟ ଧିମେଇଛି। ମୁଖ୍ୟତଃ ବିଦ୍ୟୁତ୍ ବିଭାଗର କାମ ପଛେଇ ଥିବାବେଳେ ରେସିଡେନ୍ସିଆଲ କୋଠାରେ ମାତ୍ର ୬୦ ପ୍ରତିଶତ ଓ କ୍ଲିନିକାଲ କୋଠରେ ୫୫ ପ୍ରତିଶତ କାର୍ଯ୍ୟ ସରିଛି। ଯଥାଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, କୁଳସଚିବ ସୁବାଷ ରାଏଙ୍କ ସମେତ ଓବିସିସିର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀ ଶ୍ରୀ ମଦନମୋହନ ଦେବଙ୍କ ବଡ଼ଯାତ୍ରା ସମ୍ପନ୍ନ

**ତିଗିରିଆ,୨୦।୫(ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣା ଗ୍ରାମର ବଡ଼ସାହି ବିଜେ ପ୍ରଭୁ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରାରେ ମଙ୍ଗଳବାର ବଡ଼ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ବିଗ୍ରହ କୃତ୍ରିମ ହାତୀ ଉପରେ ବସି ଚନ୍ଦନ ପୋଖରୀକୁ ଚାପ ଖେଳିବାକୁ ଯାଇଥିଲେ। ପରେ କଳିବିରି ଗ୍ରାମର ସମସ୍ତ ୭ଟି ସାହି ବିମାନ ଯୋଗେ ପରିକ୍ରମା କରିଥିଲେ। ଏହି ସମୟରେ ପ୍ରତ୍ୟେକ ସାହି ବାସିନ୍ଦାଙ୍କ ଦ୍ୱାରା ଦାଣ୍ଡମଣୋହୀ ଭୋଗ ଲାଗି ହୋଇଥିଲା। ଏହି ଯାତ୍ରା ପାଇଁ ଗ୍ରାମର ସମସ୍ତ ୭ ସାହିର ଯାତ୍ରା କମିଟି ପକ୍ଷରୁ ଗ୍ରାମକୁ ଆକର୍ଷଣୀୟ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ଚନ୍ଦନ ଯାତ୍ରା ଉପଲକ୍ଷେ ତିଗିରିଆର ଏକ ପୂଜା ମଣ୍ଡପରେ ହୋଇଥିବା ମେଢ଼।

ଯାତ୍ରା କମିଟିର ଉପଦେଷ୍ଟା ମାନସ ରଞ୍ଜନ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁ, କୋଷାଧକ୍ଷ ମହାଦେବ ସାହୁ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

## ପରମହଂସ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଜି

**କଟକ ସଦର,୨୦।୫(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବୁଧବାର ଆଲୋଚନା ପାଇଁ ସ୍ୱତନ୍ତ୍ର ବୈଠକ କଟକ ସଦର ଉପଜିଲାପାଳ ଆହ୍ୱାନ କରିଛନ୍ତି। ଏହା ଉପରେ ପ୍ରଥମେ ଆଲୋଚନା କରାଯାଇ ଗୁପ୍ତ ମତଦାନ କରାଯିବ। ବୈଠକରେ ପଞ୍ଚାୟତ ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶଙ୍କ ଉପସ୍ଥିତି ନିହାତି ଆବଶ୍ୟକ। ଏହି ସଂଖ୍ୟାରୁ କମ ସଭ୍ୟାସଭ୍ୟ ଉପସ୍ଥିତ ରହିଲେ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରିବ ନାହିଁ ବୋଲି ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ ୧୯୬୪ରେ ଉଲ୍ଲେଖ ରହିଛି। ପଞ୍ଚାୟତରେ ୧୭ଜଣ ୱାର୍ଡ ସଭ୍ୟାସଭ୍ୟ ରହିଛନ୍ତି। ତେଣୁ ମ୍ୟାଜିକ ସଂଖ୍ୟା ୧୨ ଅଟେ। ଏହାଛଡା ସରପଞ୍ଚଙ୍କ ନିଜସ୍ୱ ଭୋଟ ଦେବାର ଅଧିକାର ରହିଛି। କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କୁ ସ୍ୱତନ୍ତ୍ର ବୈଠକ ପରିଚାଳନା ଓ ଭୋଟିଂ ପାଇଁ ସଦର ଉପଜିଲାପାଳ ନିଯୁକ୍ତି ଦେଇଛନ୍ତି। ଅନାସ୍ଥା ଭୋଟକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତି ୯ଟା ପରେ ପଞ୍ଚାୟତର ସମସ୍ତ ଦୋକାନ ବଜାର ବନ୍ଦ ରଖିବା ପାଇଁ କନ୍ଦରପୁର ପୋଲିସ କଟକଣା ଲାଗୁ କରିଛି। ଏହି କଟକଣା ବୁଧବାର ରାତିରେ ମଧ ଲାଗୁ ରହିବ। ପ୍ରବଳ ଗରମ ସତ୍ତ୍ୱେ ଏହି ଦୁଇ ଦିନ ରାତିରେ କେହି ନଦୀ, ନାଳ, ବନ୍ଧରେ ବୁଲିବା ଓ ଛକ ଜାଗାରେ ମେଳି କରିବାକୁ ବାରଣ କରାଯାଇଛି।

## 'ଓଡ଼ିଆ ଜାତିକୁ ଆଦର୍ଶର ବାର୍ତ୍ତା ଦେଇଛନ୍ତି ଉପେନ୍ଦ୍ର ଭଞ୍ଜ'

**କଟକ,୨୦।୫(କାର୍ତ୍ତିକ ସାହୁ)**

**୮୨ତମ ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା**

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ପ୍ରକୃତିର ବର୍ଣ୍ଣନା କାଳଜୟୀ। ଏହା ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଭଞ୍ଜଙ୍କ ସାହିତ୍ୟରେ ପ୍ରକୃତି ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବର୍ଣ୍ଣନା ରହିଛି ବୋଲି କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୨ତମ ଭଞ୍ଜ ଜୟନ୍ତୀର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ ମୁଖ୍ୟଅତିଥି ସିଏମ୍‌ସି ମେୟର ସୁବାସ ସିଂ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଉପେନ୍ଦ୍ର ଭଞ୍ଜ କାବ୍ୟ ଓ ସାହିତ୍ୟ ମାଧ୍ୟମରେ ଓଡ଼ିଆ ଜାତିକୁ ଆଦର୍ଶର ବାର୍ତ୍ତା ଦେଇଛନ୍ତି ବୋଲି କହିଥିଲେ। ଅଧ୍ୟାପକ ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ବକ୍ତା କାମରଜୁ ସାହାଣୀ, ଅଧ୍ୟାପକ ନଳିନୀ ପ୍ରଭା ଦାଶ, ଡ. ଅଂଶୁମାନ କର ପ୍ରମୁଖ ଭଞ୍ଜ ସାହିତ୍ୟରେ ପ୍ରକୃତି ଶୀର୍ଷକରେ ଆଲୋଚନା କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ, କାର୍ଯ୍ୟ ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ଅନୁଷ୍ଠାନର ସାହିତ୍ୟ ସାଧନା ଓ ଗବେଷଣା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ମହାନ୍ତି ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ଉପସଭାପତି ରଣଜିତ କର, ସାଗରିକ ପ୍ରହରାଜ, କିଶୋର ମହାନ୍ତି, ଶକ୍ତି ଶଙ୍କର ମହାନ୍ତି, ଜ୍ଞାନ ରଞ୍ଜନ ନନ୍ଦ, ଅନୁପ ମାର୍ଥା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟ ପ୍ରଜ୍ଞା ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଲକିପ୍ରଜ୍ଞା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।




୮୨ତମ ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ରଘୁନାଥପୁର ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା

**ତ୍ରିଶୂଳିଆ,୨୦।୫(ତୁଷାରକାନ୍ତ ବେହେରା)**

ଅପରେଶନ ସିନ୍ଦୂରରେ ସେନାର ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇ ୫ ପଞ୍ଚାୟତର ରଘୁନାଥପୁର ଗ୍ରାମପଞ୍ଚାୟତ ଭାଜପା ସୋମନାଥ ଗ୍ରାମୀଣ ମଣ୍ଡଳ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ କୁନାଲ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ସୈନ୍ୟବାହିନୀଙ୍କ ବୀରତ୍ୱର ଗାଥା ବଖାଣିଥିଲେ। ରଘୁନାଥପୁର ଗ୍ରାମ ପଞ୍ଚାୟତରୁ ଶୋଭାଯାତ୍ରା ବାହାରି ମା' ଦୁଲାଦେଇ ମନ୍ଦିରଠାରେ ଶେଷ ହୋଇଥିଲା। ସୋମନାଥ ମଣ୍ଡଳ ସଭାପତି ସଞ୍ଜୟ ପତି, ଦାଢ଼ା ସରପଞ୍ଚ ନିଶିପଦ୍ମା କାଣ୍ଡି, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ରଘୁନାଥପୁର ଗ୍ରାମ ମୁରବି ରତ୍ନାକର ପରିଡ଼ା, ବସନ୍ତ ରାଉତଙ୍କ ସମେତ ୫ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## କ୍ରିକେଟ: ଦାଦି କିଙ୍ଗ୍ ଚାମ୍ପିୟନ



ଚାମ୍ପିୟନ ଟ୍ରଫି ସହ ଉପସ୍ଥିତ ଖେଳାଳିମାନେ।

**ଚୌଦ୍ୱାର,୨୦।୫(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୨ନଂ. ୱାର୍ଡସ୍ଥିତ ବୀର ହନୁମାନ ଖେଳକୁଦ ପଡ଼ିଆରେ ମୁସଲିମ୍ ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୬ଟି ଟିମ୍ ଯୋଗଦେଇଥିଲେ। ଦାଦି କିଙ୍ଗ ଓ ମୁସଲିମ୍ ନାଇଟ ରାଇଡ଼ର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମୁସଲିମ୍ ନାଇଟ ରାଇଡ଼ରକୁ ହରାଇ ଦାଦି କିଙ୍ଗ ଚାମ୍ପିୟନ୍ ହୋଇଥିଲେ। ଦାଦି କିଙ୍ଗ ପ୍ରଥମେ ବ୍ୟାଟିଂ କରି ସୀମିତ ୪ ଓଭରରେ ମୋଟ ୫୨ ରନ୍ କରିଥିଲା। ଜବାବରେ ମୁସଲିମ୍ ନାଇଟ ରାଇଡ଼ର ସମସ୍ତ ଉଇକେଟ ହରାଇ ୪୦ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା।

## ବାରଙ୍ଗ ତହସିଲ ପକ୍ଷରୁ ଲଟକା ଜାରି

**ତ୍ରିଶୂଳିଆ,୨୦।୫(ତୁଷାରକାନ୍ତ ବେହେରା)**

**ସରକାରୀ ଜାଗାରେ ଘର କରିବା ପଡ଼ିଲା ମହଙ୍ଗା**

ବାରଙ୍ଗ ତହସିଲ ଅଧୀନ ନରାଜ-ମାର୍ଥାପୁର ଗ୍ରାମପଞ୍ଚାୟତରେ ସରକାରୀ ଜାଗାରେ ବେଆଇନ ଗୃହ ନିର୍ମାଣ ଉପରେ ତହସିଲ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ତହସିଲରୁ ବାରମ୍ବାର ଯାଉଥିବା ନୋଟିସ୍ କେହି ନ ରଖିବାରୁ ମଙ୍ଗଳବାର 'ଖ' ଫର୍ମ ମାଧ୍ୟମରେ ଲଟକା ଜାରି କରାଯାଇଛି। ଏଥିସହ ସରକାରୀ ଜାଗା ଗ୍ରାମ୍ୟ ଉନ୍ନୟନ ଜାଗାରେ ନବନିର୍ମିତ ଗୃହକୁ ବାଜ୍ୟାପ୍ତି ଘୋଷଣା କରାଯାଇଛି। ଯଦି ଆଗାମୀ ଦିନରେ କେହି ଉକ୍ତ ଜାଗାରେ କୌଣସି କାର୍ଯ୍ୟ କରନ୍ତି, ତେବେ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ତୁଷାର ଜ୍ୟୋତିରଞ୍ଜନ କହିଛନ୍ତି। ସୂଚନା ମୁତାବକ, ବର୍ଷକ ପୂର୍ବେ ନରାଜ-ମାର୍ଥାପୁର ଅଞ୍ଚଳରେ ଥିବା ସରକାରୀ ଜମିରେ ନିର୍ମିତ କିଛି ଜବରଦଖଲ ଗୃହକୁ ତହସିଲ ତରଫରୁ ଉଚ୍ଛେଦ କରାଯାଇଥିଲା। କିଛି ଦିନ ଚୁପ୍ ରହିବା ପରେ ଜମି ମାଫିଆମାନେ କିଛି ମାସ ହେବ ପୁନର୍ବାର ସକ୍ରିୟ ହୋଇଥିବା ନେଇ ଗ୍ରାମବାସୀ ବାରଙ୍ଗ ତହସିଲରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ବାରଙ୍ଗ ତହସିଲଦାର ଏହାର ତଦନ୍ତ କରି ଗତ ମାସେ ତଳେ ଚିଠି ସଂଖ୍ୟା ୧/୫୮, ଖାତା ନଂ. ୫୬୬, ପ୍ଲଟ ନମ୍ବର ୧୦୩୧, ଯାହା କି ସରକାରୀ ଗ୍ରାମ୍ୟ ଉନ୍ନତି ଜାଗା (ରକ୍ଷିତ) ଜାଣି 'କ' ଓ 'ଗ' ଫର୍ମ ମାଧ୍ୟମରେ ନୋଟିସ୍ ଜାରି କରିଥିଲେ। ଗତ ୪ ଓ ୫ ତାରିଖରେ ଘର ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ହାଜିର ପାଇଁ ନିର୍ଦ୍ଦେଶ ହୋଇଥିଲା। ହେଲେ କେହି ହାଜିର ନ ହେବା ସହ ତହସିଲ ପକ୍ଷରୁ ଯାଉଥିବା ବାରମ୍ବାର ନୋଟିସ୍‌କୁ ନ ରଖି ଘର କାମ ଚାଲୁ ରଖିଥିଲେ। ତେବେ ମଙ୍ଗଳବାର ତହସିଲଦାରଙ୍କ ନିର୍ଦ୍ଦେଶରେ ଏଆର୍‌ଆଇ ଛବିନ୍ଦ୍ର ସେଠୀ ଉକ୍ତ ସ୍ଥାନରେ 'ଖ' ଫର୍ମ ମାଧ୍ୟମରେ ଲଟକା ଜାରି କରି ଏହାକୁ ବାଜ୍ୟାପ୍ତି ଘୋଷଣା କରିଛନ୍ତି।



## ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**



୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ପଞ୍ଚମ ସନ୍ଧ୍ୟା**

କଟକ ନୃତ୍ୟ ଉତ୍ସବ କମିଟି, ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପରପଡିଆରେ ଚାଲିଥିବା ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। କମିଟି ଉପଦେଷ୍ଟା ପଦ୍ମଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଓଡ଼ିଶା ମାନବାଧିକାର କମିସନଙ୍କ ସଦସ୍ୟ ତଥା ଆଇନଜୀବୀ ଅସୀମ ଅମିତାଭ ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ଜୟନ୍ତ କୁମାର ପଣ୍ଡା, ଚାଟାର୍ ଆକାଉଣ୍ଟାଣ୍ଟ ରାଜେଶ ଝୁନଝୁନୱାଲା, କର୍ପୋରେଟର ବସନ୍ତ କୁମାର ବେହେରା, କର୍ପୋରେଟର ଇତିଶ୍ରୀ ଦାସ, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ରବିନାରାୟଣ ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ୟୁରୋଲୋଜିଷ୍ଟ ପ୍ରଫେସର ଡା. ସମୀର ସ୍ୱାଇଁଙ୍କୁ ଜାତୀୟ ସେବା ରତ୍ନ ସମ୍ମାନ, ଡା. ଚି ଖଟୁଆ, ଡା. ବିଶ୍ୱଜିତ କର, ଡା. ମାନସ କୁମାର ନାୟକ, ଡ. ମୋନାଲିସା ପଣ୍ଡା ଓ ସମାଜସେବୀ ଗଣେଶ ପରିଡାଙ୍କୁ ଓଡିଶା ସେବା ରତ୍ନ ସମ୍ମାନ, ବିଶିଷ୍ଟ ଶିଳ୍ପପତି ସୌମ୍ୟ ରଞ୍ଜନ ସାମଲଙ୍କୁ ଓଡିଶା ଶିଳ୍ପ ରତ୍ନ ସମ୍ମାନ, ଆଇନଜୀବୀ ସ୍ୱଦେଶ କୁମାର ଦାସଙ୍କୁ ଓଡିଶା ଆଇନ ରତ୍ନ ସମ୍ମାନ, ବିଭୋର ମହାପାତ୍ରଙ୍କୁ ଓଡିଶା କଳା ରତ୍ନ ସମ୍ମାନ ଓ ଅକ୍ଷୟ ସନ୍ଧ୍ୟା ପରିବେଷଣ କରିଥିବା କେ. ୱାନ ଲାଇଭର କଳାକାର କଣ୍ଠଶିଳ୍ପୀ ମୋନାଲି ମଧୁସ୍ମିତା, ସୁବାଶିଷ ଖୁଣ୍ଟିଆ, ଆଦ୍ୟାଶା କୃଷ୍ଣ ଚନ୍ଦ୍ର ସେଠୀଙ୍କୁ ଜାତୀୟ ସଙ୍ଗୀତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟି ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଞ୍ଚମ ସନ୍ଧ୍ୟାରେ ପ୍ରଦକ୍ଷଣାନୃତ୍ୟ ଅନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଓମ ଡ୍ୟାନ୍ସ ଏକାଡେମୀ, ଶ୍ରୀ ବିଦ୍ୟା ଡ୍ୟାନ୍ସ ଏକାଡେମୀ, ଅନ୍ନପୂର୍ଣ୍ଣା କଳା କେନ୍ଦ୍ର ନୃତ୍ୟାଙ୍ଗନା ଓ ରେନବୋ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲା କେ. ୱାନ ଲାଇଭର ସଙ୍ଗୀତ। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଅନେକ ମନଛୁଆଁ ସଙ୍ଗୀତ ସହିତ ଅନ୍ୟାନ୍ୟ ଗୀତରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ ଅନେକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ପକ୍ଷରୁ ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ ସୁନୀଲ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସତ୍ୟ ପ୍ରସାଦ ବଳ ସାମନ୍ତ ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କମିଟି ସହସମ୍ପାଦକ ସୁଶାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ

**ବଡ଼ପାରୀ ସଂରକ୍ଷିତ ଜଙ୍ଗଲ ଜମି ବିକ୍ରି ଓ ଗଛକଟା ମାମଲା**

ଟାଙ୍ଗୀ,୨୦।୫(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ବଡ଼ପାରୀ ସଂରକ୍ଷିତ ଜଙ୍ଗଲ ଜମି ବିକ୍ରି ଏବଂ ଗଛକଟା ବିରୋଧରେ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ଟାଙ୍ଗୀ ରେଞ୍ଜରଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହା ପରେ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲା। ସୋମବାର ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ଖୋର୍ଦ୍ଧା ଜିଲାପାଳ ଓ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ବଡ଼ପାରୀ ଗ୍ରାମକୁ ଲାଗି ୭୦୦ ଏକର ପରିମିତ ଜମିରେ ସଂରକ୍ଷିତ ଜଙ୍ଗଲ ରହିଛି। ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଗ୍ରାମବାସୀ ଏବଂ ଗିରି ଗୋବର୍ଦ୍ଧନ ଜଙ୍ଗଲ କମିଟି ହାତରେ ରହିଛି। ଏହି ଜମିରୁ କିଛି ଅଂଶ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦିଆଯାଇଛି। ସେ ଏହି ଜମିରୁ ମନଇଚ୍ଛା ଗଛ କାଟିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିକ୍ରି କରାଯାଇଥିବା ଜମିର କିସମ ବଗାୟତ ରହିଛି। ଗଛକଟା ବିରୋଧରେ ଗ୍ରାମବାସୀ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ଜଙ୍ଗଲ କମିଟି ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲା।

## ୨ ପଡ଼ୋଶୀଙ୍କ ମଧ୍ୟରେ ମାର୍‌ପିଟ, ଥାନାରେ ଅଭିଯୋଗ

ଜଟଣୀ,୨୦।୫(ରବୀନ୍ଦ୍ରନାଥ ମହାକୁଡ଼)

ଏକ ରାସ୍ତାକୁ ନେଇ ଦୁଇ ପୋଡ଼ଶୀଙ୍କ ମଧ୍ୟରେ ବଚସା ଏବଂ ମାରପିଟ ହୋଇଥିବା ନେଇ ମଙ୍ଗଳବାର ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ପୂର୍ବାହ୍ନରେ ଗଜପତିନଗର(ରାଜାବଜାର) ଅଞ୍ଚଳର ଶ୍ରୀକାନ୍ତ ପ୍ରଧାନଙ୍କ ଘରେ ପଶି ପଡ଼ୋଶୀ ଅମର ମହାନ୍ତି ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ୪ଜଣ ଗାଳିଗୁଲଜ କରିଥିଲେ। ଏପରିକି ଶ୍ରୀକାନ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅପରାହ୍ନରେ ତାଙ୍କ ଘର ପାଚେରି ଭାଙ୍ଗିବା ସହିତ ଶ୍ରୀକାନ୍ତଙ୍କୁ ଶାବଳରେ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିବା ସହିତ ପଥର ଫୋପାଡ଼ିଥିଲେ। ଫଳରେ ଶ୍ରୀକାନ୍ତ ଆହତ ହୋଇଥିଲେ। ଏନେଇ ଶ୍ରୀକାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅନୁରୂପଭାବେ ପଡ଼ୋଶୀଙ୍କ ପକ୍ଷରୁ ସୁନିତା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏକ ରାସ୍ତାକୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ମଙ୍ଗଳବାର ଜଟଣୀ ତହସିଲ କାର୍ଯ୍ୟାଳୟ କର୍ମଚାରୀ, ଶ୍ରୀଜଗନ୍ନାଥ ମନ୍ଦିର କର୍ମଚାରୀ, ଜଟଣୀ ଆର୍‌ଆଇ ଏବଂ ପୌର କାର୍ଯ୍ୟାଳୟ କର୍ମଚାରୀ ଉକ୍ତ ରାସ୍ତାର ମାପଚୁପ ପାଇଁ ଆସିଥିଲେ। ମାପଚୁପ ବେଳେ ଶ୍ରୀକାନ୍ତଙ୍କ ପରିବାର ବିରୋଧ କରି ଗାଳିଗୁଲଜ କରିବା ସହ ମାପଚୁପ ବନ୍ଦ କରିଦେଇଥିଲେ। ଉକ୍ତ ରାସ୍ତାରେ ଗଲେ ଜୀବନରେ ମାରିଦେବାକୁ ସୁନିତାଙ୍କ ପରିବାରକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା,୨୦।୫(ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ଦାବି ନେଇ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମୂହ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ୧୭ ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପ୍ରଦାନ କରାଯାଇଛି। ସିଟୁର ଖୋର୍ଦ୍ଧା ଜିଲା କମିଟିର ଉପସଭାପତି ଗିରିଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଆଇଟିୟୁସିର ଖୋର୍ଦ୍ଧା ଜିଲା ସଭାପତି ଅଶୋକ ସାହୁ, ଖୋର୍ଦ୍ଧା ଜିଲା ସିଟୁର ସୁରେଶ ଚନ୍ଦ୍ର ରାଉତରାୟ, କାର୍ତ୍ତିକ ଘଡାଇ, ପ୍ରଭାତ ପାଣିଗ୍ରାହୀ, ଜୟନ୍ତ ମହାନ୍ତି, ଅଭିନାଶ ପ୍ରଧାନ, ଶୈଳେଶ ବଳିୟାରସିଂହ, ସୁରେଶ ଚନ୍ଦ୍ର ରାଉତରାୟ, ଯୋଗେନ୍ଦ୍ର ଦାସ ପ୍ରମୁଖ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଉପରେ ବର୍ଷିଥିଲେ। ୪ଶ୍ରମ କୋଡ ବାତିଲ, ଦରବୃଦ୍ଧି, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ଠିକା ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମାସିକ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ, ଦେଶର ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ଉପରେ ମନ୍ତବ୍ୟ ରଖିଥିଲେ।

## ଭଜନ ସମାରୋହ, ଚନ୍ଦନ ଯାତ୍ରା ଆଲୋଚନାଚକ୍ର

ଖୋର୍ଦ୍ଧା,୨୦।୫(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ଗବେଷଣା ସଂଘ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ଚନ୍ଦନ ଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସମ୍ପର୍କରେ ଆଲୋଚନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇଁ ନୌକା ବିହାର କରି ଚନ୍ଦନ ଲାଗି ହେଉଛନ୍ତି। ଏହି ଦୃଶ୍ୟ ଦର୍ଶନ ଅମୂଲ୍ୟ। ଭକ୍ତଙ୍କ ଗହଣରେ ଠାକୁର ବିମାନରେ ଆସି ନୌକାରେ ବିଜେ କରି ଚାପ ଖେଳନ୍ତି। ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇ ପୁଣି ଫେରିଯାନ୍ତି। ଅକ୍ଷୟ ତୃତୀୟା ଠାରୁ ଭଉଁରି ଯାତ ପର୍ଯ୍ୟନ୍ତ ଠାକୁର ୨୧ଦିନ ବ୍ୟାପୀ ଚନ୍ଦନ ଯାତ୍ରା କରିଥାନ୍ତି। ତା'ପରଦିନ ଠାରୁ ଶ୍ରୀମନ୍ଦିର ଭିତରେ ୨୧ ଦିନ ବ୍ୟାପୀ ଚାପ ଅନୁଷ୍ଠିତ ହୋଇଥାଏ। ଆଲୋଚନାଚକ୍ରରେ ଅନନ୍ତ ହରି ବାବା, ବ୍ରଜ ବାବା, ବୋଧାୟନ ମହାରାଜ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜନାକୀ ବଲ୍ଲଭ ପଟ୍ଟନାୟକ, ଯୋଗେଶ୍ୱର ସିଂହ, ଶକ୍ତି ରଞ୍ଜନ ମତଗଜ ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଶ୍ରୀଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ଟିକେଟ ଯାଞ୍ଚ ଅଭିଯାନ

ଜଟଣୀ,୨୦।୫(ରବୀନ୍ଦ୍ରନାଥ ମହାକୁଡ଼)

ଟ୍ରେନରେ ବିନା ଟିକେଟ ଯାତ୍ରାକୁ ରୋକିବା ପାଇଁ ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ଡିଭିଜନର ବିଭିନ୍ନ ଷ୍ଟେଶନରେ ଟିକେଟ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଖୋର୍ଦ୍ଧାରୋଡର ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍‌ଙ୍କ ମାର୍ଗଦର୍ଶନରେ ପରିଚାଳିତ କାର୍ଯ୍ୟକ୍ରମରେ ବାଣିଜ୍ୟିକ ଅଧିକାରୀ, ଟିକେଟ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବାହିନୀ ସାମିଲ ଅଛନ୍ତି। ଗତ ଦଶଦିନ ମଧ୍ୟରେ କଟକ, ଭୁବନେଶ୍ୱର, ବାଣୀବିହାର, କଣାସ ରୋଡ଼, ଲିଙ୍ଗରାଜ ଟେମ୍ପୁଲ ରୋଡ୍ ଆଦି ଷ୍ଟେଶନ ଓ ପାସେଞ୍ଜର ହଲ୍ଟରେ ଟିକେଟ ଯାଞ୍ଚ ଅଭିଯାନ କରାଯାଇଛି। କଟକ ରେଲୱେ ଷ୍ଟେଶନରେ ଟିକେଟ ଯାଞ୍ଚ ଅଭିଯାନ ସମୟରେ ବିନା ଟିକେଟରେ ଯାତ୍ରା କରିବାର ୧୦୫ଟି ମାମଲା ଚିହ୍ନଟ ହୋଇଥିଲା ଏବଂ ଏହି ଯାତ୍ରୀମାନଙ୍କଠାରୁ ଭଡା ବାବଦକୁ ଜରିମାନା ସହିତ ୭୩,୮୪୦ ଟଙ୍କା ଆଦାୟ କରାଯାଇଛି। ସେହିପରି ଭୁବନେଶ୍ୱରରେ ୫୧ଜଣ ଅନଧିକୃତ ଯାତ୍ରୀଙ୍କଠାରୁ ୧୪,୧୨୫ ଟଙ୍କା, ବାଣୀବିହାରରେ ୯୨ଜଣ ଯାତ୍ରୀଙ୍କଠାରୁ ୩୧୦୧୫ ଟଙ୍କା ଏବଂ ଲିଙ୍ଗରାଜ ଟେମ୍ପୁଲ ରୋଡରେ ୯୨ଜଣ ଯାତ୍ରୀଙ୍କଠାରୁ ୨୮୨୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି।


# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

**File No. COL/JAJ/VIIL-38/2023 15905 /(LA/(Civil) dated 21.12.2024**

**No.XXIV-:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍ ନଂ.-୬, ଗୋବିନ୍ଦଜୀଉ ନଗର, ଥାନା-ଯାଜପୁର ନଂ.୨୧୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୮୧୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୧୨୪୭/୧୧.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ-୬ ଗୋବିନ୍ଦଜୀଉ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨.୨୦୧ | ଏ.୧.୮୧୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

**ପ୍ରକଳ୍ପ– ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ)**

**ମୌଜା–ୟୁନିଟ୍–୬ ଗୋବିନ୍ଦଜୀଉ ନଗର, ଥାନା ନଂ.୨୧୧–ଥାନା/ତହସିଲ/ଜିଲ୍ଲା–ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୫୪/୨୧୭ | ୨୬ | ୦.୦୮ | ୦.୦୧୫ | ଘରବାରି-୧ | ପ୍ରମୋଦ କୁମାର ଦାସ, ପି:ନରସିଂହ ଚରଣ ଦାସ, ଜା:କରଣ, ବା:ପଣସା |
| ୨ | ୩୫୪/୧ | ୨୬/ ୧୩୪୬ | ୦.୦୬୩ | ୦.୦୧ | ଘରବାରି | କୃଷ୍ଣଚନ୍ଦ୍ର ମହାନ୍ତି, ପି:ଦୀନବନ୍ଧୁ ମହାନ୍ତି, ଜା:କରଣ, ବା:ମାଳଦା,ଥା: ଭଣ୍ଡାରୀପୋଖରୀ,ହା.ସା.ନିଜଗାଁ |
| ୩ | ୧୧୬ | ୨୭ | ୦.୧ | ୦.୦୧୮ | ଘରବାରି-୨ | ନବ କୁମାର ମହାନ୍ତି, ପି:ରାମଚନ୍ଦ୍ର ମହାନ୍ତି, ଜା:କରଣ, ବା:ନବାଙ୍ଗ, ଥାନା:ବାଲିକୁଦା |
| ୪ | ୩୫୪/୩୫୮ | ୩୩ | ୦.୧୫ | ୦.୦୦୮ | ଘରବାରି-୧ | ନାରାୟଣ ଚନ୍ଦ୍ର ଧଳ, ପି:ରଘୁନାଥ ଧଳ, ଜା:ଖଣ୍ଡାୟତ, ବା:ବାଣପୁର, ଥା:ବିଂଝାରପୁର |
| ୫ | ୨୫ | ୧୧୯ | ୦.୧୨ | ୦.୧୨ | ଶାରଦ-୨ | ଶ୍ରୀ ହରପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାରଫତ କହ୍ନେଇ ଚରଣ ପୃଷ୍ଟି, ପି:ମଧୁସୂଦନ ପୃଷ୍ଟି, ଜା:ତନ୍ତି, ବା:ନିଜଗାଁ |
| ୬ | ୩୫୪/୫୪୦ | ୧୫୦ | ୦.୯୩୩ | ୦.୯୩୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଳାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଳାଚାନ୍ଦ ଦାସ, ବା:ନିଜଗାଁ, ଗଣେଶ ଚନ୍ଦ୍ର ନାୟକ, ପି: ଦୁର୍ଯ୍ୟୋଧନ ନାୟକ କିସ୍ମତ ଟ.୦. ଏଗାରଅଣା ନଅପାହି, ଜା:ଖଣ୍ଡାୟତ, ବା:କୁମ୍ଭାରିଆ, ଥା:ଭଣ୍ଡାରୀପୋଖରୀ, ଜି:ଭଦ୍ରକ, ହା.ବା. ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଚାରିଅଣା ତିନିପାହି, ଜା:ମୁସଲମାନ, ବା:ନହରାପୁର |
| ୭ | ୩୨ | ୧୫୧ | ୦.୦୩ | ୦.୦୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଳାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଳାଚାନ୍ଦ ଦାସ କିସ୍ମତ ଟ.୦. ଚଉଦଅଣା ଛ ପାହି, ଜା:ଖଣ୍ଡାୟତ, ବା:ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଏକ ଅଣା ଛ ପାହି, ଜା:ମୁସଲମାନ, ବା:ନହରାପୁର |
| ୮ | ୩୫୪/୪୩୦ | ୧୫୨ | ୦.୦୩ | ୦.୦୩ | ଜଳାଶୟ-୨ | ସୁକାନ୍ତି ପୃଷ୍ଟି, ସ୍ୱା: ଅଜୟ କୁମାର ସାହୁ, ଜା:ବୈଶ୍ୟ ବଣିଆ, ବା: ଯଯାତିନଗର, ୟୁନିଟ ନଂ.-୫ |
| ୯ | ୫୫ | ୧୫୩ | ୦.୦୩ | ୦.୦୩ | ଜଳାଶୟ-୨ | ନିଳମଣୀ ବେଦୀ, କୁଳମଣି ବେଦୀ, ସୂର୍ଯ୍ୟମଣି ବେଦୀ, ପି: ଗଣେଷ ବେଦୀ, ଜା: ବ୍ରାହ୍ମଣ, ବା: ୟୁନିଟ୍ ନଂ.- 7, ଶିତଳେଶ୍ୱର |
| ୧୦ | ୩୫୪/ ୨୮୮ | ୧୫୪ | ୦.୦୬ | ୦.୦୬ | ଶାରଦ-୨ | ଶରତ ଚନ୍ଦ୍ର ରାଉତ, ପି: ନିତ୍ୟାନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ବାସୁପୁର |
| ୧୧ | ୩୫୪/ ୨୧ | ୧୫୫ | ୦.୦୫୫ | ୦.୦୫୫ | ଜଳାଶୟ-୨ | କୁଳପ୍ରଭା ସାହୁ, ସ୍ୱା: କାଳନ୍ଦୀ ଚରଣ ସାହୁ, ଜା: ତେଲି, ବା: ଛତିସ ରତନପାଳ |
| ୧୨ | ୩୫୪/ ୬୧୮ | ୧୫୬/ ୧୭୫୪ | ୦.୦୨ | ୦.୦୨ | ଶାରଦ-୨ | ସୁକାନ୍ତି ସାମଲ, ସ୍ୱା: ଶ୍ରୀକାନ୍ତ ସାମଲ, ବା: |
| ୧୩ | ୩୫୪/ ୬୧୮ | ୧୫୭ | ୦.୦୬ | ୦.୦୬ | ଜଳାଶୟ-୨ | ଡିହବଳରାମପୁର, ଥା. ପାଟକୁରା, ଜି. କେନ୍ଦ୍ରାପଡ଼ା, ଅଦ୍ୱୈତ ପ୍ରସାଦ ସାମଲ, ପି: କରୁଣାସିନ୍ଧୁ ସାମଲ, ବା: ଗଣେଶ୍ୱରପୁର, ଥା: ଆଳି, ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ବା: ନପଙ୍ଗ, ଥା. ଭଣ୍ଡାରି ପୋଖରୀ, ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତରା ସିଂହ ମହାପାତ୍ର, ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନନଗର, ଥା. ଆଳି, ଜି. କେନ୍ଦ୍ରାପଡ଼ା, ରତ୍ନ ମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହଲାୟକ, ବା: ତାରାମଦନ |
| ୧୪ | ୩୫୪/୮୯ | ୧୫୬/ ୧୪୨୨ | ୦.୦୪ | ୦.୦୪ | ଘରବାରି-୨ | ତାରାକାନ୍ତ ଦାସ, ପି: ହରେକୃଷ୍ଣ ଦାସ, ଜା: କରଣ, ବା: ବରୁଆଡି |
| ୧୫ | ୩୫୪/ ୬୧୯ | ୧୫୭/ ୧୭୫୫ | ୦.୧ | ୦.୧ | ଜଳାଶୟ-୨ | ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତ ସିଂହ ମହାପାତ୍ର, ଜା: ଖଣ୍ଡାୟତ, ବା: ମହାପୁର |
| ୧୬ | ୩୫୪/ ୬୨୦ | ୧୫୭/ ୧୭୫୬ | ୦.୦୮ | ୦.୦୮ | ଜଳାଶୟ-୨ | ରତ୍ନମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହାଲାୟକ, ବା: ତାରାମଦନ |
| ୧୭ | ୩୫୪/ ୬୨୧ | ୧୫୭/ ୧୭୫୭ | ୦.୧ | ୦.୧ | ଜଳାଶୟ-୨ | ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନପୁର, ଥା. ଆଳି |
| ୧୮ | ୩୫୪/ ୬୨୨ | ୧୫୭/ ୧୭୫୮ | ୦.୧ | ୦.୧ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ଜା: ଖଣ୍ଡାୟତ, ବା: ନପଙ୍ଗ, ଥା. ଭଣ୍ଡାରିପୋଖରୀ |
| ୧୯ | ୭୮ | ୭ | ୦.୦୫ | ୦.୦୦୫ | ଘରବାରି-୨ | ଜନାର୍ଦ୍ଦନ ମିଶ୍ର, ପି: ଶଙ୍କର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ଭୀମକରପୁର |
| | | ମୋଟ | | ୧.୮୧୪ | | |

OIPR-24163/14/0074/2526
ସ୍ୱା./-ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର



# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଘୋଷଣା

**File No.COL/JAJ/XII/1/22/30 / LA (Rly) dated 25.2.25**

**No.XXIV-03**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗୋବରଘାଟି, ଥାନା-ସୁକିନ୍ଦା, ନଂ.-୧୪୧,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗୋବରଘାଟି,** ଥାନା-ସୁକିନ୍ଦା, ନଂ.୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https:/jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବରଘାଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୨୩.୬୦୦ ଡି. | ଏକର ୧୧.୪୦୦ ଡି | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ବ୍ୟକ୍ତିଗତ ଜମି**
**ମୌଜା–ଗୋବରଘାଟି,ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର–୧୪୧, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୫୭ | ୧୦୯ | ଡାଳି ଜଙ୍ଗଲ | ଚୈତନ୍ୟ ଦକ୍ଷିଣ ରାଏ, ଓ ବନମାଳି ସୁନ୍ଦରରାଏ ଓ ସୁରେନ୍ଦ୍ର ଦେଓ, ପି:ଭରତ ଦେଓ, ଜା: କ୍ଷେତ୍ରିୟ, ବା:ବାରାଗଡିଆ | ୧୨୩.୬୦୦ | ୧୧.୪୦୦ |
| TOTAL | | | | | 123.600 | 11.400 |

ସ୍ୱା./-ଜିଲ୍ଲାପାଳ, ଯାଜପୁର
ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରୀ-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ, ଯାଜପୁର

OIPR-24163/14/0073/2526



# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଘୋଷଣା

**File No.COL/JAJ/XII/1/22/24 / LA (Rly) dated 25.2.25**

**No.XXIV-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଡୁବୁରି, ଥାନା-ସୁକିନ୍ଦା, ନଂ.-୮୬,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୮/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଡୁବୁରି,** ଥାନା-ସୁକିନ୍ଦା, ନଂ.୮୬, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁବୁରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୯୬.୦୦୦ ଡି. | ଏକର ୪.୦୩୦ ଡି | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ଜଙ୍ଗଲ ଜମି**
**ମୌଜା–ଡୁବୁରୀ, ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର–୮୬, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୧୦୫ | ୧୧୬ | ଜଙ୍ଗଲ | ଦେଓ ନବାହର ଶ୍ରୀକୃଷ୍ଣ ମହାପାତ୍ର, ପି:ବୃନ୍ଦାବନ ଚନ୍ଦ୍ର ମହାପାତ୍ର, ଜା:କରଣ, ବା:ଚାଟରା, ଥାନା:ଜଗତସିଂହପୁର | ୯୬.୦୦୦ | ୪.୦୩୦ |
| TOTAL | | | | | 96.000 | 4.030 |

ସ୍ୱା./-
ଜିଲ୍ଲାପାଳ, ଯାଜପୁର
ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୁଳ-ଡୁବୁରି-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ,ଯାଜପୁର

OIPR-24163/14/0072/2526


See Career Appointment on every Wednesday & Saturday

**ସସ୍ମିତା ସାହୁଙ୍କୁ ସବୁଜ ବନାନୀ ସମ୍ମାନ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର) : ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ତରଫରୁ ଚାରାରୋପଣ ଓ ପରିବେଶ ସଚେତନତା ପାଇଁ ଭଗିପୁର ଗ୍ରାମର ସସ୍ମିତା ସାହୁଙ୍କୁ ମଙ୍ଗଳବାର ସବୁଜ ବନାନୀ ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ଭଗିପୁର ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହକ ଅକ୍ଷୟ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ସାହୁଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଶ୍ୱରଞ୍ଜନ ସ୍ୱାଇଁ ଓ ଲଲାଟେନ୍ଦୁ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଙ୍କିତା ସାହୁ, ସୁଚିତ୍ରା ବଳ, ବୈଶାଖି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଳା, ସଂସ୍କୃତି, ଶାନ୍ତିର ମାଟି ବଡ଼ମ୍ବା

**ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଯାପିତ**

ବଡ଼ମ୍ବା, ୨୦।୫(ମାୟାଧର ମଲ୍ଲିକ) ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବଡ଼ମ୍ବା ଚନ୍ଦନ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀ ଗୋପୀନାଥଙ୍କ ସମେତ ଲୋକନାଥ ଦେବ, ସିଂହନାଥଦେବ, ରାଧାକାନ୍ତ ଦେବ, ଶ୍ରୀଦେବୀ ଓ ଭୁଦେବୀ ସ୍ଥାନୀୟ ଚନ୍ଦନ ପୋଖରୀରେ ୨୧ ଘେରା ଚାପ ଖେଳିଥିଲେ। ସେହିଭଳି ଚତୁର୍ଦ୍ଦଶ ଚନ୍ଦନ ମହୋତ୍ସବର ସପ୍ତମ ସନ୍ଧ୍ୟା ଉଦ୍‌ଯାପିତ ହୋଇ ଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବଡ଼ମ୍ବା କଳା, ସଂସ୍କୃତି ଓ ଶାନ୍ତିର ମାଟି ବୋଲି କହିଥିଲେ। ମୁଖ୍ୟ ପୁରୋଧାଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଆମ୍ବ କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ, କଟକ ଦିବ୍ୟଲୋଚନ ମହନ୍ତ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବଡ଼ମ୍ବା ତହସିଲଦାର ଶାଶ୍ୱତରଞ୍ଜନ ଦାଶ, ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ, ବଡ଼ମ୍ବା ବିଡିଓ ଚିତ୍ତରଞ୍ଜନ ଦାସ, ନରସିଂହପୁର ବିଡିଓ ପ୍ରଜ୍ଞାନନ୍ଦ ଶତପଥି ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣା ଏଥିରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ତ୍ରିବିକ୍ରମ ପଡ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶିବ ପ୍ରସାଦ ମିଶ୍ର ଓ ସହକାରୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବ୍ରହ୍ମା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମହୋତ୍ସବ କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ।

# ଅନାସ୍ଥା ପାଇଁ ପୁନର୍ବାର ଦିନ ଧାର୍ଯ୍ୟ: ୩୦ରେ ସ୍ୱତନ୍ତ୍ର ଅଧିବେଶନ

**ପ୍ରଥମେ ଆଲୋଚନା ଆବଶ୍ୟକସ୍ଥଳେ ଭୋଟିଂ ନିଷ୍ପତ୍ତି**

ନିଶ୍ଚିନ୍ତକୋଇଲି,୨୦।୫ (ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବା ପରେ ମେ' ୧୩ ତାରିଖରେ ଭୋଟ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଥିଲା। ଅସୁସ୍ଥତା କାରଣ ଦର୍ଶାଇ ୫ ସଦସ୍ୟଙ୍କ ସମେତ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଅନୁପସ୍ଥିତ ଥିବାରୁ ବୈଠକକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା। ଏବେ ପୁନର୍ବାର ଅନାସ୍ଥା ପାଇଁ ଆଲୋଚନା ଓ ଆବଶ୍ୟକସ୍ଥଳେ ଭୋଟିଂ କରିବାକୁ ସ୍ଥିର କରାଯାଇଛି।

କଟକ ଉପଜିଲାପାଳଙ୍କ ପତ୍ର ନଂ. ୬୨୩୯/୧୬।୫।୨୦୨୫ରେ ଏହି କାର୍ଯ୍ୟକ୍ରମ ପାଇଁ ୩୦ ତାରିଖ ଧାର୍ଯ୍ୟ କରାଯାଇଛି। ଏନେଇ ବିଧିବଦ୍ଧଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ୧୧ଟାରୁ ୧୨ଟା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରାଯିବା ସହ ୧୨ଟା ୩୦ରୁ ୨ଟା ୩୦ ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ ଓ ଅପରାହ୍ନ ୩ଟାରେ ଭୋଟ ଗଣତି କରାଯିବ ବୋଲି ଜଣାପଡ଼ିଛି। ଚଳିତ ଥର ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ଓ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କୁ ସଭାପତିତ୍ୱ ସହ ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ ଦିଆଯାଇଛି। ଗତ ଥର ଅପେକ୍ଷା ଚଳିତଥର ନିଆରା ଢଙ୍ଗରେ ଅନାସ୍ଥା ପ୍ରସ୍ତାବ ଆଗତ ହେଉଥିବାରୁ ଏନେଇ ରାଜନୈତିକ ନେତାମାନେ ନିଆରା ଢଙ୍ଗରେ ଗୋଟିଚାଳନା କରି ରଣକୌଶଳ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

ଦୁଇ ବିଧାନସଭା କ୍ଷେତ୍ରକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଗଠନ ହୋଇଥିବାବେଳେ ମାହାଙ୍ଗା ବିଧାନସଭା କ୍ଷେତ୍ରର ୨୭ ପଞ୍ଚାୟତ ଓ କଟକ ସଦର ବିଧାନସଭା କ୍ଷେତ୍ରର ୧୪ଟି ପଞ୍ଚାୟତ ରହିଛି। ମାହାଙ୍ଗା ବିଧାନସଭା କ୍ଷେତ୍ରର ସରପଞ୍ଚ ଓ ସମିତି ସଭ୍ୟଙ୍କ ସଂଖ୍ୟା ୫୪ ଓ କଟକ ସଦର ସରପଞ୍ଚ ଓ ସମିତି ସଭ୍ୟଙ୍କ ସଂଖ୍ୟା ୨୮। ତେବେ ଅନାସ୍ଥା ପ୍ରସ୍ତାବକୁ ଗୃହୀତ କରିବା ପାଇଁ ୫୮ ସଂଖ୍ୟା ଆବଶ୍ୟକତା ରହିଛି। ଏହି ମ୍ୟାଜିକ୍ ନମ୍ବରକୁ ଛୁଇଁବା ପାଇଁ କଟକ ସଦର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରକାଶ ସେଠୀ ଓ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଉଦ୍ୟମ ଚଳାଇଛନ୍ତି। ଅଧ୍ୟକ୍ଷ ପଦରେ ନିଜ ସମର୍ଥକଙ୍କୁ ଦେଖିବା ପାଇଁ ଜୋରଦାର୍ ଉଦ୍ୟମ କରୁଛନ୍ତି। ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ମାହାଙ୍ଗା ବିଧାନସଭା କ୍ଷେତ୍ର ଓରତି ପଞ୍ଚାୟତର ସମିତି ସଭ୍ୟ ହୋଇଥିବାବେଳେ ତାଙ୍କ ବିରୋଧରେ ୩୧ଜଣ ସମିତି ସଭ୍ୟ ଓ ସରପଞ୍ଚ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ।

# ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର୍

ବାଙ୍କୀ,୨୦।୫ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ବାଘମାରୀ ରାସ୍ତାର କଡ଼ାମଲ ପୋଖରୀ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଛି। ଏହି ଦୁର୍ଘଟଣାରେ ଗାଡ଼ି ଚାଳକ ଓ ମାଲିକ ଆହତ ହୋଇଛନ୍ତି। କଳାପଥରପଟୁ ଭୁବନେଶ୍ୱର ଆଡ଼େ କାର୍‌ଟି ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଏନେଇ ଧଳାପଥର ଫାଣ୍ଡିକୁ ଖବର ଦିଆଯିବା ପରେ ପୋଲିସ ପହଞ୍ଚି କାର୍‌ରୁ ୨ ଜଣଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନା ପଠାଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୮୮/୨୫) ରୁଜୁ ହୋଇଛି।

# ମାନବ ଅଧିକାର କମିଶନଙ୍କ କୋର୍ଟରେ ତଥ୍ୟ ଦାଖଲ କଲେ ବିଇଓ

**ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅର୍ଥ ଆତ୍ମସାତ ମାମଲା**

ବାଙ୍କୀ,୨୦।୫(ଶୁଭେନ୍ଦୁ ମହାପାତ୍ର): କଟକ ଜିଲା ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ଓ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ରଞ୍ଜନ ଦାସଙ୍କ ବିରୋଧରେ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଥିଲା। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ୭।୧୨।୨୦୨୪ରେ ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ କ୍ରମିକ ନଂ.୮୦୭ରେ ଲିଖିତ ଅଭିଯୋଗ ହୋଇଥିଲା। ଏଥିପାଇଁ ଓଡ଼ିଶା ମାନବ ଅଧିକାର କମିଶନଙ୍କ କୋର୍ଟରେ ଡମପଡ଼ା ବିଇଓଙ୍କୁ ସମନ ଜାରି କରାଯାଇ ସୋମବାର ବ୍ୟକ୍ତିଗତ ଭାବେ ହାଜିର ହେବାକୁ କୁହାଯାଇଥିଲା। ଏହାପରେ ସୋମବାର ବିଇଓ କାମରାଜ ସାହୁ ବ୍ୟକ୍ତିଗତଭାବେ କୋର୍ଟରେ ହାଜର ହୋଇଥିବା ଜଣାପଡ଼ିଛି। ଏହିବିଦ୍ୟାଳୟର ବିକାଶ ପାଣ୍ଠି, ଖେଳ ଅନୁଦାନ, ବିଦ୍ୟାଳୟ ରୋଷେଇ ବଗିଚା ଅନୁଦାନ, ୟୁଥ୍ ଆଣ୍ଡ ଇକୋ କ୍ଲବ ଅନୁଦାନ, ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ତାଲିମ ଅନୁଦାନ ଇତ୍ୟାଦି ସହ ମଧ୍ୟାହ୍ନ ଭୋଜନରେ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସୂଚନା ଅଧିକାର ଅଧିନିୟମକୁ ଉଲ୍ଲଂଘନ କରି ତଥ୍ୟ ଲୁଚାଯାଇଛି। ଏଭଳି ବିଭିନ୍ନ ଅଭିଯୋଗ ଉପରେ ଉଚ୍ଚ ଅଧିକାରୀଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଏସବୁ ଅଭିଯୋଗର ତଦନ୍ତ ପାଇଁ ଡମପଡା ବ୍ଲକର ପୂର୍ବତନ ବିଇଓ ସନ୍ତୋଷ କୁମାର ସେଠୀ ନିଜ କାର୍ଯ୍ୟାଳୟ ପତ୍ର ସଂଖ୍ୟା ନଂ.-୨୮୭୩/୨୬।୧୧।୨୦୨୪ରେ ଡମପଡା ବ୍ଲକ ଏବିଇଓ ପ୍ରଫୁଲ୍ଲ କୁମାର ବେହେରା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତି ଷଡ଼ଙ୍ଗୀଙ୍କୁ ଚିଠି କରିଥିଲେ। ମାତ୍ର ଏହି ଘଟଣାକୁ ଚାପି ଦିଆଯିବା ପରେ ଖବରଦାତା ମୃତ୍ୟୁଞ୍ଜୟ ପ୍ରଧାନ ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଡମପଡ଼ା ବିଇଓ କାମରାଜ ସାହୁଙ୍କୁ ପଚାରିବାରେ, ସେ ନୂତନ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟ ଉଦ୍ଦେଶ୍ୟରେ ତାଙ୍କୁ ଯେତିକି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ମାନବ ଅଧିକାର କମିଶନଙ୍କ କୋର୍ଟରେ ହାଜର ହୋଇ ତାହା ଦାଖଲ କରିଛନ୍ତିବୋଲି ସାହୁ କହିଛନ୍ତି।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No. COL/JAJ/VIIL-38/2023 15905 /(LA/(Civil) dated 21.12.2024**

**No.XXIV-:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍ ନଂ.-୬, ଗୋବିନ୍ଦଜୀଉ ନଗର, ଥାନା-ଯାଜପୁର ନଂ.୨୧୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୮୧୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୧୨୪୭/୧୧.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ-୬ ଗୋବିନ୍ଦଜୀଉ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨.୨୦୧ | ଏ.୧.୮୧୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ)**

**ମୌଜା-ୟୁନିଟ୍-୬ ଗୋବିନ୍ଦଜୀଉ ନଗର, ଥାନା ନଂ.୨୧୧-ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୫୪/୨୧୭ | ୨୬ | ୦.୦୮ | ୦.୦୧୫ | ଘରବାରି-୧ | ପ୍ରମୋଦ କୁମାର ଦାସ, ପି:ନରସିଂହ ଚରଣ ଦାସ, ଜା:କରଣ, ବା:ପଣସା |
| ୨ | ୩୫୪/୧ | ୨୬/୧୩୪୬ | ୦.୦୬୩ | ୦.୦୧ | ଘରବାରି | କୃଷ୍ଣଚନ୍ଦ୍ର ମହାନ୍ତି, ପି:ଦୀନବନ୍ଧୁ ମହାନ୍ତି, ଜା:କରଣ, ବା:ମାଳଦା,ଥା: ଭଣ୍ଡାରୀପୋଖରୀ,ହା.ସା.ନିଜଗାଁ |
| ୩ | ୧୧୬ | ୨୭ | ୦.୧ | ୦.୦୧୮ | ଘରବାରି-୨ | ନବ କୁମାର ମହାନ୍ତି, ପି:ରାମଚନ୍ଦ୍ର ମହାନ୍ତି, ଜା:କରଣ, ବା:ନବାଙ୍ଗ, ଥାନା:ବାଲିକୁଦା |
| ୪ | ୩୫୪/୩୫୮ | ୩୩ | ୦.୧୫ | ୦.୦୦୮ | ଘରବାରି-୧ | ନାରାୟଣ ଚନ୍ଦ୍ର ଧଳ, ପି:ରଘୁନାଥ ଧଳ, ଜା:ଖଣ୍ଡାୟତ, ବା:ବାଣପୁର, ଥା:ବିଂଝାରପୁର |
| ୫ | ୨୫ | ୧୧୯ | ୦.୧୨ | ୦.୧୨ | ଶାରଦ-୨ | ଶ୍ରୀ ହରପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାରଫତ କହ୍ନେଇ ଚରଣ ପୃଷ୍ଟି, ପି:ମଧୁସୂଦନ ପୃଷ୍ଟି, ଜା:ତନ୍ତି, ବା:ନିଜଗାଁ |
| ୬ | ୩୫୪/୫୪୦ | ୧୫୦ | ୦.୯୩୩ | ୦.୯୩୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ, ବା:ନିଜଗାଁ, ଗଣେଶ ଚନ୍ଦ୍ର ନାୟକ, ପି: ଦୁର୍ଯ୍ୟୋଧନ ନାୟକ କିସ୍ମତ ଟ.୦. ଏଗାରଅଣା ନଅପାହି, ଜା:ଖଣ୍ଡାୟତ, ବା:କୁମ୍ଭାରିଆ, ଥା:ଭଣ୍ଡାରୀପୋଖରୀ, ଜି:ଭଦ୍ରକ, ହା.ବା. ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଚାରିଅଣା ତିନିପାହି, ଜା:ମୁସଲମାନ, ବା:ନହରାପୁର |
| ୭ | ୩୨ | ୧୫୧ | ୦.୦୩ | ୦.୦୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ କିସ୍ମତ ଟ.୦. ଚଉଦଅଣା ଛ ପାହି, ଜା:ଖଣ୍ଡାୟତ, ବା:ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଏକ ଅଣା ଛ ପାହି, ଜା:ମୁସଲମାନ, ବା:ନହରାପୁର |
| ୮ | ୩୫୪/୪୩୦ | ୧୫୨ | ୦.୦୩ | ୦.୦୩ | ଜଳାଶୟ-୨ | ସୁକାନ୍ତି ପୃଷ୍ଟି, ସ୍ୱା: ଅଜୟ କୁମାର ସାହୁ, ଜା:ବୈଶ୍ୟ ବଣିଆ, ବା: ଯଯାତିନଗର, ୟୁନିଟ ନଂ.-୫ |
| ୯ | ୫୫ | ୧୫୩ | ୦.୦୩ | ୦.୦୩ | ଜଳାଶୟ-୨ | ନିଳମଣୀ ବେଦୀ, କୁଳମଣି ବେଦୀ, ସୂର୍ଯ୍ୟମଣି ବେଦୀ, ପି: ଗଣେଷ ବେଦୀ, ଜା: ବ୍ରାହ୍ମଣ, ବା: ୟୁନିଟ୍ ନଂ.- 7, ଶିତଳେଶ୍ୱର |
| ୧୦ | ୩୫୪/ ୨୮୮ | ୧୫୪ | ୦.୦୬ | ୦.୦୬ | ଶାରଦ-୨ | ଶରତ ଚନ୍ଦ୍ର ରାଉତ, ପି: ନିତ୍ୟାନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ବାସୁପୁର |
| ୧୧ | ୩୫୪/ ୨୧ | ୧୫୫ | ୦.୦୫୫ | ୦.୦୫୫ | ଜଳାଶୟ-୨ | କୁଳପ୍ରଭା ସାହୁ, ସ୍ୱା: କାଳନ୍ଦୀ ଚରଣ ସାହୁ, ଜା: ତେଲି, ବା: ଛତିସ ରତନପାଳ |
| ୧୨ | ୩୫୪/ ୬୧୮ | ୧୫୬/୧୭୫୪ | ୦.୦୨ | ୦.୦୨ | ଶାରଦ-୨ | ସୁକାନ୍ତି ସାମଲ, ସ୍ୱା: ଶ୍ରୀକାନ୍ତ ସାମଲ, ବା: ଡିହବଳରାମପୁର, ଥା. ପାଟକୁରା, ଜି. କେନ୍ଦ୍ରାପଡ଼ା, |
| ୧୩ | ୩୫୪/ ୬୧୮ | ୧୫୭ | ୦.୦୬ | ୦.୦୬ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ସାମଲ, ପି: କରୁଣାସିନ୍ଧୁ ସାମଲ, ବା: ଗଣେଶ୍ୱରପୁର, ଥା: ଆଳି, ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ବା: ନପଙ୍ଗ, ଥା. ଭଣ୍ଡାରି ପୋଖରୀ, ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତରା ସିଂହ ମହାପାତ୍ର, ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନନଗର, ଥା. ଆଳି, ଜି. କେନ୍ଦ୍ରାପଡ଼ା, ରତ୍ନ ମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହଲାୟକ, ବା: ତାରାମଦନ |
| ୧୪ | ୩୫୪/୮୯ | ୧୫୬/୧୪୨୨ | ୦.୦୪ | ୦.୦୪ | ଘରବାରି-୨ | ତାରାକାନ୍ତ ଦାସ, ପି: ହରେକୃଷ୍ଣ ଦାସ, ଜା: କରଣ, ବା: ବରୁଆଡି |
| ୧୫ | ୩୫୪/ ୬୧୯ | ୧୫୭/୧୭୫୫ | ୦.୧ | ୦.୧ | ଜଳାଶୟ-୨ | ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତ ସିଂହ ମହାପାତ୍ର, ଜା: ଖଣ୍ଡାୟତ, ବା: ମହାପୁର |
| ୧୬ | ୩୫୪/ ୬୨୦ | ୧୫୭/୧୭୫୬ | ୦.୦୮ | ୦.୦୮ | ଜଳାଶୟ-୨ | ରତ୍ନମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହାଲାୟକ, ବା: ତାରାମଦନ |
| ୧୭ | ୩୫୪/ ୬୨୧ | ୧୫୭/୧୭୫୭ | ୦.୧ | ୦.୧ | ଜଳାଶୟ-୨ | ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନପୁର, ଥା. ଆଳି |
| ୧୮ | ୩୫୪/ ୬୨୨ | ୧୫୭/୧୭୫୮ | ୦.୧ | ୦.୧ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ଜା: ଖଣ୍ଡାୟତ, ବା: ନପଙ୍ଗ, ଥା. ଭଣ୍ଡାରିପୋଖରୀ |
| ୧୯ | ୭୮ | ୭ | ୦.୦୫ | ୦.୦୦୫ | ଘରବାରି-୨ | ଜନାର୍ଦ୍ଦନ ମିଶ୍ର, ପି: ଶଙ୍କର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ଭୀମକରପୁର |
| | | ମୋଟ | | ୧.୮୧୪ | | |

OIPR-24163/14/0074/2526 ସ୍ୱା./-ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

**File No.COL/JAJ/XII/1/22/30 / LA (Rly) dated 25.2.25**

**No.XXIV-03**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗୋବରଘାଟି, ଥାନା-ସୁକିନ୍ଦା, ନଂ.-୧୪୧,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗୋବରଘାଟି,** ଥାନା-ସୁକିନ୍ଦା, ନଂ.୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https:/jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବରଘାଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୨୩.୬୦୦ ଡି. | ଏକର ୧୧.୪୦୦ ଡି | ଏଥିସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ବ୍ୟକ୍ତିଗତ ଜମି**
**ମୌଜା-ଗୋବରଘାଟି,ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୧୪୧, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୫୭ | ୧୦୯ | ଡାଳି ଜଙ୍ଗଲ | ଚୈତନ୍ୟ ଦକ୍ଷିଣ ରାଏ, ଓ ବନମାଳି ସୁନ୍ଦରରାଏ ଓ ସୁରେନ୍ଦ୍ର ଦେଓ, ପି:ଭରତ ଦେଓ, ଜା: କ୍ଷେତ୍ରିୟ, ବା:ବାରାଗଡିଆ | ୧୨୩.୬୦୦ | ୧୧.୪୦୦ |
| | | | | TOTAL | 123.600 | 11.400 |

OIPR-24163/14/0073/2526
ସ୍ୱା./-ଜିଲ୍ଲାପାଳ, ଯାଜପୁର
ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରୀ-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ, ଯାଜପୁର

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

**File No.COL/JAJ/XII/1/22/24 / LA (Rly) dated 25.2.25**

**No.XXIV-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଡୁବୁରି, ଥାନା-ସୁକିନ୍ଦା, ନଂ.-୮୬,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୮/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଡୁବୁରି,** ଥାନା-ସୁକିନ୍ଦା, ନଂ.୮୬, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁବୁରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୯୬.୦୦୦ ଡି. | ଏକର ୪.୦୩୦ ଡି | ଏଥିସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ତହସିଲ-ସୁକିନ୍ଦା | ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ଜଙ୍ଗଲ ଜମି**
**ମୌଜା-ଡୁବୁରୀ, ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୮୬, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୧୦୫ | ୧୧୬ | ଜଙ୍ଗଲ | ଦେଓ ନବାହର ଶ୍ରୀକୃଷ୍ଣ ମହାପାତ୍ର, ପି:ବୃନ୍ଦାବନ ଚନ୍ଦ୍ର ମହାପାତ୍ର, ଜା:କରଣ, ବା:ଚାଟରା, ଥାନା:ଜଗତସିଂହପୁର | ୯୬.୦୦୦ | ୪.୦୩୦ |
| | | | | TOTAL | 96.000 | 4.030 |

OIPR-24163/14/0072/2526
ସ୍ୱା./- ଜିଲ୍ଲାପାଳ, ଯାଜପୁର
ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୁଳ-ଡୁବୁରି-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ,ଯାଜପୁର

See Career Appointment on every Wednesday & Saturday

**ବଚସାରୁ ଆକ୍ରମଣ: ୩ ଗିରଫ**

ଭୁବନେଶ୍ୱର,(ଅନୁରାଧା ମହାରଣା): ଖଣ୍ଡଗିରି ଥାନା ସାଇ ଗେଷ୍ଟ ହାଉସ୍‌ର ସଫେଇ କର୍ମଚାରୀ ଲକ୍ଷ୍ମୀପ୍ରିୟା ମହାରଣା କାମରେ ହେଳା କରୁଥିବା ଦର୍ଶାଇ ମ୍ୟାନେଜର ରାଧାକାନ୍ତ ପୃଷ୍ଟି ସୋମବାର ତାଙ୍କୁ ଗାଳି ଦେବା ସହ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟା ଏ ନେଇ ତାଙ୍କର ୨ ଭାଇ ଜଗନ୍ନାଥ ମହାରଣା ଓ ଶିବପ୍ରସାଦ ମହାରଣାଙ୍କୁ ଜଣାଇଥିଲେ। ଦୁହେଁ ରାଧାକାନ୍ତଙ୍କ ନିକଟରେ ପହଞ୍ଚିବା ପରେ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ଏହା ଆକ୍ରମଣ ପ୍ରତିଆକ୍ରମଣର ରୂପ ନେଇଥିଲା। ପରେ ଉଭୟ ପକ୍ଷ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ମାମଲାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି।

# ପରିବାରର ୫ ସଦସ୍ୟଙ୍କୁ ଆଜୀବନ ଜେଲ

**ସୁଶାନ୍ତ ନାୟକ ହତ୍ୟା ମାମଲା**

ଭୁବନେଶ୍ୱର,୨୦।୫
(ସତ୍ୟଜିତ ରାଉତ)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଜିଇଡି ବସ୍ତିରେ ସୁଶାନ୍ତ ନାୟକ ଓରଫ କାଳିଆଙ୍କୁ ହତ୍ୟା ମାମଲାରେ ଭୁବନେଶ୍ୱରସ୍ଥିତ ୨ୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ପରିବାରର ୫ ସଦସ୍ୟଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ସେମାନେ ହେଲେ ସୁଜିତ ନାୟକ, ଭାଇ ଅଜିତ ନାୟକ, ଭଣଜା ଟିଂକିଲି ନାୟକ, ବିଶାଲ ନାୟକ ଏବଂ ସମ୍ପର୍କୀୟ ଭାଇ ସୁବାସ ନାୟକ। ସମସ୍ତଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ବିଚାରପତି ବନ୍ଦନା କର ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ବର୍ଷେ ଲେଖାଏ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲା ଅନୁଯାୟୀ, ଜିଇଡି ବସ୍ତିରେ ପାଖାପାଖି ରହୁଥିବା ସୁଶାନ୍ତଙ୍କ ପରିବାର ଓ ସୁଜିତଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ସୁଶାନ୍ତଙ୍କ ପରିବାର ତାଙ୍କ ଡ୍ରେନ୍ ପାଣିକୁ ସୁଜିତଙ୍କ ଘର ଆଡ଼କୁ ଛାଡୁଥିବାରୁ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ଅଭିଯୁକ୍ତ ବିଶାଲ ସୁଶାନ୍ତଙ୍କ ଝିଆରୀଙ୍କୁ ୨୦୨୩ ଏପ୍ରିଲ ୨୫ରେ ଅସଦାଚରଣ କରିଥିବା ନେଇ ଥାନାରେ ମାମଲା ହୋଇଥିଲା। ସେହିପରି ସୁଜିତଙ୍କ ଝିଅଙ୍କୁ ସୁଶାନ୍ତଙ୍କ ମଝିଆ ଭାଇ ପାପୁନି ଛୁରିରେ ଆକ୍ରମଣ କରିଥିବା ନେଇ ମଧ୍ୟ ଏକ ମାମଲା ହୋଇଥିଲା। ଏହି ଘଟଣାକୁ ନେଇ ସୁଜିତଙ୍କ ପରିବାର ଆକ୍ରମଣ କରିବାକୁ ଯୋଜନା କରିଥିଲେ। ବିଏମ୍‌ସି ଅଧୀନ ଜାଗୃତିରେ କାମ କରୁଥିବା ସ୍ତ୍ରୀଙ୍କୁ ସୁଶାନ୍ତ ତାଙ୍କ ବାଇକ୍ ଯୋଗେ ୨୦୨୩ ମେ' ୨୪ ଭୋର ପ୍ରାୟ ୪ଟାବେଳେ ୟୁନିଟ-୪ ଅଞ୍ଚଳରେ ଛାଡ଼ିବାକୁ ଯାଇଥିଲେ। ସୁଶାନ୍ତ ସେଠାରୁ ଫେରିବା ସମୟରେ ଜିଇଡି ବସ୍ତି ରାସ୍ତାରେ ସୁଜିତ ଓ ଅନ୍ୟମାନେ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୩୨୩/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୁଜିତ କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟମାନଙ୍କୁ ଚଢ଼ାଉ କରି ପୋଲିସ ଗିରଫ କରିଥିଲା। କୋର୍ଟ ୧୮ଜଣ ସାକ୍ଷ୍ୟ ଓ ୨୯ଟି ଦସ୍ତାବିଜ୍‌କୁ ଆଧାର କରି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଭାରପ୍ରାପ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ମାମଲା**

ଭୁବନେଶ୍ୱର,୨୦।୫
(ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ମଡେଲ ଥାନା ଅଞ୍ଚଳରେ ୨୦୨୧ରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ମାନସ ନାୟକ(୨୩)ଙ୍କୁ ବିଚାରପତି ଶୁଭଞ୍ଜନ ମହାନ୍ତି ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମାନସଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଘଟଣାବେଳେ ପୀଡ଼ିତା ନାବାଳିକାଙ୍କୁ ୧୬ବର୍ଷ ହୋଇଥିଲା। ପୀଡ଼ିତା ଓ ଅଭିଯୁକ୍ତ ମାନସ ଗୋଟିଏ ଗାଁର। ନାବାଳିକାଙ୍କୁ ମାନସ ବିବାହର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥିଲେ। ପୀଡ଼ିତାଙ୍କୁ ମାନସ ଅପହରଣ କରି ନେଇ ଖୋର୍ଦ୍ଧା ଓ ଜଟଣୀ ଆଦି ସ୍ଥାନରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ପରିବାର ପକ୍ଷରୁ ଏତଲାକ୍ରମେ ମଡେଲ ଥାନା ପୋଲିସ ଆଇପିସି ଦଫା ୩୬୩, ୩୬୫, ୩୬୬, ୩୭୬(୨) (ଏନ୍), ୩୭୬(୩) ଓ ପୋକ୍‌ସୋ ଆକ୍ଟ ସେକ୍ସନ୍-୬ରେ ମାମଲା (ନଂ.୩୫୨/୨୦୨୧) ରୁଜୁ କରି ତଦନ୍ତ କରିଥିଲା। ନାବାଳିକାଙ୍କୁ ମାନସଙ୍କ ପିଉସାଙ୍କ ଘରୁ ଉଦ୍ଧାର କରିବାସହ ମାନସଙ୍କୁ ଗିରଫ କରିଥିଲା। ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ୭ଜଣଙ୍କ ସାକ୍ଷ୍ୟ ଓ ୫୨ଟି ଦସ୍ତାବିଜ୍ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ମାତ୍ର ଅପରପକ୍ଷ ଓକିଲଙ୍କ ପକ୍ଷରୁ ଉକ୍ତ ଗ୍ରାମର କେହି ସାକ୍ଷ୍ୟ ଦେବାକୁ କୋର୍ଟ ଆସି ନ ଥିବା ବେଳେ କୌଣସି ଦସ୍ତାବିଜ୍ ମଧ୍ୟ ଉପସ୍ଥାପନା କରାଯାଇ ନ ଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

# ପଡ଼ୋଶୀଙ୍କ ଫାଷ୍ଟଫୁଡ୍ ଷ୍ଟଲ୍‌କୁ ଜାଳିଦେଲେ



ଗିରଫ ଅଶୋକ କୁମାର ଜେନା

ଭୁବନେଶ୍ୱର,୨୦।୫
(ସତ୍ୟଜିତ ରାଉତ)

ପାଖ ଦୋକାନୀଙ୍କ ଫାଷ୍ଟଫୁଡ୍ ଷ୍ଟଲକୁ ଜାଳିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତମାଣ୍ଡୋ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପାତ୍ରପଡ଼ା ଜେନାସାହିର ଅଶୋକ କୁମାର ଜେନା ଓରଫ ନବି (୩୨)। କୋର୍ଟ ଚାଲାଣ ପରେ ନବିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କେନ୍ଦ୍ରାପଡ଼ାର ଜ୍ଞାନେଜ କୁମାର ଦାସ ଓ ଅଭିଯୁକ୍ତ ନବିଙ୍କ କଳିଙ୍ଗ ବିହାର ଛକ ନିକଟରେ ସମାନ ସ୍ଥାନରେ ହୋଟେଲ ବ୍ୟବସାୟ ରହିଛି। ଜ୍ଞାନେଜଙ୍କ ମା'ଙ୍କ ଭୁଆଶୁଣୀ ହୋଟେଲ ଏବଂ ଫାଷ୍ଟଫୁଡ୍ ଦୋକାନ ଅଛି। ତାଙ୍କ ଦୋକାନକୁ ଲାଗି ନବିଙ୍କ ମଧ୍ୟ ଲକ୍ଷ୍ମୀ ନାମରେ ଏକ ହୋଟେଲ ଅଛି। ଜ୍ଞାନେଜ ବାହାରୁ ଆସି ସେଠାରେ ହୋଟେଲ ବ୍ୟବସାୟ କରୁଥିବାରୁ ତାଙ୍କ ପ୍ରତି ନବି ଈର୍ଷା କରୁଥିଲେ। ସୋମବାର ଅପରାହ୍ନ ପ୍ରାୟ ୩ଟା ୩୦ ବେଳେ ଜ୍ଞାନେଜ ଦୋକାନ ଆଗରେ ଥିବା ଷ୍ଟଲ୍‌ରେ ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ନବି ଆସିଥିଲେ। ସେ ଏକ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଆଣି ଫାଷ୍ଟଫୁଡ୍ ଷ୍ଟିଲ୍ ଷ୍ଟଲ୍‌ରେ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଆଲୁମିନିୟମ ଫଏଲ୍, ଏକ ଷ୍ଟିଲ୍ ପାତ୍ର, କପଡ଼ା ସାମଗ୍ରୀ ଏବଂ ଏକ ପ୍ଲାଷ୍ଟିକ୍ ବ୍ୟାଗ ଆଦି ନଷ୍ଟ ହୋଇଯାଇଥିଲା। ଜ୍ଞାନେଜ ପାଣି ଢ଼ାଳି ନିଆଁକୁ ଆୟତ୍ତ କରିବାରୁ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିଲେ। ତାଙ୍କୁ ଗାଳିଗୁଲଜ କରି ନବି ସେଠାରୁ ପଳାଇଯାଇଥିଲେ। ଏନେଇ ଜ୍ଞାନେଜଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୧୩୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଦିନ ଦ୍ୱିପ୍ରହରରେ ଘରୁ ନେଇଗଲେ ୧୦ ଲକ୍ଷର ସୁନା ଅଳଙ୍କାର, ନଗଦ ଦେଢ଼ ଲକ୍ଷ

ଭୁବନେଶ୍ୱର,୨୦।୫(ସତ୍ୟଜିତ ରାଉତ)

କଳିଙ୍ଗନଗର କେ-୮ ଅଞ୍ଚଳରେ ମଙ୍ଗଳବାର ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରରେ ଘରର ତାଲା ଭାଙ୍ଗି ଭିତରେ ପଶି ନଗଦ ଦେଢ଼ ଲକ୍ଷ ଟଙ୍କା ଓ ୧୦ ଲକ୍ଷର ସୁନା ଅଳଙ୍କାର ନେଇଯାଇଛନ୍ତି। ଚୋରିର ଶିକାର ହୋଇଥିବା କୁମୁଦିନୀ ନାଏକ ଏନେଇ ଭରତପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଚୋରମାନେ ଏକ କାର୍‌ରେ ଆସିଥିବା ସିସିଟିଭିରୁ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ବେଳେ କୁମୁଦିନୀ ତାଙ୍କ ପରିବାର ସହ କୌଣସି କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ଘରକୁ ଫେରିଥିଲେ। ତାଙ୍କ ଘରର ତାଲା ଭଙ୍ଗାଯାଇଥିବା ସେ ଦେଖିବାକୁ ପାଇଥିଲେ। ଆଲମିରା ଲକରରେ ଥିବା ଦେଢ ଲକ୍ଷ ଟଙ୍କା, ଦୁଇଟି ସୁନା ଚେନ, ମୁଦି, ବାହୁଟି ନ ଥିବା ଜଣାପଡ଼ିଥିଲା। ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଖୋଳତାଡ଼ କରୁଛି।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No. COL/JAJ/VIIL-38/2023 15905 /(LA/(Civil) dated 21.12.2024**

**No.XXIV-:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍ ନଂ.-୬, ଗୋବିନ୍ଦଜୀଉ ନଗର, ଥାନା-ଯାଜପୁର ନଂ.୨୧୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୮୧୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୧୨୪୭/୧୧.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ-୬ ଗୋବିନ୍ଦଜୀଉ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨.୨୦୧ | ଏ.୧.୮୧୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**

**ପ୍ରକଳ୍ପ- ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ)**

**ମୌଜା-ୟୁନିଟ୍-୬ ଗୋବିନ୍ଦଜୀଉ ନଗର, ଥାନା ନଂ.୨୧୧-ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୫୪/୨୧୭ | ୨୬ | ୦.୦୮ | ୦.୦୧୫ | ଘରବାରି-୧ | ପ୍ରମୋଦ କୁମାର ଦାସ, ପି:ନରସିଂହ ଚରଣ ଦାସ, ଜା:କରଣ, ବା:ପଣସା |
| ୨ | ୩୫୪/୧ | ୨୬/୧୩୪୬ | ୦.୦୬୩ | ୦.୦୧ | ଘରବାରି | କୃଷ୍ଣଚନ୍ଦ୍ର ମହାନ୍ତି, ପି:ଦୀନବନ୍ଧୁ ମହାନ୍ତି, ଜା:କରଣ, ବା:ମାଳଦା,ଥା: ଭଣ୍ଡାରୀପୋଖରୀ,ହା.ସା.ନିଜଗାଁ |
| ୩ | ୧୧୬ | ୨୭ | ୦.୧ | ୦.୦୧୮ | ଘରବାରି-୨ | ନବ କୁମାର ମହାନ୍ତି, ପି:ରାମଚନ୍ଦ୍ର ମହାନ୍ତି, ଜା:କରଣ, ବା:ନବାଙ୍ଗ, ଥାନା:ବାଲିକୁଦା |
| ୪ | ୩୫୪/୩୫୮ | ୩୩ | ୦.୧୫ | ୦.୦୦୮ | ଘରବାରି-୧ | ନାରାୟଣ ଚନ୍ଦ୍ର ଧଳ, ପି:ରଘୁନାଥ ଧଳ, ଜା:ଖଣ୍ଡାୟତ, ବା:ବାଣପୁର, ଥା:ବିଂଝାରପୁର |
| ୫ | ୨୫ | ୧୧୯ | ୦.୧୨ | ୦.୧୨ | ଶାରଦ-୨ | ଶ୍ରୀ ହରପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାରଫତ କହ୍ନେଇ ଚରଣ ପୃଷ୍ଟି, ପି:ମଧୁସୂଦନ ପୃଷ୍ଟି, ଜା:ତନ୍ତି, ବା:ନିଜଗାଁ |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.23.05.2025 (10.00 A.M.) to Dt.03.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.03.06.2025 up to 4.00 P.M. |
| 7 | Date & time of opening of Quotation | Dt.04.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

**Sd./- Executive Engineer, RWS&S Division, Bhubaneswar**
OIPR-25011/11/0014/2526



No.CAD-462

GOVERNMENT OF ODISHA
## OFFICE OF THE CHIEF DEVELOPMENT OFFICER CUM EXECUTIVE OFFICER ZILLA PARISAD, SAMBALPUR

**BID IDENTIFICATION NO. : ZP/SBP/CIVIL/01/2025-26**
E-mail : ori-dsambalpur@nic.in
**No.1877/Engg/Dated. 17.05.2025**

1. The Chief Development Officer-cum-Executive Officer, Zilla Parishad, Sambalpur on behalf of Governor of Odisha, invites **Percentage Rate** bids in **Single cover system** in **ONLINE MODE** for construction of **Buildings**, as detailed in the **DTCN** from the eligible Class of Contractors.
2. No. of works : **01 (ONE)**
3. Tender Cost : Rs.10,000/-
4. Class of Contractor : **"A" Class & "B" Class**
5. Date and time Available in Website & receipt of Bids : **12:00 Hrs of 17.05.2025 to 17:00 Hrs of 31.05.2025**
6. Date of Opening of Tender : **03.06.2025 at 11:00 Hrs**
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd./- CDO-Cum-Eo, Zilla Parishad, Sambalpur**
OIPR-19241/11/0006/2526



## GOVERNMENT OF ODISHA
## Sports & Youth Services Department
### Request for Proposal (RFP)

**No.TT-02:** Sports & Youth Services Department, Government of Odisha invites bids from leading agencies to the RFP on "Engagement of Event Management Agency for conducting International Yoga Day at Kalinga Stadium Bhubaneswar". The details of the bid document are available at the website **https://tendersodisha.gov.in/.**

Interested firms/agencies are advised to study the RFP document carefully before submitting the Bid.

**Important Dates and Information**

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

**Sd./- Director, Sports**
OIPR-29001/11/0080/2526



## GOVERNMENT OF ODISHA
## Sports & Youth Services Department
### Request for Proposal (RFP)

**No.TT-03:** Sports & Youth Services Department, Government of Odisha invites bids from leading agencies to the RFP on "Supply of T-Shirts for Sports & Youth Services Department, Government of Odisha". The details of the bid document are available at the website https://tendersodisha.gov.in/.

Interested firms/ manufacturers/ agencies are advised to study the RFP document carefully before submitting the Bid.

**Important Dates and Information**

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

**Sd./- Director, Sports**
OIPR-29001/11/0081/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-09/25, Letter No.1575, Date: 19.05.25
**e-Procurement Notice**

**No.O-179:** Name of the Work: Tender for the road projects of Building Work in the Dist. of Kendrapara. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other details.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-09/25 | 28.05.2025 at 11.00 A.M. | 11.06.2025 to 5.00 P.M. | 11.06.2025 upto 2.00 P.M. | 12.06.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

**Sd./- Chief Construction Engineer, Rural Works Circle, Kendrapara-Jajpur**
OIPR-25129/11/0042/2526



## ODISHA TOURISM DEVELOPMENT CORPORATION LIMITED
**(A Govt. of Odisha Undertaking)**
**PANTHANIVAS (OLD BLOCK) : LEWIS ROAD : BHUBANESWAR-14**
**INVITATIONS FOR BIDS (IFB)**

**Letter No.** — **Date : 19.05.2025**

**No.CAD-482**

**NOTICE INVITATION FOR BIDS (NIFB)**
**E-Procurement Notice No. BP-I/08/2025-26 dt.19.05.2025**

1. Nature of Work : External Power Supply to Sound & Light Multimedia Show at Khandagiri-Udayagiri Caves.
2. Total No. of Works : 01 No.
3. Value of Works : Item Rate
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/08/2025-26 dt.19.05.2025 | From 23.05.2025 | To 02.06.2025 | **11.30** Hours **of dt.03.06.2025** in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website www.etenderodisha.gov.in

**Sd./- Superintending Engineer O.T.D.C. Ltd., BBSR**
OIPR-37002/11/0070/2526



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
Email ID: lsrrcbdbgr@gmail.com
## ଲୋୟର ସୁକଟେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର
**ବିଜ୍ଞାପନ- ବିସ୍ଥାପିତଙ୍କ ପାଇଁ ଷ୍ଟଲ ଆବଣ୍ଟନ**

No.A-203:ଏତଦ୍ୱାରା ଲୋୟର ସୁକଟେଲ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଗ୍ରାମଗୁଡିକ ମଧ୍ୟରୁ ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ତୁଡାପାଲି, ବରପିଟା, ପୋଡମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲର ବିସ୍ଥାପିତ କଲୋନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନଙ୍କୁ ଲର୍କିପାଲି, ସଦେଇପାଲିସ୍ଥିତ ପୁନର୍ବାସ ଓ ଥଇଥାନ କଲୋନୀରେ ନିର୍ମାଣ କରାଯାଇଥିବା ମାର୍କେଟ କଂପ୍ଲେକ୍ସ ଭଡା ଆକାରରେ ଆବଣ୍ଟନ ପାଇଁ ସେମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣ ପ୍ରକ୍ରିୟା ଅଫଲାଇନ ମାଧ୍ୟମରେ ଆସନ୍ତା ତା.୨୩.୦୫.୨୦୨୫ ପୂର୍ବାହ୍ନ ୮.୦୦ ଘଣ୍ଟାରୁ ତା.୦୨.୦୬.୨୦୨୫ ମଧ୍ୟାହ୍ନ ୧୨.୦୦ ଘଣ୍ଟା ମଧ୍ୟରେ ଶେଷ ହେବ । ଆବେଦନକାରୀ ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଲୋୟର ସୁକଟେଲ, ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସ ଓ ନିର୍ଘଣ୍ଟ ସମୟରେ ଟ.୫୦୦/- (ପାଞ୍ଚ ଶହ) ମାତ୍ର ଫର୍ମ ବାବଦକୁ ଦେୟ ପ୍ରଦାନ କରି ଫର୍ମ କିଣିପାରିବେ । ଉକ୍ତ ଦେୟ ଫେରସ୍ତ ହେବ ନାହିଁ । ଇଚ୍ଛୁକ ଆବେଦନକାରୀ ଉପରୋକ୍ତ ସମୟସୀମା ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକଟେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି, ଆବେଦନ ଫର୍ମଟି ବନ୍ଦ ଲଫାପାରେ ଭର୍ତ୍ତି କରି ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବେ । ଏହା ତା.୦୩.୦୬.୨୦୨୫ ପୂର୍ବାହ୍ନ ଘ.୧୦.୦୦ ମିନିଟରେ ଲୋୟର ସୁକଟେଲ ସମ୍ମିଳନୀ ଗୃହ (Conference Hall)ରେ ଆବେଦନକାରୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଖୋଲାଯିବ । ମାର୍କେଟ କଂପ୍ଲେକ୍ସ ପାଇଁ ଆବଶ୍ୟକ ହେଉଥିବା ରାଶି ଓ ମାସିକ ଭଡାର ତାଲିକା ସହିତ ଷ୍ଟଲର ପ୍ରକାର ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂଖ୍ୟା | ଉପସ୍ଥିତି | ଷ୍ଟଲର ପ୍ରକାର | ଉପଲବ୍ଧ ଷ୍ଟଲ ସଂଖ୍ୟା | ସୁରକ୍ଷା ରାଶି (ଟଙ୍କାରେ) | ମାସିକ ଭଡା | ମନ୍ତବ୍ୟ |
|---|---|---|---|---|---|---|
| ୧ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୩ | ୫୦,୦୦୦/- | ୧୫୦୦/- | |
| | | ମାର୍କେଟ କଂପ୍ଲେକ୍ସ, ପ୍ରଥମ ମହଲା | ୯ | ୫୦,୦୦୦/- | ୧୫୦୦/- | |
| ୨ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୮ | ୫୦,୦୦୦/- | ୧୫୦୦/- | |
| ୩ | 'ଡି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି, ସଦେଇପାଲି | ମାର୍କେଟ କଂପ୍ଲେକ୍ସ, ତଳ ମହଲା | ୬ | ୫୦,୦୦୦/- | ୧୫୦୦/- | |

**ଦୋକାନ ଆବଣ୍ଟନ ପାଇଁ ନିୟମ ଏବଂ ସର୍ତ୍ତାବଳୀ:** ୧. ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ତୁଡାପାଲି, ବରପିଟା, ପୋଡମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲ ବିସ୍ଥାପିତ ପରିବାର ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ୨. ପରିବାର ପିଛା ମାତ୍ର ଗୋଟିଏ ଷ୍ଟଲ ପାଇଁ ଦରଖାସ୍ତ ଦେଇପାରିବେ । ଯଦି ଗୋଟିଏ ପରିବାର ଷ୍ଟଲ ପାଇ ସାରିଥିବେ ତେବେ ସେ ଆଉଥରେ ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ । ଏକରୁ ଅଧିକ ଦରଖାସ୍ତ ଗୋଟିଏ ପରିବାର ପାଇଁ ବିଚାରକୁ ନିଆଯିବ ନାହିଁ । ୩. ଯେଉଁ ପରିବାରମାନେ ଷ୍ଟଲ ଆବଣ୍ଟନ ନୋଟିସ ୩୦୪୪ ତା.୦୩.୦୭.୨୦୨୩ ରେ ଅଂଶଗ୍ରହଣ କରି ଚୁକ୍ତିନାମା କରିଛନ୍ତି କିମ୍ବା ଚୁକ୍ତିନାମା ପ୍ରକ୍ରିୟାରେ ଅଂଶଗ୍ରହଣ କରିନଥିଲେ ସେମାନଙ୍କୁ ଏହି ଷ୍ଟଲ ଆବଣ୍ଟନ ପ୍ରକ୍ରିୟାରେ ବିଚାରକୁ ନିଆଯିବ ନାହିଁ । ୪. ଯୋଗ୍ୟ ବିବେଚିତ ହୋଇ ଷ୍ଟଲ ପାଇଥିବା ଆବେଦନକାରୀ ସାତଦିନ ମଧ୍ୟରେ ଟ.୫୦,୦୦୦/- (ପଚାଶ ହଜାର) ଟଙ୍କାର N.S.C./Post Office Savings Bank Account/ Post Office Time Deposit Account/ Kishan Vikash Patra/ Bank Guarantee/ Fixed Deposit From any Nationalized/ Scheduled Bank in India Pledged in favour of Superintending Engineer, Lower Suktel R.R.C&B Division, Balangir ରେ ଦେବେ । ୫. ଯୋଗ୍ୟ ବିବେଚିତ ବ୍ୟକ୍ତି ଅଧିକାରୀଙ୍କ ସହିତ ଏକ ଚୁକ୍ତିନାମା ସାତ ଦିନ ମଧ୍ୟରେ କରିବେ । ୬. ପୂରଣ କରାଯାଇଥିବା ଦରଖାସ୍ତ ଏବଂ ଘୋଷଣାନାମାରେ ସ୍ୱାକ୍ଷର କରି ଆବଶ୍ୟକ ନଥିପତ୍ର ସହିତ ଲଫାପା ଭିତରେ ଭର୍ତ୍ତିକରି ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକଟେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ୭. ଆବେଦନ କରିଥିବା ଦରଖାସ୍ତ ଓ ଦସ୍ତାବିଜ ପ୍ରକଳ୍ପର ଯାଞ୍ଚ କମିଟି ଦ୍ୱାରା କରାଯିବ ଓ [illegible] Email ID:lsrrcbdbgr@gmail.com

OIPR-32182/11/0001/2526 — ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକଟେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର


See Career Appointment on every Wednesday & Saturday

ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିମାପଡ଼ା ମେଡିକାଲରେ ସ୍ଥାପନହେଲା ହେଲ୍‌ଥ ଏଟିଏମ୍

**ରାଜ୍ୟରେ ପ୍ରଥମ**

ନିମାପଡ଼ା,୨୦।୫(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ପ୍ରଥମ ଥର ପାଇଁ ପୁରୀ ଜିଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ଥ ଏଟିଏମ୍ ମେଶିନ ମଙ୍ଗଳବାର ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏହାର ଶୁଭାରମ୍ଭ କରିବେ ବୋଲି କହିଛନ୍ତି। ଏହି ମେଶିନ ସ୍ଥାପନ ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ଓ ଗ୍ରାମୀଣ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସଦୃଶ୍ୟ ହେବ। ଲୋକେ ଏହି ମେଶିନରେ ଟିପ ରଖିଲେ ସେମାନଙ୍କ ହାର୍ଟ, ଡାଇବେଟିସ, କୋଲେଷ୍ଟ୍ରୋଲ, ରକ୍ତଚାପ ସମେତ ବିଭିନ୍ନ ରୋଗର ପରୀକ୍ଷା ହୋଇ ସଙ୍ଗେ ସଙ୍ଗେ ମେଶିନରୁ ରିପୋର୍ଟ ବାହାରିବ। ଏଥିସହ ପ୍ରେସ୍‌କ୍ରିପ୍ସନ ମଧ୍ୟ ବାହାରି ପାରିବ। ଏହା ଫଳରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହଜରେ ହୋଇପାରିବ। ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଓ ମେଶିନ ସ୍ଥାପନର ବ୍ୟବସ୍ଥାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏଥିସହ ନିମାପଡ଼ାବାସୀ ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ଆଜି ରାଜଭବନ ଆଗରେ ବିଜେଡିର ଗଣଧାରଣା

**୨୨ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବ କଂଗ୍ରେସ**

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଏସ୍‌ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ଘେରାଉ କରାଯିବ। ଏହାସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏନେଇ ବିଜେଡି ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ରାଜ୍ୟର ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ୧୧.୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ନେଇ ଭାଜପା ସରକାର ଘୋଷଣା କରିବା ପରେ ବିଜେଡି ଏହି ଗଣଧାରଣା କରାଯିବା ନେଇ ଘୋଷଣା କରିଛି। ବିଜେଡି ପକ୍ଷରୁ ଦାବି କରାଯାଇଛି, ଏସ୍‌ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦିଆଯାଉ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପଛୁଆବର୍ଗଙ୍କ ଲାଗି ବିଶ୍ୱାସଘାତକତା। ରାଜ୍ୟ ସରକାରଙ୍କ ଦ୍ୱାରା ଏ ସମ୍ବନ୍ଧରେ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି, ଏହା କେବଳ ଅଣବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ସରକାରଙ୍କ ତରଫରୁ ପଛୁଆ ବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି ସେଠାରେ ଥିବା ଆସନଗୁଡ଼ିକ ପ୍ରାୟତଃ ଖାଲି ପଡୁଛି। ଖାଲି ପଡୁଥିବା ଆସନଗୁଡିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା ଧୋକା ଓ ପ୍ରବଞ୍ଚନା। ତେଣୁ ରାଜ୍ୟର ସବୁ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କ ନିମନ୍ତେ ୨୭% ଆସନ ସଂରକ୍ଷଣ ଲାଗୁକରିବା ପାଇଁ ବିଜେଡି ଦାବି କରିଛି।

ସେହିପରି ଆସନ୍ତା ୨୨ରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବା ନେଇ ଘୋଷଣା କରିଛି। ଶିକ୍ଷା ସହ ନିଯୁକ୍ତି କ୍ଷେତ୍ରରେ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ଲାଗୁ କରିବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। ସେ ଦାବି କରିଛନ୍ତି, ରାଜ୍ୟରେ ସମ୍ବିଧାନର ନିୟମାନୁଯାୟୀ ସଂରକ୍ଷଣ ନୀତି ଲାଗୁ ହେଉ। ସାମାଜିକ ନ୍ୟାୟ ନୀତିଗୁଡ଼ିକ କାର୍ଯ୍ୟକାରୀ ହେଉ ବୋଲି ସେ କହିଛନ୍ତି।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

### GROOM WANTED

Beautiful Khandayat Girl, 1998, 5'4", M.Sc., Serving Officer State Govt. "SUNASANSAR". 9937512659. D-76267

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636



## REAL ESTATE

### SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883. D-76270

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

Executive Corporate Office / Institute Furniture Setup for Immediate Sale. 8820512365. D-591

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397



## FOR RENT

For rent basic JCV, PC-71 & PC-130 L & T Kamsatu Government work, Private work & Comany work. Contact: 9178924698. D-608

14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730



## Healthcare

Newly open health benefits SPA by expert therapist. Contact- 8280961126. D-76913

Full body massage by odia therapist in homely atmosphere. 9556498382. D-75386

Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Bikram Panda, S/o- Late Peetabas Panda, resident of at Plot No.- 682/683, Flat No.- 1/102, Aditya VIP Enclave; Shanti Nagar, Jharapada, P.S.- Laxmi Sagar, Bhubaneswar-751006, Dist.- Khordha, Odisha declare by this affidavit No.-52, dated 16.05.2025 that now onwards I shall be known as BIKRAMA KESHARI PANDA for all future purposes. D-85387

By virtue of an affidavit sworn before the Executive Magistrate, Boudh, No.-829, dated 19.05.25, I, Akshya Mesua, R/o. Village- Polam, P.O.- Janhapank, P.S./Dist.- Boudh declare that I have changed my son's name from Premanda Mesua to Premananda Mesua. Henceforth, he shall be known as Premananda Mesus for all purposes.
Akshya Mesua D-644

By virtue of an affidavit sworn before Notary Public, Jatni, dated 18.05.2025, I, Karishma Patel, W/o- Deepak Kumar Patel, At- Bhagabati Colony, Ramchandrapur Bazar, Jatni, Dist.- Khordha, 752050 declare that I have changed my name from Limbani Karishma Gopal to Karishma Patel. Henceforth, I shall be known as Karishma Patel for all purposes.
Karishma Patel. D-643

By virtue of an affidavit dated 16.05.2025 sworn before the Executive Magistrate, Salipur, I, Om Prakash Dash, At- Jerakanda, P.O.- Rahania, P.S.- Mahanga, Dist.- Cuttack declare that I have changed my son's name Sai Prasad Dash to Tanmaya Kumar Dash. Henceforth, he shall be known as Tanmaya Kumar Dash for all purposes. D-633

By virtue of an affidavit sworn before the Executive Magistrate, Boudh, No.-837, dated 19.05.25, I, Jogeswar Naik, R/o. Boudh Town (Keutasahi), P.O./P.S./ Dist.- Boudh, Odisha, PIN- 762014 declare that I have changed my son's name from Pritam Kumar Naik to Pritam Naik. Henceforth, he shall be known as Pritam Naik for all purposes.
Jogeswar Naik D-631

I, CHANDRO MAJHI, S/o- Kuanra Majhi, At- Umadeipur, P.O.- Pandhada, P.S.- Jharpokharia, Dist.- Mayurbhanj have changed my & my father name to CHANDRA MAJHI, S/o- Kuanr Majhi. By virtue of affidavit dated on 29.04.2025 sworn before the Executive Magistrate, Baripada, Mayurbhanj. D-630

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before the Executive Magistrate, DARPAN, dated 17.05.2025, I, Dusmanta Dalai, Address: Vill- Upula, P.O.- Bantala, P.S.- Byree, Dist.- Jajpur, Odisha-754024 declare that I have changed my son's name from Omm Dalai to Dambarudhar Dalai. Henceforth, he shall be known as Dambarudhar Dalai for all purposes. D-629

By virtue of an affidavit sworn before Executive Magistrate, BBSR, dated 23.04.2025, I, Buli Choudhuri, Address: Vill- Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN- 761005 declare that I have changed my daughter's name from Yesmini Choudhiri to Jasmin Choudhuri. Henceforth, she shall be known as Jasmin Choudhuri for all purposes.
Buli Choudhuri D-628

By virtue of an affidavit sworn before Executive Magistrate, Bhubaneswar, dated 05.05.2025, I, Kasturi Pattnayak, Address: Plot- 392, Sahid Nagar, Bhubaneswar, PIN-751007 declare that I have changed to my name from Kasturi Baliarsingh to Kasturi Pattnayak. Henceforth, I shall be known as Kasturi Pattnayak for all purposes.
Kasturi Pattnayak D-627

By virtue of an affidavit sworn before Executive Magistrate, Bhubaneswar, CF No.-121, dtd. 20.05.2025, I, JAMMULA VENKAT PRASAD, S/o- Late JAMMULA KRISHNA RAO, resident of NA/207, Nilachakra Apartment near Old Railway Station, Bhubaneswar- 751006 declare that now onwards I shall be known as JAMMULA VENKATA PRASAD for all future purposes. D-637

By virtue of an affidavit sworn before the Executive Magistrate, Nuagaon, dated 08.05.2025, I, Bijuli Pradhan, Vill- Krushnaprasad, P.O.- Sikrida, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my daughter's name from Suni Sahoo to Soni Sahoo. Henceforth, she shall be known as Soni Sahoo for all future purpose.
Bijuli Pradhan D-638

By virtue of an affidavit sworn before the Executive Magistrate, Nuagaon, dated 20.05.2025, I, Rikina Behera, W/o- Pabitra Das, Vill- Ragadisahi, P.O.- Paradhipi. P.S.- Nuagaon, Dist.- Nayagarh, Odisha, PIN- 752094 declare that I have changed my name from Renkina Behera to Rikina Behera. Henceforth, she shall be known as Rikina Behera for all future purpose.
Rikina Behera D-642

By virtue of an affidavit (No.- 5069) sworn before Executive Magistrate, Bhadrak, dtd.19.05.2025, I, Omm Prakash Jena (19yrs.), S/o- Prasanta Kumar Jena, Vill- Birapada, P.O.- R.N. Betara, P.S.- Bhadrak(R), Dist.- Bhadrak declare that I have changed my name in my LIC Policy bearing No.- 589904697 from Priyabrata Jena to Omm Prakash Jena. Henceforth, I shall be known as Omm Prakash Jena for all purposes. D-646

By virtue of an affidavit sworn before the Notary Public, Junagarh, I, Jashobant Sabar, S/o- Sudarshan Sabar, R/o. Village- Bandibasul, P.O.- Naktiguda, P.S.- Junagarh, Dist.- Kalahandi, Odisha, PIN- 766023 declare that I have changed my name from Dushmanta Sabar to Jashobant Sabar. Henceforth, I shall be known as Jashobant Sabar for all future purposes.
Jashobant Sabar D-641

By virtue of an affidavit sworn before the Notary Public, Nuapada, No.-640, dated 20.05.25, I, Sabita Majhi, D/o- Lupsinga Majhi, R/o. Maraguda, P.O.- Patora, P.S./Dist.- Nuapada, Odisha, PIN- 766105 declare that I have changed my name from Barsa Majhi to Sabita Majhi. Henceforth, I shall be known as Sabita Majhi for all purposes.
Sabita Majhi D-640

By virtue of an affidavit No.827, dated 16.05.25 sworn before the Executive Magistrate, Boudh, I, Deepa Sahu formerly called Dipanjali Sahoo, D/o- Sambhu Sahu, R/o. Village- Palas, P.O.- Butupali, P.S./Dist.- Boudh, Odisha, PIN- 762014 declare that I have changed my name from Dipanjali Sahoo to Deepa Sahu. Henceforth, I shall be known as Deepa Sahu for all purposes.
Deepa Sahu D-635

By virtue of an affidavit sworn before the Executive Magistrate, Thuamul Rampur, dated 20.05.2025, I, Hansamani Dei formerly called Hamsamani Naik, W/o- Bayamani Naik, R/o. Village/P.O./P.S.- Th. Rampur, Dist.- Kalahandi, Odisha, PIN- 766037 declare that I have changed my name from Hamsamani Naik to Hansamani Dei. Henceforth, I shall be known as Hansamani Dei for all future purposes.
Hansamani Dei D-645

## LEGAL NOTICE

**NOTICE UNDER ORDER V, RULE 20 C.P.C.**

**IN THE COURT OF SENIOR CIVIL JUDGE, L.R. & L.T.V., SAMBALPUR**

Civil Suit No.- 317 of 2014
Smt. Pheni @ Kuili Dharai.
....Plaintiff
Versus
Smt. Saraswati Rana and others.
.....Defendants

20. Manoranjan Bhukta, aged about 58 years, S/o- Late Keshab Bhukta, Occup -Service, by caste- Khandayat, R/o-Qr. No.-2-RB/21, near Nursing Hostel, Burla, P.O./P.S.- Burla, Tahasil and Dist.- Sambalpur.
22. Mumtaz Begum, age not known, W/o-Sheikh Asik, R/o- at Burla, I.R.202, near Doctors' Colony, P.O./P.S.- Burla, District-Sambalpur.

Whereas the Plaintiff has filed the above suit against you and summons through Court and by Registered Post have been issued against you but you have avoided to receive the same. Hence this Court thinks it proper to serve the notice under Order V Rule 20 A C.P.C. by publishing in a daily newspapers.

Take notice that the case is fixed on 25th June 2025 at 10.00 A.M. for appea rance and filing Written Statement. If you fail to appear in Court on the said date personally or through your Advocate, the case will be decided in your absence.

Given under my hand and seal of this Court this 15th day of May of 2025.

**Sd./- Senior Civil Judge, L.R.& L.T.V., Sambalpur** D-632

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ମନେ ପଡ଼ନ୍ତି**

**ବିଂଶ ଶ୍ରାଦ୍ଧବାର୍ଷିକୀ**



**୰ସୀତାନାଥ ନନ୍ଦ**
ଗାନ୍ଧୀମାର୍ଗ, ଆଠଗଡ଼

ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଅମୃତମୟ ଆଶୀର୍ବାଦ ଭିକ୍ଷାରେ:
ସ୍ତ୍ରୀ, ଝିଅ, ଭୌ, ପୁଅ, ପିଏମ୍,
ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂମାନେ।
ଧ-୬୨୫



## ଧାନଚାଷ ପାଇଁ ପ୍ରସ୍ତୁତି

ଧାନଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣି ସାରି ଥରେ ମଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ଏକ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ। ତଳିପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳିପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ। ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଡିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ ।



## ରଜନୀଗନ୍ଧାରେ ସାର ପ୍ରୟୋଗ

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ...



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ସଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ।

# ବିନା ମାଟିରେ ସବୁଜ ଗୋଖାଦ୍ୟ ଉତ୍ପାଦନ



କେଶବ କୁମାର ମହାପାତ୍ର

ଗୋମହିଷାଦି ପ୍ରାଣୀମାନଙ୍କ ପାଇଁ ସବୁଜ ଗୋଖାଦ୍ୟ ବା ଘାସ ହେଉଛି ମୁଖ୍ୟ ଖାଦ୍ୟ। ସେମାନଙ୍କର ଖାଦ୍ୟସାରଣୀରେ ସବୁଜ ଗୋଖାଦ୍ୟ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଦାନାର ପରିମାଣକୁ ହ୍ରାସକରେ ଏବଂ ଲାଭର ପରିମାଣ ବୃଦ୍ଧି ଘଟିଥାଏ। କିନ୍ତୁ ପାରମ୍ପରିକ ସବୁଜ ଗୋଖାଦ୍ୟ ବା ଘାସ ଉତ୍ପାଦନ କ୍ଷେତ୍ରରେ କିଛି ସମସ୍ୟା ରହିଛି । ସେଗୁଡିକ ହେଲା-

- ଅଧିକ ଜମି ଆବଶ୍ୟକତା।
- ଜଳର ଅଭାବ।
- ଅଧିକ ଶ୍ରମ ଆବଶ୍ୟକତା।
- ଅଧିକ ଦିନ ଅମଳ ସମୟ (୪୫ ରୁ ୬୦ ଦିନ)।
- ବର୍ଷ ସାରା ସମାନ ଗୁଣବତ୍ତାର ସବୁଜ ଗୋଖାଦ୍ୟ ଉପଲବ୍ଧ ହୋଇ ନ ଥାଏ।
- ଖତ ଏବଂ ସାରର ଆବଶ୍ୟକତା ରହିଥାଏ ।
- ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାଏ।
- ରୋଗ ଏବଂ କୀଟ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥାଏ।

କିନ୍ତୁ ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ କ୍ଷେତ୍ରରେ ଏହା ସବୁଜଗୃହରେ ନିୟନ୍ତ୍ରିତ ପରିବେଶରେ ଉତ୍ପାଦିତ ହୁଏ।

- ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ବିନା ମାଟିରେ ପ୍ଲାଷ୍ଟିକ ଟ୍ରେ ଚାଷ ହୋଇଥାଏ।
- ଏଥିପାଇଁ ବହୁ କମ୍ ସ୍ଥାନ ଆବଶ୍ୟକ ହୋଇଥାଏ।
- ସାର ଏବଂ କୀଟନାଶକର ଆବଶ୍ୟକ ନାହିଁ ।
- ଜଳ ଏବଂ ବିଦ୍ୟୁତ୍‌ର ଆବଶ୍ୟକତା ବହୁ କମ୍ ଥାଏ।
- ବହୁ କମ୍ ମଜୁରି ଖର୍ଚ୍ଚ ହୋଇଥାଏ।
- ଅମଳ କରିବାର ଅବଧି ବହୁତ କମ୍ (୮-୧୦ ଦିନ) ହୋଇଥାଏ।

**ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ଉତ୍ପାଦନ ବ୍ୟବସ୍ଥା**

ହାଇଡ୍ରୋପୋନିକ୍ସ ପଦ୍ଧତିରେ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ଆଲୋକ, ତାପମାତ୍ରା, ଆର୍ଦ୍ରତା ଏବଂ ଜଳସେଚନର ସୁବିଧା ସହ ସବୁଜ ଗୃହନିର୍ମାଣ କରାଯାଏ। ସବୁଜଘରର ଆକାର ୮'X୮'X୮' । ଏଥିରେ ୮ ରୁ ୧୦ ଦିନ ଚକ୍ରରେ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ଏହା ମଧ୍ୟରେ ୪ ଧାଡ଼ିରେ ୪୮ଟି ଟ୍ରେ ରଖିବାର ବ୍ୟବସ୍ଥା ହୋଇଥାଏ । ମକା, ଓଟ୍ , ଗହମ, ବାର୍ଲିମଞ୍ଜି ୮୫% ଗଜା ହେଉଥିଲେ ଅଧିକ ଉତ୍ପାଦନ ହୋଇଥାଏ। ୨୪ ଘଣ୍ଟା ଭିଜାଇବା ଓ ୨୪ଘଣ୍ଟା ଅଖାରେ ଗୁମ ଦେବା ସମୟକୁ ବାଦ୍ ଦେଇ କେବଳ ୧ କି.ଗ୍ରା. ବିହନରୁ ୮ଦିନରେ ୭-୮ କେଜି ସବୁଜ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ମୂଳ, ମଞ୍ଜି ଏବଂ ଗଛକୁ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇଥାଏ। ଏଥିରେ ଅଧିକ ପ୍ରୋଟିନ, ଚର୍ବି, ଦ୍ରବୀଭୂତ କାର୍ବୋହାଇଡ୍ରେଟ୍ ଥାଏ। କିନ୍ତୁ ଫାଇବର, ମୋଟ ପାଉଁଶ ଏବଂ ଏସିଡ୍ ଦ୍ରବୀଭୂତ ପାଉଁଶ କମ୍ ପରିମାଣରେ ଥାଏ।

"ହାଇଡ୍ରୋପୋନିକ୍ସ ପଦ୍ଧତିରେ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ଆଲୋକ, ତାପମାତ୍ରା, ଆର୍ଦ୍ରତା ଏବଂ ଜଳସେଚନର ସୁବିଧା ସହ ସବୁଜ ଗୃହନିର୍ମାଣ କରାଯାଏ। ସବୁଜଘରର ଆକାର ୮'X୮'X୮' । ଏଥିରେ ୮ ରୁ ୧୦ ଦିନ ଚକ୍ରରେ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ଏହା ମଧ୍ୟରେ ୪ ଧାଡ଼ିରେ ୪୮ଟି ଟ୍ରେ ରଖିବାର ବ୍ୟବସ୍ଥା ହୋଇଥାଏ । ମକା, ଓଟ୍ , ଗହମ, ବାର୍ଲିମଞ୍ଜି ୮୫% ଗଜା ହେଉଥିଲେ ଅଧିକ ଉତ୍ପାଦନ ହୋଇଥାଏ। ୨୪ ଘଣ୍ଟା ଭିଜାଇବା ଓ ୨୪ଘଣ୍ଟା ଅଖାରେ ଗୁମ ଦେବା ସମୟକୁ ବାଦ୍ ଦେଇ କେବଳ ୧ କି.ଗ୍ରା. ବିହନରୁ ୮ଦିନରେ ୭-୮ କେଜି ସବୁଜ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ମୂଳ, ମଞ୍ଜି ଏବଂ ଗଛକୁ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇଥାଏ।"



**ସବୁଜ ଗୃହ ନିର୍ମାଣର ଆନୁମାନିକ ଖର୍ଚ୍ଚ ଅଟକଳ**

**ଫାଇବର ଫ୍ରେମ୍‌ର ମୂଲ୍ୟ**

- ପାଇପ୍ ଯୋଡ଼ିବା ପାଇଁ ୧୫୦ଟି (T&L) ସହ ୩୫୦ ଫୁଟ ଫାଇବର ପାଇପ -୧୦,୦୦୦ ଟଙ୍କା
- ପଲିଥିନ ସିଟ୍ ୪୦୦ ବର୍ଗଫୁଟ (ତିନିକଡ ଏବଂ ନିମ୍ନଭାଗ ଘୋଡ଼ାଇବା ପାଇଁ) - ୧,୦୦୦ ଟଙ୍କା
- ସବୁଜ ଆଗ୍ରିନେଟର ମୂଲ୍ୟ (ସବୁଜ ଗୃହକୁ ଆଚ୍ଛାଦନ କରିବା ପାଇଁ )-୨୫୦୦ଟଙ୍କା
- ମାଇକ୍ରୋ ସ୍ପ୍ରିଙ୍କଲର ମୂଲ୍ୟ - ୨,୫୦୦ଟଙ୍କା

ଗୋଟିଏ ଟ୍ରେ'ର ମୂଲ୍ୟ -୨୦୦ଟଙ୍କା।

- ଆର୍ଦ୍ରତା ଓ ତାପମାତ୍ରା ମାପିବା ପାଇଁ (ହାଇଗ୍ରୋମିଟର ଇତ୍ୟାଦି )- ୧୫୦୦ଟଙ୍କା।
- ସବୁଜ ଗୃହ ନିର୍ମାଣ କରିବା ପାଇଁ ପାରିଶ୍ରମିକର ମୂଲ୍ୟ : ୨,୫୦୦ଟଙ୍କା।
- ମୋଟ ଖର୍ଚ୍ଚ : ପାଖାପାଖି ୩୦,୦୦୦ଟଙ୍କା।

**ବାର୍ଷିକ ଗୋଖାଦ୍ୟ ଉତ୍ପାଦନର ଅଟକଳ**

ପ୍ରତି ଟ୍ରେରେ ୧ କିଲୋଗ୍ରାମ ବିହନରୁ ୭-୮ କିଲୋଗ୍ରାମ ସବୁଜ ଗୋଖାଦ୍ୟ ୮-୧୦ ଦିନ ମଧ୍ୟରେ ଉତ୍ପାଦିତ ହେବ। ତେଣୁ ପ୍ରତିଦିନ ୬ ଟ୍ରେ X ୮କିଲୋଗ୍ରାମ = ୪୮ କିଲୋଗ୍ରାମ ଉତ୍ପାଦନ ହେବ। ଗୋଟିଏ ମାସରେ ୪୮ କିଲୋଗ୍ରାମ X୩୦ କୁଇଣ୍ଟାଲ ୧୬.୮୦ ବାର୍ଷିକ ୧୬.୮୦X୧୨ ମାସ = ୨୦୦ (ବାର୍ଷିକ ପାଖାପାଖି ୨୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଉତ୍ପାଦନ ହେବ। )ଏହି ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ଚାଷ ପ୍ରଣାଳୀ ଗ୍ରହଣକରି ଭୂମିହୀନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଉପକୃତ ହେବେ ଏବଂ ଅନ୍ୟ କୃଷକମାନେ ମଧ୍ୟ ସବୁଜ ଗୋଖାଦ୍ୟ ନିଅଣ୍ଟିଆ ସମୟରେ ସବୁଜ ଗୋଖାଦ୍ୟ ଉତ୍ପାଦନ କରିପାରିବେ।

-ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨-୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

## କୁକୁଡ଼ା ପାଳନ

ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା



ଦିଅନ୍ତୁ । କୁକୁଡ଼ାଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଟାଙ୍ଗିବାର ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ ।

# ଖରାଦିନେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)



ପ୍ରାଣୀଙ୍କୁ ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକମାନ ବଢ଼ାଇବା ପାଇଁ ୨ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ ।

**ପ୍ରଥମ ପ୍ରଣାଳୀ :** ନଡ଼ାକୁ ୩-୫ ସେମି ଲମ୍ବର ଚାଫ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ। ତା'ପରେ ଏହି ନଡ଼ାଖଣ୍ଡକୁ ପାଣିରୁ ଛାଣିବା ପରେ ୨ ଘଣ୍ଟା ଶୁଖାନ୍ତୁ। ତା'ପରେ ମକାଗୁଣ୍ଡ, ମିନେରାଲ ମିକ୍ସକରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ନଡ଼ା ଧୋଇ ଖାଇବାକୁ ଦେବା ଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ୍ୟ ନଡ଼ାରୁ ମଇଳା ବାହାରି ଯାଇଥାଏ ଏବଂ ଅଧିକ ନଷ୍ଟ ହୋଇ ନ ଥାଏ ।

**ଦ୍ୱିତୀୟ ପ୍ରଣାଳୀ :** ୟୁରିଆ ମିଶ୍ରିତ ନଡ଼ା ଉପଚାର । ଆବଶ୍ୟକ ଉପାଦାନ : ୧. ୟୁରିଆ ସାର ୪କେ.ଜି., ୨. ପରିଷ୍କାର ପାଣି ୫୦ଲିଟର, ୩. ନଡ଼ା କଟାଖଣ୍ଡ ୪-୫ସେ.ମି. ଲମ୍ବ ୧୦୦ କେ.ଜି।

**ପ୍ରସ୍ତୁତି :** ପ୍ରଥମେ ଏକ ପାତ୍ରରେ ୪କେ.ଜି. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରାଯାଉ । ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ । ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ । ଗୋଡ଼ ଦ୍ୱାରା ନଡ଼ା ଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ । ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନ ଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ରଖାଯାଇଥାଏ।

**ସାବଧାନତା**

- ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ।
- ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ।
- ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପିରଖନ୍ତୁ।
- ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନ ଦ୍ୱାରା ନିବୁଜ ରଖନ୍ତୁ।

ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକ୍ରିୟା ଘଟିବା ପରେ ନଡ଼ାର ଗୁଣାତ୍ମକ ମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ ।

**ଖୁଆଇବା ପରିମାଣ**

**ପଡ଼ିଆ ଗାଈ :** ୪-୬ କେ.ଜି. ଦୈନିକ ହିସାବରେ ଖାଇଲେ, ତାହା ଶରୀରର ସମସ୍ତ ଶକ୍ତି ଏବଂ ପୁଷ୍ଟିସାର ଚାହିଦା ମେଣ୍ଟାଇଥାଏ ।

**ଦୁଧିଆଳୀ ଗାଈ :** ୪-୫କେ.ଜି. ୟୁରିଆ ଉପଚାର ନଡ଼ା ୫୦୦ଗ୍ରାମରୁ ୧କେ.ଜି. ସୁଷମ ଦାନାର ପରିମାଣ କମାଇ ଦିଏ କିମ୍ବା ୧ କେ.ଜି.ରୁ ଦେଢ଼ କେ.ଜି. କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ । ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲ୍‌ବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି। ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି । ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ବାଛୁରୀଙ୍କୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।

**-ଡା. ବୀରକିଶୋର ପରିଡ଼ା,**
ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୨୧/୨୦୨୫ Bhubaneswar, Wednesday, May 21/ 2025

# ବିଜୟ ସହ ରାଜସ୍ଥାନ ଅଭିଯାନ ଶେଷ

ନୂଆଦିଲ୍ଲୀ,୨୦।୫

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ରାଜସ୍ଥାନ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ ମହାତ୍ରେ ୪୩ (୮ ଚୌକା ଓ ୧ ଛକା), ଡେୱାଲ୍ଡ ବ୍ରେଭିସ ୪୨ (୨ ଚୌକା ଓ ୩ ଛକା) ଓ ଶିବମ ଦୁବେ ୩୯ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଯୁଦ୍ଧବୀର ସିଂ ଚରକ ଓ ଆକାଶ ମାଧ୍ୱାଲ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ୧୭.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ସୂର୍ଯ୍ୟବଂଶୀ ୫୭ (୪ ଲେଖାଏ ଚୌକା ଓ ଛକା), ଅଧିନାୟକ ସଞ୍ଜୁ ସାମସନ ୪୧ (୩ ଚୌକା ଓ ୨ ଛକା), ଯଶସ୍ୱୀ ଜୟସ୍ୱାଲ ୩୬ (୫ ଚୌକା ଓ ୨ ଛକା), ଧ୍ରୁବ ଜୁରେଲ ଅପରାଜିତ ୩୧ (୨ ଚୌକା ଓ ୩ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ ଉଇକେଟ ନେଇଥିଲେ।


ବୋଲିଂ ଆକ୍ସନ୍‌ରେ ଯୁଦ୍ଧବୀର ସିଂ ଚରକ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୮୭/୮ (ଆୟୁଷ ମହାତ୍ରେ–୪୩, ଡେୱାଲ୍ଡ ବ୍ରେଭିସ–୪୨, ଶିବମ ଦୁବେ–୩୯, ଯୁଦ୍ଧବୀର ସିଂ ଚରକ–୩/୪୭, ଆକାଶ ମାଧୱାଲ–୩/୨୯)। ରାଜସ୍ଥାନ ରୟାଲ୍ସ: ୧୭.୧ ଓଭରରେ ୧୮୮/୪ (ବୈଭବ ସୂର୍ଯ୍ୟବଂଶୀ–୫୭, ସଞ୍ଜୁ ସାମସନ–୪୧, ଯଶସ୍ୱୀ ଜୟସ୍ୱାଲ–୩୬, ରବିଚନ୍ଦ୍ରନ ଅଶ୍ୱିନ–୨/୪୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | –୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | –୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | –୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | –୧.୦୩୦ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ଦିଲ୍ଲୀ**

**ସ୍ଥାନ: ମୁମ୍ବାଇ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଜାନୁଆରୀ ୫ରୁ ହକି ଇଣ୍ଡିଆ ଲିଗ୍

**ନଏଡ଼ା, ୨୦।୫ (ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏସ୍‌ଆଇଏଲ)ର ୨୦୨୬ ସଂସ୍କରଣ ଜାନୁଆରୀ ୫ରୁ ଆରମ୍ଭ ହେବ। ଜାତୀୟ ମହାସଂଘର ସାଧାରଣ ସମ୍ପାଦକ ଭୋଲା ନାଥ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ହକି ଇଣ୍ଡିଆ ଲିଗ୍ ୭ବର୍ଷ ବ୍ୟବଧାନରେ ଗତବର୍ଷ ଡିସେମ୍ବର ୨୮ରୁ ଚଳିତବର୍ଷ ଫେବ୍ରାରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଚ୍‌ଆଇଏଲର ସମୟ ସ୍ଥିରୀକୃତ ହୋଇସାରିଛି। ପୁରୁଷ ବିଭାଗରେ ପୂର୍ବ ଭଳି ୮ଟି ଦଳ ଭାଗ ନେବେ। ମହିଳା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିବେ। ଗତବର୍ଷ ତୁଳନାରେ ଏଥିରେ ଦୁଇଟି ଅଧିକ ଦଳ ଭାଗ ନେବେ। ଟୁର୍ନାମେଣ୍ଟର ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ। ସମସ୍ତ ଅଂଶୀଦାରଙ୍କ ସହିତ ଆଲୋଚନା ପରେ ଯାଇ ଏହା ଘୋଷଣା କରାଯିବ। ହକି ଇଣ୍ଡିଆ ଓ ଅମିଟି ଅନ୍‌ଲାଇନ୍ ଏଜୁକେଶନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ସିଂ ଏହି ସବୁ ସୂଚନା ଦେଇଛନ୍ତି। ବିଦେଶୀ ଖେଳାଳିମାନଙ୍କ ଭାବନା ଓ ଖ୍ରୀଷ୍ଟମାସ ପାଳନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ହକି ଇଣ୍ଡିଆ ଲିଗ୍ ଜାନୁଆରୀ ୫ରୁ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଗତ ଏଚ୍‌ଆଇଏଲ୍‌ରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଉପରେ କେତେଜଣ ବିଦେଶୀ ଖେଳାଳିଙ୍କର ପ୍ରାପ୍ୟ ବାକିଥିବା ବିଷୟ ରିପୋର୍ଟରେ ଯାହା ପ୍ରକାଶ ପାଇଛି ସେ ତାହାର ଖଣ୍ଡନ କରିଥିଲେ। ହକି ଇଣ୍ଡିଆର ଗାଇଡ୍ ଲାଇନ୍ ଅନୁସାରେ ଏକ ଫ୍ରାଞ୍ଚାଇଜ ଏହାର ଟପ୍ ୧୨ ଖେଳାଳିଙ୍କୁ ରିଟେନ କରି ଅବଶିଷ୍ଟଙ୍କୁ ନିଲାମ ପାଇଁ ଛାଡ଼ି ପାରିବ। ମଙ୍ଗଳବାର ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁସାରେ ଦେଶର ଖେଳାଳିମାନେ କୌଣସି ପ୍ରଫେସନାଲ କିମ୍ବା ଆଣ୍ଡର ଗ୍ରାଜୁଏଟ୍ କୋର୍ସ ପାଇଁ ଆମିଟି ୟୁନିଭର୍ସିଟିରୁ ଏକାଡେମିକ୍ ସ୍କଲାରଶିପ୍ ପାଇ ପାରିବେ।

# ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ ୨୫ରୁ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)

**ଟ୍ରଫି ଉନ୍ମୋଚିତ, ଭାଗନେବେ ୮ ଦଳ**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ଭୁବନେଶ୍ୱର ଓ କଟକର ପ୍ରତିଷ୍ଠିତ ୮ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। ଖେଳାଳିମାନେ ପାରମ୍ପରିକ ଧଳା ପୋଷାକ ପରିଧାନ କରିବେ ଏବଂ ନାଲି ବଲ୍‌ରେ ଟୁର୍ନାମେଣ୍ଟ ଖେଳାଯିବ। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ ୫୦,୦୦୦ ଓ ରନରଅପ୍ ଦଳକୁ ୩୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ମ୍ୟାଚ, ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଏବଂ ବିଭିନ୍ନ ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ବି. ଦେବୀଦତ୍ତ ବାବୁ, ସୁଧୀର ପରିଡ଼ା, ପ୍ରସନ୍ନ ନରେନ୍ଦ୍ର ଓ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଥିଲେ। ୨୫ ତାରିଖରେ ରାଇଜିଂ ଷ୍ଟୁଡେଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୨୬ରେ ପ୍ରଗତି–ୟୁନିୟନ ସ୍ପୋର୍ଟିଂ, ୨୭ରେ ପାରାମାଉଣ୍ଟ–ସହିଦ ସ୍ପୋର୍ଟିଂ ଏବଂ ୨୮ରେ ମୁକ୍ତେଶ୍ୱର ଓ ଟାଉନ୍ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ୨୯ ଓ ୩୦ରେ ଦୁଇ ସେମିଫାଇନାଲ ଏବଂ ଜୁନ୍ ୧ରେ ଫାଇନାଲ ଅନୁଷ୍ଠିତ ହେବ।

# 'ଦି ୱାର୍ଲ୍ଡ ବିପକ୍ଷ' ମ୍ୟାଚ୍ ଡ୍ର ରଖିଲେ କାର୍ଲସେନ

**ବର୍ଲିନ,୨୦।୫ (ଏପି):** ବିଶ୍ୱର ୧.୪୩ ଲକ୍ଷଠାରୁ ଅଧିକ ଲୋକଙ୍କୁ ନେଇ ଗଠିତ ଦି ୱାର୍ଲ୍ଡ ବିପକ୍ଷରେ ଖେଳାଯାଇଥିବା ଅନ୍‌ଲାଇନ ଚେସ୍ ମ୍ୟାଚ୍‌କୁ ନରୱେର ଚେସ୍ ଗ୍ରାଣ୍ଡମାଷ୍ଟର ମାଗ୍ନସ କାର୍ଲସେନ ଡ୍ର' ରଖିଛନ୍ତି। ବିଶ୍ୱର ସବୁଠୁ ବଡ଼ ଚେସ୍ ୱେବସାଇଟ୍ ଚେସ୍ ଡଟ୍ କମ୍‌ରେ ଗତ ୪ ତାରିଖରେ ଏହି ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ଥର ପାଇଁ ଏକ ଅନ୍‌ଲାଇନ ଫ୍ରିଷ୍ଟାଇଲ ମ୍ୟାଚ୍‌ରେ ଜଣେ ୱାର୍ଲ୍ଡ ଚାମ୍ପିୟନ ସ୍ଥାନ ପାଇଥିଲେ। ଏହି ଐତିହାସିକ ମ୍ୟାଚ୍ ଟିମ ୱାର୍ଲ୍ଡ, କାର୍ଲସେନଙ୍କୁ ୩ ଥର ଚେକ୍ ଦେବା ପରେ ଡ୍ର'ରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ରେ କାର୍ଲସେନ ବଡ଼ ବ୍ୟବଧାନରେ ଜିତିବେ ବୋଲି ଆଶା କରାଯାଉଥିଲା। କାର୍ଲସେନ ଧଳା ଗୋଟିରେ ଖେଳିଥିବା ବେଳେ ଟିମ ୱାର୍ଲ୍ଡର ସଦସ୍ୟମାନେ ପ୍ରତ୍ୟେକ ମୁଭ ଲାଗି ଭୋଟ କରିଥିଲେ। ଆରମ୍ଭରୁ ଦି ୱାର୍ଲ୍ଡ' ଖୁବ୍ ଭଲ ଖେଳିଥିଲା। ଯଦିଓ ସେମାନେ ଅଧିକ ସାହସୀ ବିକଳ୍ପ ବାଛି ନ ଥିଲେ, କିନ୍ତୁ ସାଧାରଣ ଚେସ୍ ଖେଳିଥିଲେ; ଯାହା କି ସର୍ବଦା ଶ୍ରେଷ୍ଠ ଷ୍ଟ୍ରାଟେଜି ନୁହେଁ। କିନ୍ତୁ ଏହା ଏଥର କାମ ଦେଇଥିଲା ବୋଲି କାର୍ଲସେନ ଶୁକ୍ରବାର କହିଛନ୍ତି। ୩୪ ବର୍ଷୀୟ କାର୍ଲସେନ ୨୦୧୦ରେ ୧୯ ବର୍ଷ ବୟସରେ ବିଶ୍ୱର ନଂ–୧ ଖେଳାଳି ହେବାର ସଫଳତା ପାଇଥିଲେ।

# ଗେଟ୍‌ବଲ୍‌ରେ ଭାଗନେବେ ଓଡ଼ିଶାର ୪ ଖେଳାଳି


ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)

**ୱାର୍ଲ୍ଡ ମାଷ୍ଟର୍ସ ଗେମ୍**

ତାଇୱାନର ତାଇପେଠାରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ ଚଳିତ ମାସ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଗେଟ୍‌ବଲ୍ ୟୁନିୟନ (ଆଇଜିୟୁ) ପକ୍ଷରୁ ଓଡ଼ିଶାର ୪ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀନ କୁମାର ଷଡ଼ଙ୍ଗୀ। ମନୋନୀତ ଖେଳାଳିମାନେ ମଙ୍ଗଳବାର ତାଇୱାନ ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଟିମ୍ ଇଭେଣ୍ଟ ସହିତ ଡବଲ୍ସ ଓ ଟ୍ରିପଲ୍ସ ବିଭାଗରେ ମ୍ୟାଚ ଖେଳାଯିବ। ଓଡ଼ିଶା ଖେଳାଳିମାନେ ପ୍ରତି ବିଭାଗରେ ଅଂଶଗ୍ରହଣ କରିବେ ବୋଲି ଆଇଜିୟୁର ମୁଖପାତ୍ର ଦିଲୀପ ଦାସ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଚଳିତବର୍ଷ ପ୍ରଥମଥର ପାଇଁ ଗେଟ୍ ବଲ୍‌କୁ ସାମିଲ କରାଯାଇଛି। ଖେଳାଳିମାନଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ କୁମାର ପରିଡ଼ା, ସମ୍ପାଦକ ରଞ୍ଜନ କୁମାର ପାତ୍ର, ଗିରିଜା ନାୟକ, ଏଜାଜ ଅହମଦ, ବ୍ରିଷ୍ଟିପ୍ରୀୟା ବେହେରା, ରଞ୍ଜିତାରାଣୀ ବେହେରା, ଅଳକା ରାୟ, ଅନିଲ ରଥ ଓ ଅଭିଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶିବ୍‌ପାଲ ପୁଣି ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ଅଲିମ୍ପିଆନ ଜାଭେଲିନ୍ ଥ୍ରୋୟର ଶିବପାଲ୍ ସିଂ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ହେଲେ ସେ ସର୍ବାଧିକ ୮ବର୍ଷ ବାସନ୍ଦ ଦଣ୍ଡ ପାଇବେ। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ଏହି ୨୯ ବର୍ଷୀୟ ଏହି ଆଥଲେଟଙ୍କଠାରୁ ଚଳିତବର୍ଷ ମୁତ୍ର ନମୁନା ସଂଗ୍ରହ କରାଯାଇଥିଲା। ସେତେବେଳେ ସେ ଏନ୍‌ଆଇଏସ୍ ପଟିଆଲାରେ ଟ୍ରେନିଂ ନେଉଥିଲେ। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡ଼ା) ଦ୍ୱାରା ସେ ବର୍ତ୍ତମାନ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ପୂର୍ବରୁ ୨୦୨୧ରେ ଶିବପାଲଙ୍କଠାରୁ ପ୍ରତିଯୋଗିତା ବାହାରେ ଡୋପ୍ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏକ ଷ୍ଟେରଏଡ୍ ପାଇଁ ତାଙ୍କର ପଜିଟିଭ ଆସିଥିଲା।

# ଏସୀୟ ଜୁ ଜିତଷୁ ପାଇଁ ଓଡ଼ିଶା ଦଳ ମନୋନୀତ

ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)

ଚଳିତ ମାସ ୨୩ରୁ ୨୫ ମଧ୍ୟରେ ୯ମ ଏସୀୟ ସିନିୟର ଜୁ ଜିତଷୁ ପ୍ରତିଯୋଗିତା ଜୋର୍ଡାନରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ମନୋନୀତ ଓଡ଼ିଶାର ୪ ପ୍ରତିଯୋଗୀ ମଙ୍ଗଳବାର ଜୋର୍ଡାନ ଯାତ୍ରା କରିଛନ୍ତି। ଗତ ଜାତୀୟ ସିନିୟର ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧି କରି ଏହି ଖେଳାଳି ମାନେ ପଦକ ହାସଲ କରିଥିଲେ। ଗତ ୪ଟି ଏସୀୟ ଜୁ ଜିତଷୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ତଥା ଗତ ଏସିଆନ ଗେମ୍ସ ରେ ଜୁ ଜିତଷୁ ଶୃଙ୍ଖଳାରେ ଭାଗ ନେଇଥିବା ଦେଶର ୧ ନମ୍ବର ଜୁ ଜିତଷୁ ଖେଳାଳି ଅନୁପମା ସ୍ୱାଇଁ ମହିଳା ୫୨ କେଜି ନି–ୱାଜା, କଣ୍ଟାକ୍ଟ ଓ ଫାଇଟ୍‌ରେ ଅଂଶଗ୍ରହଣ କରିବେ। ସେହିପରି ସରୋଜ ଯାନୀ ଓ ଦେବାଶିଷ ସାମନ୍ତରାୟ ନି–ୱାଜା ଓ କଣ୍ଟାକ୍ଟରେ ଏବଂ ସନ୍ତୋଷ ସିଂନି ୱାଜା ଓ ଫାଇଟିଂରେ ଅଂଶଗ୍ରହଣ କରିବେ। ଓଡିଶା ଜୁ ଜିତଷୁ ସଂଘ ତରଫରୁ ମଙ୍ଗଳବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଏହି ଖେଳାଳି ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରଯାଇଥିଲା। ଖେଳାଳି ମାନଙ୍କୁ ରାଜ୍ୟ ସରକାର ଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିବାରୁ ଜୁ ଜିତଷୁ ସଂଘ ତରଫରୁ ଓଡିଶା ରାଜ୍ୟ କ୍ରିଡା ବିଭାଗକୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ମନୋନୀତ ଓଡ଼ିଶାର ୪ ଖେଳାଳି।

# ଅହମ୍ମଦାବାଦରେ ଆଇପିଏଲ୍ ଫାଇନାଲ

**ନୂଆଦିଲ୍ଲୀ,୨୦।୫(ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲ ମ୍ୟାଚ୍ ଆସନ୍ତା ୩ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଫାଇନାଲ ପୂର୍ବରୁ କ୍ୱାଲିଫାୟର–୨ ମ୍ୟାଚ୍ ଜୁନ ୧ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ। କିନ୍ତୁ ପ୍ଲେଅଫ୍ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚ୍ ଯଥା କ୍ୱାଲିଫାୟର–୧ ଓ ଏଲିମିନେଟର ନୂଆ ଚଣ୍ଡିଗଡ଼ସ୍ଥିତ ମୁଲାନପୁରରେ ଯଥାକ୍ରମେ ମେ' ୨୯ ଓ ୩୦ ତାରିଖରେ ଖେଳାଯିବ। ଦେଶରେ ଧିରେ ଧିରେ ବର୍ଷା ଋତୁ ଆରମ୍ଭ ହେଉଥିବାରୁ ପାଣିପାଗକୁ ଦୃଷ୍ଟିରେ ରଖି ବିସିସିଆଇ ଆସନ୍ତା ୨୩ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ମଧ୍ୟରେ ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନ୍ତିମ ମ୍ୟାଚ୍ ଧୋଇ ଯାଇଥିଲା। ପାଣିପାଗ ଓ ଅନ୍ୟ ବିଷୟକୁ ଦୃଷ୍ଟିରେ ରଖି ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ପ୍ଲେଅଫ୍ ଲାଗି ନୂଆ ଭେନ୍ୟୁ ଚୟନ କରିଛି। ପ୍ଲେଅଫ୍ ପର୍ଯ୍ୟାୟ ଭଳି ଲିଗ୍ ପର୍ଯ୍ୟାୟର ବଳକା ମ୍ୟାଚ୍ ପାଇଁ ପ୍ଲେଇଂ କଣ୍ଡିଶନ ଲାଗି ଏକ ଅତିରିକ୍ତ ଘଣ୍ଟା ଦିଆଯିବ ବୋଲି ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

# ରାଠୀ ଗୋଟିଏ ମ୍ୟାଚ ପାଇଁ ସସ୍‌ପେଣ୍ଡ

**ଲକ୍ଷ୍ନୌ, ୨୦।୫ (ପି.ଟି.):** ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଓପନର ଅଭିଷେକ ଶର୍ମାଙ୍କୁ ଆଉଟ କରିବା ପରେ ତାଙ୍କ ସହିତ ବଚସା ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଲେଗ୍ ସ୍ପିନର ଦିଗ୍‌ଭେଶ ସିଂ ରାଠିଙ୍କୁ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ଡିମେରିଟି ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚି ଯାଇଥିବାରୁ ଅହମ୍ମଦାବାଦରେ ଗୁଜରାଟ ଟାଇଟନ୍ସ ବିପକ୍ଷ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସ୍‌ଜି)ର ପରବର୍ତ୍ତୀ ମୁକାବିଲାରେ ଖେଳିବାରୁ ସେ ବଞ୍ଚିତ ହୋଇଛନ୍ତି। ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆଇପିଏଲ୍ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କୁ ତାଙ୍କ ମ୍ୟାଚ ଫିର ୫୦ ପ୍ରତିଶତ ଜରିମାନା ହୋଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ